୬ ପୁଣି ଖେଳାଯିବ ଟି-୨୦ ମୁମ୍ବାଇ ଲିଗ୍
ରୋହିତ ହେବେ ବ୍ରାଣ୍ଡ୍ ଆମ୍ବାସାଡର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ବର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

E-mail : sambadkalikanews@gmail.com

● ବର୍ଷ–୩୨ ● ସଂଖ୍ୟା–୮୧ ● ୧୯ ଅପ୍ରେଲ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-81 ● 19th April 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଏଲନ୍ ମସ୍କଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦୀ

# ନବସୃଜନ କ୍ଷେତ୍ରରେ ସହଯୋଗର ଅପାର ସମ୍ଭାବନା

ନୂଆଦିଲ୍ଲୀ, ୧୮।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟେସଲାର ସିଇଓ ଏଲନ ମସ୍କଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି । ସେ ମସ୍କଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଉଭୟଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଏହି ବର୍ଷ ଆରମ୍ଭରେ ୱାଶିଂଟନ ଡିସିରେ ହୋଇଥିବା ସେମାନଙ୍କ ସାକ୍ଷାତ ସମୟରେ ଆଲୋଚନା ହୋଇଥିବା ବିଷୟଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଲେଖିଛନ୍ତି ଯେ ସେ ମସ୍କଙ୍କ ସହ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ସହଯୋଗର ଅପାର ସମ୍ଭାବନା ବିଷୟରେ ଆଲୋଚନା କରିଛନ୍ତି। ଏହା ସହିତ ସେ କହିଛନ୍ତି ଯେ ଭାରତ ଏହି କ୍ଷେତ୍ରଗୁଡ଼ିକରେ ଆମେରିକା ସହିତ ଏହାର ସହଭାଗୀତାକୁ ଆହୁରି ବୃଦ୍ଧି କରିବାକୁ ପ୍ରତିବଦ୍ଧ।



ମୋଦୀ ଏବଂ ମସ୍କ ଆଜି ପ୍ରଯୁକ୍ତିବିଦ୍ୟା, ମହାକାଶ ଅନୁସନ୍ଧାନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ବିକାଶ ଭଳି କ୍ଷେତ୍ରରେ ଭାରତ ଏବଂ ଆମେରିକା ମଧ୍ୟରେ ସହଯୋଗର ଅପାର ସମ୍ଭାବନା ବିଷୟରେ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଭାରତର 'ସର୍ବନିମ୍ନ ସରକାର, ସର୍ବାଧିକ ଶାସନ' ନୀତି ଉପରେ ମସ୍କଙ୍କୁ ଗୁରୁତ୍ୱ ଦେଇଥିଲେ।

# ଚଳିତ ବର୍ଷ ରଥଯାତ୍ରା ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୮।୪
ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ଣରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ରଥଯାତ୍ରା ପ୍ରସ୍ତୁତିରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପୋଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହିତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ, ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ତଥା ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ



ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ, ଜିଲ୍ଲାପାଳ, ପୁରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ପୁରୀ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ କରାଇବା ପାଇଁ ଗୁରୁତ୍ୱାରୋପ କରାଯିବା ସହ ଟ୍ରାଫିକ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୁଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ତଥା ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ବିଭାଗର ସେବା ପ୍ରଦାନକୁ ସମନ୍ୱିତ କରିବା ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ଯାନ ବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥ ନିର୍ମାଣ ପ୍ରସ୍ତୁତି, ରଥଟଣା ସୁବ୍ୟବସ୍ଥା, ବଡଦାଣ୍ଡର ପ୍ରସ୍ତୁତି, ବିଶିଷ୍ଟ ଅତିଥି ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

## ଦୁର୍ଘଟଣାରେ ମୃତ ଛାତ୍ରଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା



ଭୁବନେଶ୍ୱର, ୧୮।୪
ନ୍ୟୁଜ୍ ବ୍ୟୁରୋ

ସମ୍ବଲପୁରରେ ସଡ଼କ ଦୁର୍ଘଟଣାରେ ଜଣେ ନବମ ଶ୍ରେଣୀର ଛାତ୍ର ପ୍ରାଣ ହରାଇଥିବା ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାର ବର୍ଗଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଟ୍ୱିନ୍ ସିଟିରେ ଘଣ୍ଟାଏ କାଳବୈଶାଖୀର ତାଣ୍ଡବ

ଭୁବନେଶ୍ୱର, ୧୮।୪
ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ସକାଳୁ କଟକ-ଭୁବନେଶ୍ୱର ଟ୍ୱିନ୍ ସିଟିରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ପ୍ରାୟ ଘଣ୍ଟାଏ ବର୍ଷାରେ ରାଜଧାନୀର ଅବସ୍ଥା ବେହାଲ ହୋଇଛି । ଠିକ ସେହିପରି କଟକରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି । କଟକରେ ଅଧିକାଂଶ ଜାଗା ଜଳମଗ୍ନ ହୋଇଯାଇଛି। କାଳବୈଶାଖୀର ତାଣ୍ଡବରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ହୋଇଥିବାର ପରିଲକ୍ଷିତ ହୋଇଛି।

କଟକ, ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ସହିତ ଗଛ ଭାଙ୍ଗିବା ଓ ବିଦ୍ୟୁତ୍ ଖୁଣ୍ଟି ଉପୁଡି ପଡିଥିବା ଦେଖିବାକୁ



ମିଳିଥିଲା। ଘଣ୍ଟାଏରୁ ଅଧିକ ସମୟ ଧରି ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳରେ ବର୍ଷା ପାଣି ପ୍ଲାବନ ସୃଷ୍ଟି କରିଥିଲା।

ସାରା ରାଜ୍ୟରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଲାଗିରହିବ । ଅଧିକାଂଶ ସ୍ଥାନରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ହୋଇପାରେ। ଶନିବାର ଉତ୍ତର ଓ (ପୃଷ୍ଠା ୭ରେ)

# ଖୁବ୍ ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ନୂଆ ରାସନ କାର୍ଡ

ଭୁବନେଶ୍ୱର, ୧୮।୪
ନ୍ୟୁଜ୍ ବ୍ୟୁରୋ

ଯୋଗ୍ୟ ହିତାଧିକାରୀଙ୍କୁ ଖୁବ୍ ଶୀଘ୍ର ନୂଆ ରାସନ କାର୍ଡ ବଣ୍ଟନ କରାଯିବ।ଏନେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଦୀର୍ଘ ଦିନରୁ ରାସନ କାର୍ଡ ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୫ଲକ୍ଷ ୯୦ ହଜାର ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ନୂଆ କାର୍ଡ ବଣ୍ଟାଯିବ। ଏଥିପାଇଁ ଢେଙ୍କାନାଳରେ ସରକାରଙ୍କ ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯିବ ଏବଂ ମୁଖ୍ୟମନ୍ତ୍ରୀ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିବେ। ମନ୍ତ୍ରୀ କହିଛନ୍ତି ବିଡିଓ, ମ୍ୟୁନିସିପାଲ କମିଶନର ଇସ୍ୟୁ କରିବେ କାର୍ଡ। ଆସନ୍ତା ୨୦ ତାରିଖ ସୁଦ୍ଧା





ନୂଆ ରାସନ କାର୍ଡ ପ୍ରସ୍ତୁତ କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଖାଦ୍ୟ ବିଭାଗ ଓ ଖାଉଟି କଲ୍ୟାଣ ବିଭାଗର ସୂଚନା ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଇ-କେୱାଇସି କରି ଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବା ସହ ଅଯୋଗ୍ୟଙ୍କୁ ବାଦ ଦିଆଯିବା ପ୍ରକ୍ରିୟା ଜାରି ରହିଛି ।

## କେନ୍ଦ୍ରୀୟ ଡେପୁଟେସନରେ ଯିବେ ନିକୁଞ୍ଜ ବିହାରୀ ଧଳ

ଭୁବନେଶ୍ୱର, ୧୮।୪
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରୀୟ ଡେପୁଟେସନରେ ଯିବେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ତଥା ଆଇଏଏସ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ। ତାଙ୍କୁ ସଂସଦୀୟ ବ୍ୟାପାର ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ୧୯୯୪ ବ୍ୟାଚ୍ ର ଆଇଏଏସ୍ ସନ୍ତୋଷ ଷଡ଼ଙ୍ଗୀଙ୍କୁ ନ୍ୟୁ ଆଣ୍ଡ ରିନ୍ୟୁବଲ୍ ଏନର୍ଜୀ ସଚିବ ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ରଞ୍ଜନା ଚୋପ୍ରାଙ୍କୁ ସଂସ୍କୃତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି।

# ଉଚ୍ଚତର ପ୍ରଶିକ୍ଷଣ ପାଇଁ ମାଲେସିଆ ଗଲେ ୨୮ ଚାଷୀ ଓ କୃଷି ଅଧିକାରୀ

ଭୁବନେଶ୍ୱର, ୧୮।୪
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ ଅଧୀନରେ ୨୮ ଜଣିଆ କୃଷକ ଏବଂ ଅଧିକାରୀଙ୍କ ପ୍ରଶିକ୍ଷଣ ଭିତ୍ତିକ ମାଲେସିଆ ଗସ୍ତକୁ କୃଷି ଭବନ ଅଡିଟୋରିଅମ୍ ଠାରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ।

୧୪ ଜଣ କୃଷକଙ୍କ ସମେତ ୧୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ୨୮ ଜଣିଆ ଟିମ ଶନିବାରଠାରୁ ସପ୍ତାହବ୍ୟାପୀ ମାଲେସିଆ ଗସ୍ତରେ ଯାଇ କୃଷିଭିତ୍ତିକ ପ୍ରଶିକ୍ଷଣ ନେବେ।



ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା, ଲକ୍ଷ୍ନୌ ସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟ ଏବଂ ନାବାର୍ଡର ମିଳିତ ଆୟୋଜନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଉଭୟ କୃଷକ ଓ ଅଧିକାରୀଙ୍କୁ (ପୃଷ୍ଠା ୭ରେ)

## ସୁନ୍ଦରଗଡ଼ ଖଣି ଚୋରି ମାମଲା: ସ୍ଥିତି ପରଖିଲେ ଦୁଇ ମନ୍ତ୍ରୀ

# ଖଣିଜ ଲୁଟ୍ ରେ ସମ୍ପୃକ୍ତ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ

ଭୁବନେଶ୍ୱର, ୧୮।୪
ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ସୁନ୍ଦରଗଡ଼ ଏମସିଏଲ କ୍ଷେତ୍ର ଗୋପାଳପୁର ଅଞ୍ଚଳରେ ଚାଲିଥିବା କୋଇଲା ଖଣି ଲୁଟ୍ ଘଟଣାର ବାସ୍ତବ ସ୍ଥିତି ପରଖିଛନ୍ତି ବାଣିଜ୍ୟ, ପରିବହନ, ଇସ୍ପାତ, ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ଦୁଇ ମନ୍ତ୍ରୀଙ୍କ ସହିତ ବିଭାଗୀୟ ସଚିବ ଓ ଅଧିକାରୀମାନେ ମଧ୍ୟ ଆସି ଚୋରା ଖଣିର ଅନୁଧ୍ୟାନ କରିଛନ୍ତି। ଏମସିଏଲ କ୍ଷେତ୍ର ଅଧୀନ ଗୋପାଳପୁର ନିକଟ ତେଲେନଡିହି,



ରତନସରା, ଭୋଗ୍ରାକଛାର ଜଙ୍ଗଲ ଭିତରେ ବର୍ଷ ବର୍ଷ ଧରି ଚାଲିଥିବା ବେଆଇନ୍ ଖଣି କାରବାର ସମ୍ପର୍କରେ ଦୁଇ ମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ଏଥିସହ ବିଭାଗୀୟ ଅଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।

ଖଣି, ବନ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କ ଜ୍ଞାତସାରରେ ଦୀର୍ଘ ଦିନ ଧରି ସୁନ୍ଦରଗଡର ଏହି ଅଞ୍ଚଳରୁ ବେଆଇନ୍ ଭାବେ କୋଇଲା (ପୃଷ୍ଠା ୭ରେ)

## ଆତ୍ମସମର୍ପଣ କଲେ ୨୨ ମାଓବାଦୀ

ସୁକୁମା, ୧୮।୪

ଛତିଶଗଡ଼ର ସୁକମା ଜିଲ୍ଲାରେ ୨୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏହି ମାଓବାଦୀମାନେ ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ଏସପି କହିଛନ୍ତି।


ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୯ ଜଣ ମହିଳା ରହିଛନ୍ତି । ଏମାନଙ୍କ ମଧ୍ୟରୁ ୧୨ ଜଣଙ୍କ ମୁଣ୍ଡ ଉପରେ ଛତିଶଗଡ଼ ସରକାର ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଆଦିବାସୀମାନଙ୍କ ଉପରେ ମାଓବାଦୀ ସଂଗଠନ ପକ୍ଷରୁ ଅତ୍ୟାଚାର କରାଯାଉଥିବା ଅଭିଯୋଗ କରି ଏହି ମାଓବାଦୀମାନେ ସଂଗଠନ ଛାଡ଼ିଥିବା କହିଛନ୍ତି।

## ଏକାଳ ପଖାଳ



ଭାରତ ବିରୋଧୀ ବାଂଲାଦେଶ ଏବେ
କରେ ପାକିସ୍ତାନ ପ୍ରେମ
ଚୀନ ସାଙ୍ଗରେ ସଙ୍ଗାତ ବସଇ
ଡାକିଲାଣି ବୋଧେ ଯମ
ଉପୁଜିବ ଲୋମଟମ
ଏଇ ଦୁଇଜଣ କାହାର ନୁହଁନ୍ତି
ବାଂଲାକୁ ଦେବେ ନାମ ।

# ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ



ନୂଆଦିଲ୍ଲୀ, ୧୮।୪

ଶୁକ୍ରବାର ସାରା ବିଶ୍ୱରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଇଛି। ଏହାକୁ ଆନ୍ତର୍ଜାତିକ ସ୍ମାରକୀ ଓ ସ୍ଥଳ ଦିବସ ମଧ୍ୟ କୁହାଯାଏ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ଥିଲା ବିପର୍ଯ୍ୟୟ ଓ ସଂଘର୍ଷରୁ ବିପଦରେ ଥିବା ଐତିହ୍ୟ ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ସମ୍ମାନ ଓ ସୁରକ୍ଷା ଦେବା। ପ୍ରତିବର୍ଷ ଏପ୍ରିଲ ୧୮ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ।

ଗତ କିଛି ବର୍ଷ ଧରି ବିଶ୍ୱ ଐତିହ୍ୟ ତାଲିକାରେ ଭାରତ କ୍ରମାଗତ ଭାବରେ ନିଜର ଉପସ୍ଥିତି ଜାହିର କରିଛି । ଗତବର୍ଷ ଜୁଲାଇରେ ଆସାମରୁ ଆସିଥିବା ଆହୋମ ବଂଶର ମାଉଣ୍ଡ-କବର ପ୍ରଣାଳୀକୁ ଏକ ସାଂସ୍କୃତିକ ସମ୍ପତ୍ତି ଭାବରେ ଏହି ତାଲିକାରେ ସାମିଲ କରାଯାଇଥିଲା। ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବା ବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ଆଉ ୬୨ଟି ସ୍ଥାନ ରହିଛି। ୧୯୮୩ ମସିହାରେ ଆଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଗୁମ୍ଫା ଏବଂ ଏଲୋରା ଗୁମ୍ଫା ତାଲିକାଭୁକ୍ତ ହେବା ପରେ ଦେଶର ଯାତ୍ରା ଆରମ୍ଭ ହୋଇଥିଲା। ଏହି ସ୍ଥାନଗୁଡ଼ିକ କେବଳ ଇତିହାସର ପ୍ରତୀକ ଭାବରେ ନୁହେଁ ବରଂ ଆଗାମୀ ପିଢ଼ି ପାଇଁ ଶିକ୍ଷଣ ସ୍ଥାନ ଭାବରେ ମଧ୍ୟ ସଂରକ୍ଷିତ ରହିଛି। ବିଶ୍ୱ ଐତିହ୍ୟ ଦିବସ ଅବସରରେ (ପୃଷ୍ଠା ୭ରେ)

# ମହାକାଶ କେନ୍ଦ୍ରକୁ ଯାତ୍ରା କରିବେ ଭାରତୀୟ ମହାକାଶଚାରୀ ଶୁଭ୍ରାଂଶୁ ଶୁକ୍ଲା

ନୂଆଦିଲ୍ଲୀ, ୧୮।୪

ମହାକାଶ ଯାତ୍ରାରେ ଭାରତ ପୁଣି ଥରେ ଇତିହାସ ରଚିବାକୁ ଯାଉଛି। ଅନ୍ତର୍ଜାତୀୟ ମହାକାଶ ଅଭିଯାନର ଏକ ଅଂଶ ଭାବରେ ଜଣେ ଭାରତୀୟ ମହାକାଶଚାରୀ ଆସନ୍ତା ମାସରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା କରିବେ। ଭାରତୀୟ ବାୟୁସେନାର ଗ୍ରୁପ କ୍ୟାପଟେନ ଶୁଭ୍ରାଂଶୁ ଶୁକ୍ଲା ଆଗାମୀ ମହାକାଶ ଅଭିଯାନ ଏକ୍ସ-୪ରେ ସାମିଲ ହେବେ।

ମହାକାଶ ଓ ଆଣବିକ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ଏହା ଘୋଷଣା କରି କହିଛନ୍ତି ଯେ, ଭାରତ ଏହି ମିଶନ ମାଧ୍ୟମରେ ମହାକାଶ ଯାତ୍ରାରେ ଏକ ନିର୍ଣ୍ଣାୟକ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି । ଆଗାମୀ ମାସରେ




ଭାରତୀୟ ମହାକାଶ ଗବେଷଣା ସଂଗଠନର ପ୍ରମୁଖ ଭବିଷ୍ୟତ ଯୋଜନାର ସମୀକ୍ଷା ପାଇଁ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ ଡ. ସିଂହ କହିଛନ୍ତି ଯେ ଦେଶ ଏହାର ପରବର୍ତ୍ତୀ ମହାକାଶ ମାଇଲଖୁଣ୍ଟ ପାଇଁ ପ୍ରସ୍ତୁତ ଅଛି । ମନ୍ତ୍ରୀ ଆଗାମୀ ମାନବ ମହାକାଶ ଯାତ୍ରା ଏବଂ ଇସ୍ରୋର ଅନେକ ଗୁରୁତ୍ୱପୂର୍ଣ୍ଣ ଅଭିଯାନର (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୯ ଅପ୍ରେଲ ୨୦୨୫ ଶନିବାର





# ସୁଭଦ୍ରା ସହାୟତା ଛାଡ଼ିଥିବା ମହିଳା ମାନଙ୍କୁ ସମ୍ମାନିତ କରାଯିବ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଯେଉଁ ହିତାଧିକାରୀ ପ୍ରଥମେ 'ସୁଭଦ୍ରା ସହାୟତା ପାଇଁ ପଞ୍ଜୀକରଣ କରିଥିଲେ, କିନ୍ତୁ ପଞ୍ଜୀକରଣ ପରେ ସହାୟତା ନ ନେବା ପାଇଁ ସୁଭଦ୍ରା ପୋର୍ଟାଲରେ ଯେଉଁମାନେ ଅପ୍ଟ ଆଉଟ୍ କରିଛନ୍ତି ବା ସ୍ୱେଚ୍ଛାକୃତ ଭାବେ ମନା କରିଛନ୍ତି, ସେମାନଙ୍କୁ 'ସାବାସ୍ ସୁଭଦ୍ରା' ଆଖ୍ୟା ଦିଆଯାଇ ସମ୍ବର୍ଦ୍ଧିତ କରାଯିବ । ସେହିପରି ସୁଭଦ୍ରା ସହାୟତା ପାଇଥିବା ହିତାଧିକାରୀଙ୍କ ଠାରୁ ମତାମତ ସଂଗ୍ରହ ସର୍ବେକ୍ଷଣରେ ମହାବିଦ୍ୟାଳୟର ଛାତ୍ରୀଙ୍କୁ ସାମିଲ୍ କରାଯିବ। ଆଇଆଇଏମ୍, ସମ୍ବଲପୁରର ସହାୟତାରେ ହିତାଧାକାରୀଙ୍କ ଠାରୁ ମତାମତ ସଂଗ୍ରହ ପାଇଁ ସର୍ବେକ୍ଷଣରେ ମହାବିଦ୍ୟାଳୟର ଛାତ୍ରୀ ସାମିଲ୍ ହେବେ। 'ସୁଭଦ୍ରା' ସୋସାଇଟି ପରିଚାଳନା ପରିଷଦର ତୃତୀୟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଭଦ୍ରା ପୋର୍ଟାଲରେ ଗ୍ରହଣ କରାଯାଇଥିବା ଅଭିଯୋଗ ଓ ସେସବୁ ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଯେଉଁମାନେ ସୁଭଦ୍ରାରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ବା କୌଣସି କାରଣରୁ ବାଦ୍ ପଡ଼ିଛନ୍ତି, ସେମାନଙ୍କ ସମ୍ପର୍କରେ କମିଟି ମାଧ୍ୟମରେ ତର୍ଜମା କରାଯାଇ ଏ ସମ୍ପର୍କିତ ଅଭିଯୋଗର ସମାଧାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସୁଭଦ୍ରା ସହାୟତା ପରିଚାଳନା ପାଇଁ କାର୍ଯ୍ୟକାରୀ ହୋଇଥିବା ସହାୟତା କେନ୍ଦ୍ର ବ୍ୟବସ୍ଥାକୁ ଆଉ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଯୋଗ୍ୟ ହିତାଧିକାରୀଙ୍କ ଦକ୍ଷତାବିକାଶ, ସେମାନଙ୍କୁ ରୋଜଗାରକ୍ଷମ ଓ ଭବିଷ୍ୟତପନ୍ଥା ନିର୍ଦ୍ଧାରଣ ନିମନ୍ତେ ବିଭିନ୍ନ ପରାମର୍ଶ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସହଯୋଗରେ ପ୍ରଶିକ୍ଷଣ ଦିଆଯିବ । ବୈଠକରେ ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ଆର୍.ଏସ୍ ଗୋପାଳନଙ୍କ ସମେତ ସୁଭଦ୍ରା ସୋସାଇଟିର ଅନ୍ୟ ସଦସ୍ୟ ଯୋଗଦେଇଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ କମିଟିରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନା ଓ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ବଜେଟ୍ ବ୍ୟବସ୍ଥା ଅନୁସାରେ ଅଦ୍ୟାବଧି କରାଯାଇଥିବା ଖର୍ଚ୍ଚ ସମ୍ପର୍କରେ ଆଲୋଚନା କରାଯାଇ ଅନୁମୋଦନ ଦିଆଯାଇଥିଲା। ଏଥିସହ ୨୦୨୫-୨୬ ବର୍ଷ ପାଇଁ ଆଗତ ପ୍ରସ୍ତାବକୁ ସମୀକ୍ଷା ପୂର୍ବକ ଅନୁମୋଦନ କରାଯାଇଛି ।

# ବିସ୍ଥାପନର ୬୦ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଉମରକୋଟ ବ୍ଲକ ନେଉରା ପଞ୍ଚାୟ ଜାନୀଗୁଡା ଓ ନଦୀଗୁଡା ଗାଁ ସ୍ଥାପନକୁ ୬୦ ବର୍ଷ ବିତିଲାଣି । ବିଡମ୍ବନାର ବିଷୟ ଆଜିପର୍ଯ୍ୟନ୍ତ ପ୍ରଶାସନ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଅସଫଳ ହୋଇଛି। ଗାଁରେ ନା ଅଛି ଭଲରାସ୍ତା ନା ପାନୀୟଜଳ ସୁବିଧା। ଖରା ମାସରେ ଗାଁ ରାସ୍ତାରେ ରାସ୍ତା, ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ ଯାତାୟାତ କରିବା କଷ୍ଟକର ହୋଇପଡୁଥିବା ବେଳେ ବର୍ଷା ମାସର ଅବସ୍ଥା ନକହିବା ଭଲ। କେବଳ ରାସ୍ତା କି ପାନୀୟ ଜଳ ନୁହେଁ, ସରକାରୀ ଯୋଜନାରୁ ଗାଁର





ଗରିବ ଗୁରୁବା ବାଦ୍ ପଡ଼ିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀ କହିଛନ୍ତି, ପଞ୍ଚାୟତ ଠାରୁ ପ୍ରାୟ ୭କିମି ଦୂରରେ ରହିଛି ଜାନୀଗୁଡ଼ା। ନଦୀଗୁଡ଼ା ଓ ଜାନୀଗୁଡ଼ାରେ ପ୍ରାୟ ୨ ଶହ ଲୋକ ବସବାସ କରୁଛନ୍ତି । ଗାଁ ରାସ୍ତା ନିର୍ମାଣ ପାଇଁ ୪ ଥର ଫଳକ ଲଗାଗଲାଣି। ଅଥଚ ନିର୍ମାଣ ହେଇପାରିନି। ବ୍ଲକ ଉପାଧକ୍ଷ ଶ୍ୟାମଲ ସରକାର ନିଜେ ଠିକାଦାର ଭାବେ କାର୍ଯ୍ୟ ନେଇ କେବଳ ମାଟି ପକେଇ ଚୁପ୍ ରହିଯାଇଛନ୍ତି । ଗାଁରେ ପାନୀୟ ଜଳ ସମସ୍ୟା ଲାଗିରହିଛି । ଗୋଟିଏ ମାତ୍ର ନଳକୂଅ ରହିଛି। ଗାଧୁଆ ପାଧୁଆ ଠାରୁ ରୋଷେଇ ବାସରେ ବ୍ୟବହାର କରାଯାଉଛି। ପାଣି ପାଇଁ ଘଣ୍ଟା ଘଣ୍ଟା ଧରି ମହିଳାଙ୍କୁ ଅପେକ୍ଷା କରିବାକୁ ପଡୁଛି। ପାନୀୟଜଳ ଓ ରାସ୍ତା ହୋଇଛି । କୌଣସି ସୁଫଳ ମିଳୁନଥିବା ଗାଁର ହିରା ମାଝୀ, ସୁଝି ସାନ୍ତା, କିଶୋର ମାଝୀ ପ୍ରମୁଖ କହିଛନ୍ତି । ଯୋଗ୍ୟ ହିତାଧିକାରୀଙ୍କୁ ଆଜିପର୍ଯ୍ୟନ୍ତ ଆବାସ ମିଳିନି। ଯଦ୍ଵାରା ପଲିଥିନ୍ ଢଙ୍କା କୁଡ଼ିଆରେ ମୁଣ୍ଡ ଗୁଞ୍ଜିଛନ୍ତି। ତତ୍କାଳୀନ ସରକାରଙ୍କ ଅମଳରେ ଗାଁରେ କେବଳ ମାଟି ପକାଇ ଲକ୍ଷାଧିକ ଟଙ୍କା ଲୁଟ୍ କରାଯାଇଛି । ବିକାଶ ଅପହଞ୍ଚ ଥିବାରୁ ସମସ୍ୟାର ସମାଧାନ ପାଇଁ ଅନେକ ଥର ବ୍ଲକ ପ୍ରଶାସନ ଓ ପଞ୍ଚାୟତ ନିକଟରେ ଅଭିଯୋଗ କରିଛନ୍ତି । ପିଲାଛୁଆଙ୍କୁ ନେଇ କିପରି ଗାଁରେ ରହିବେ, ସେନେଇ ଗ୍ରାମବାସୀ ଚିନ୍ତାପ୍ରକଟ କରିଛନ୍ତି ।

# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ମିଳିବ ପ୍ରତିଯୋଗିତା ଉପଯୋଗୀ ପୁସ୍ତକ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଏଣିକି ମିଳିବ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବାଭଳି ଉପଯୋଗୀ ପୁସ୍ତକ। ବ୍ରହ୍ମପୁର ସ୍ଥିତ ରାଜ୍ୟର ଏକମାତ୍ର ବ୍ରେଲି ପ୍ରେସ୍‌ରେ ଛପା ହୋଇ ପ୍ରସ୍ତୁତ ହେଉଛି ବହି। ଓଡ଼ିଶାରେ ପ୍ରଥମ ଥର ଲାଗି ଏହି ପଦକ୍ଷେପ ନେଇଛନ୍ତି ସରକାର। ଦୃଷ୍ଟିବାଧିତଙ୍କ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରସ୍ତୁତି କଷ୍ଟକର ବ୍ୟାପାର ଥିଲା। ସଫଳତା ହାର ନଗଣ୍ୟ ଥିଲା। ବର୍ତ୍ତମାନ ମୁଖ୍ୟ ଧାରାରେ ସମାନ ସୁଯୋଗ ସହ ପରୀକ୍ଷାରେ ସଫଳତା ହାର ମଧ୍ୟ ବୃଦ୍ଧି ପାଇବ। ବିଭିନ୍ନ ସମୟରେ ବହୁ ସଂଗଠନ ଏହି ପ୍ରସଙ୍ଗରେ ସରକାରଙ୍କୁ ଜଣାଇବା ପରେ ପ୍ରତିକାର ସ୍ୱରୂପ ବିଭାଗ ପକ୍ଷରୁ ପୁସ୍ତକ ଛପାଯାଉଛି । ବିଭାଗୀୟ ତଥ୍ୟ ଅନୁସାରେ ବଜାରରେ ମିଳୁଥିବା ଅଗ୍ରଣୀ ସଂସ୍ଥାର ପୁସ୍ତକକୁ ବର୍ତ୍ତମାନ ବ୍ରେଲି ପ୍ରେସ୍‌ରେ ଛାପା ପାଇଁ ଡାଟାବେସ୍




ପ୍ରସ୍ତୁତ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରେଲି ଅକ୍ଷରରେ ସାଂପ୍ରତିକ ଘଟଣାବଳୀ (କରେଣ୍ଟ ଆଫାୟାର୍ସ), ପ୍ରସଙ୍ଗ ଓ ତଥ୍ୟ, ଇଂରାଜୀ ଠାରୁ ଓଡ଼ିଆ ଶବ୍ଦକୋଷ ଓ ସାରସ୍ୱତ ବ୍ୟାକରଣ ଛପାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ବହି ୨୦୦ କପି ଛପାଯିବ। ପୂର୍ବରୁ ସାଇବର ସଚେତନତା ସମ୍ବନ୍ଧୀୟ ବହି ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇସାରିଛି। ରାଜ୍ୟରେ ରହିଥିବା ବିଭିନ୍ନ ସରକାରୀ ବିଦ୍ୟାଳୟ ମାନଙ୍କରେ ଛପା ହୋଇଥିବା ପୁସ୍ତକ ବଣ୍ଟନ କରାଯିବ। ଏହା ବ୍ୟତୀତ ବିଭିନ୍ନ ପରୀକ୍ଷା ସକାଶେ ନିଜକୁ ପ୍ରସ୍ତୁତ କରୁଥିବା ବ୍ୟକ୍ତିବିଶେଷ ରିହାତି ଦରରେ ଏହି ପୁସ୍ତକ କ୍ରୟ କରିପାରିବେ ବୋଲି ପ୍ରାରମ୍ଭିକ ସୂଚନା ମିଳିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ସୁନାମଧନ୍ୟ ପ୍ରକାଶନୀର କରେଣ୍ଟ ଆଫାୟାର୍ସ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ବିଭିନ୍ନ ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥିବା ଦିବ୍ୟାଙ୍ଗ ଦୃଷ୍ଟିବାଧିତ ପ୍ରତିଯୋଗୀଙ୍କ ପରୀକ୍ଷା ନିମନ୍ତେ ରହୁଥିବା ପ୍ରସ୍ତୁତି ଅତି ସହଜ ଓ ସରଳ ହୋଇପାରିବ ବୋଲି ଚାକିରି ଆଶାୟୀ ନିତ୍ୟାନନ୍ଦ ପଟ୍ଟନାୟକ କହିଛନ୍ତି। ଅତ୍ୟନ୍ତ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ସାରସ୍ୱତ ବ୍ୟାକରଣକୁ ପ୍ରଥମେ ଡାଟାବେସ୍‌ରେ ଫିଟ୍ କରିବା ପରେ ବ୍ରେଲି ଅକ୍ଷରରେ ଛପାଯିବ ବୋଲି ବ୍ରହ୍ମପୁର ସ୍ଥିତ ରେଡ୍‌କ୍ରସ୍ କମ୍ପ୍ୟୁଟରାଇଜ୍ ବ୍ରେଲିପ୍ରେସ୍‌ର ପରିଚାଳକ ପ୍ରକାଶ ନାରାୟଣ ରଥ କହିଛନ୍ତି।

# ଭୂମି ଦେବା ନାଁରେ ଠକେଇ:ଟଙ୍କା ଫେରସ୍ତ ମାଗିବାରୁ ବିଧବାଙ୍କୁ ଦୁଷ୍କର୍ମ ଅଭିଯୋଗ

ରାଜନଗର, ନ୍ୟୁଜ୍ ବ୍ୟୁରୋ

ବିଧବାଙ୍କୁ ଜମି ଦେବାକୁ କହି ଜଣେ ସାମ୍ବାଦିକ ଟଙ୍କା ନେଇ ଠକିବା ସଂପର୍କରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ମହିଳା ଜଣକ ଟଙ୍କା ଫେରସ୍ତ ମାଗିବାରୁ ଘରେ ପଶି ତାଙ୍କ ସହ ଦୁଷ୍କର୍ମ କରିବା ସହ ଏହାର ଭିଡିଓ ଉତ୍ତୋଳନ କରି ବ୍ଲାକ୍‌ମେଲ୍ କରୁଥିବା ନେଇ ଏତଲାରେ ଦର୍ଶାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ସାମ୍ବାଦିକଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଚଳାଇଛି । ଅଭିଯୋଗ ମୁତାବକ, ସ୍ୱାମୀଙ୍କ ମୃତ୍ୟୁ ପରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମହିଳା ୫ ବର୍ଷ ହେଲା ରାଜନଗର ଥାନା ଅଞ୍ଚଳରେ ଘରଭଡ଼ା ନେଇ ରହୁଛନ୍ତି। ଦୁଇବର୍ଷ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶାସନ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ସଂପୃକ୍ତ ସାମ୍ବାଦିକ ଓ ଅନ୍ୟ ଜଣେ ବ୍ୟକ୍ତି ମହିଳାଙ୍କ ଘରେ ପହଞ୍ଚି ନିଜକୁ ସାମ୍ବାଦିକ ସଂଘର ନେତା ବୋଲି ପରିଚୟ ଦେଇଥିଲେ। ସେମାନେ କମ୍ ମୂଲ୍ୟରେ ଜମି କିଣାଇ ଦେବେ ବୋଲି କହିଥିଲେ। ୨୦୨୨ ମାର୍ଚ୍ଚରେ ଦୁଇଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ମହିଳା ଜଣକ ସେମାନଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ଏହାର ମାସକ ପରେ ନିଜକୁ ସାମ୍ବାଦିକ କହୁଥିବା ବ୍ୟକ୍ତିଙ୍କୁ ଆଉ ୨୦ ହଜାର ଟଙ୍କା ଦେଇଥିଲେ। ଟଙ୍କା ନେବାର ବହୁଦିନ ପରେ ବି ଜମି ରେଜିଷ୍ଟ୍ରି ନ କରିବାରୁ ମହିଳା ଜଣକ ଏ ସଂପର୍କରେ ତାଙ୍କୁ ପଚାରିଥିଲେ। ସେ କିନ୍ତୁ ବହୁବାର ସମୟ ଗଡ଼ାଇବାରୁ ମହିଳାଜଣକ ଟଙ୍କା ଫେରସ୍ତ ମାଗିଥିଲେ। ଫଳରେ ସଂପୃକ୍ତ ସାମ୍ବାଦିକ ମହିଳାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ। ୨୦୨୪ ଡିସେମ୍ବରରେ ମହିଳା ଘରେ ଏକୁଟିଆ ଥିଲା ବେଳେ ସଂପୃକ୍ତ ସାମ୍ବାଦିକ ଓ ତାର ସହଯୋଗୀ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ମହିଳାଙ୍କୁ ସାମ୍ବାଦିକ ପରିଚୟ ଦେଉଥିବା ଦୁର୍ବୃତ୍ତ ଦୁଷ୍କର୍ମ କରିଥିଲା ବେଳେ ତାର ସହଯୋଗୀ ଏହାର ଭିଡିଓ ଉତ୍ତୋଳନ କରିଥିଲା। ଆଉ ଟଙ୍କା ମାଗିଲେ ଏହି ଭିଡିଓ ଭାଇରାଲ୍ କରିଦେବା ସହ ପୁଅକୁ ହତ୍ୟା କରିବାକୁ ଧମକ ଦେଇ ସେମାନେ ଚେକ୍‌ଟିକୁ ନେଇଯାଇଥିଲେ ବୋଲି ରାଜନଗର ଥାନାରେ ମହିଳା ଜଣକ ଲିଖିତ ଅଭିଯୋଗ କରିଛନ୍ତି । ଲୋକଲଜ୍ଜା ଭୟରେ ସେ ଚୁପ୍ ରହିଥିଲେ । ମଧ୍ୟ ଅଭିଯୁକ୍ତମାନେ ଭିଡିଓର ଧମକ ଦେଇ ପୁଣି ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିବାରୁ ଏତଲା ଦେଇଥିବା ଦର୍ଶାଇଛନ୍ତି। ଏହି ଘଟଣାରେ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତ ସାମ୍ବାଦିକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ୧୫ ଦିନ ଧାରଣାରେ ବସି ନିରାଶ ହୋଇ ଫେରିଲେ ବିସ୍ଥାପିତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା (ବଗପଟିଆ)ର ୪୦ ଦଳିତ ପରିବାର ଦୀର୍ଘ ୧୫ ଦିନ ହେଲା ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ବସି ନିରାଶ ହୋଇ ଫେରିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ଏମାନଙ୍କୁ ଥଇଥାନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ରାଜନଗର ତହସିଲ ଏମାନଙ୍କୁ ଜାଗା ଚିହ୍ନଟ କରାଇ ହସ୍ତାନ୍ତର କରିଥିବା ବେଳେ ଏମାନଙ୍କୁ ପଟା ହସ୍ତାନ୍ତର କରୁନାହିଁ । ଏହି ବିସ୍ଥାପିତ ମାନେ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ନ୍ୟାୟ ପାଇଁ ଏକ ମାମଲା ରୁଜୁ କରିଥିଲେ। ଉଚ୍ଚ ନ୍ୟାୟାଳୟ ଦୀର୍ଘ ୩ ମାସ ଭିତରେ ଏମାନଙ୍କର ମାମଲା ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ କୋର୍ଟରେ ଏହି ମାମଲା ବିଚାରଧିନ ଥିଲା। ମାର୍ଚ୍ଚ ୧୬ ତାରିଖ ଏହାର ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ ବିସ୍ଥାପିତଙ୍କୁ ଲିଖିତ ଆକାରରେ ଜଣାଇଥିଲେ । କିନ୍ତୁ ଜିଲ୍ଲାପାଳ ଅସୁସ୍ଥ ଓ ଛୁଟିରେ ଥିବାରୁ ୧୬ ତାରିଖ କୋର୍ଟରେ ମାମଲା ବିଚାର ହୋଇପାରିନଥିଲା । ବିସ୍ଥାପିତ ମାନେ କୋର୍ଟ ଆଗରେ ଦୀର୍ଘ ସମୟ ଧରି ଧାରଣାରେ ବସି ନ୍ୟାୟ ନପାଇ ଫେରିଥିଲେ। ଦୀର୍ଘ ୧୫ ଦିନ ଧରି ଏହି ବିସ୍ଥାପିତ ଶିଶୁ, ମହିଳା ଓ ବୃଦ୍ଧ ମାନେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବର୍ଷା ଖରାରେ ବସି ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା ବେଳେ କୌଣସି କର୍ମୀ, ନେତା, ସମାଜସେବୀ ତାଙ୍କୁ ଭେଟିନଥିବା ଏକ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଆଲୋଚନା ହେଉଛି ।

# କିନ୍ନର ଆତ୍ମହତ୍ୟା ଘଟଣାର ପର୍ଦ୍ଦାଫାଶ:ଜେଲ୍ ଗଲା ଅଭିଯୁକ୍ତ

ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମର ବୁଲୁ ବିଷୋୟୀଙ୍କ ଘରୁ ଗତ ଶନିବାର ସକାଳେ ଦିଗପହଣ୍ଡି ସ୍ଥିତ ମା' ଗୌରୀ ଶଙ୍କର ଦଣ୍ଡକାଳୀ ନାଟ୍ୟ ସଂସ୍ଥାରେ ନୃତ୍ୟ ପରିବେଷଣ କରୁଥିବା କୋଟିନଡା ଗ୍ରାମର କିନ୍ନର ଅଜିତ ବିଷୋୟୀ ଓରଫ ଅର୍ଚ୍ଚିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିଛି ଦିଗପହଣ୍ଡି ପୋଲିସ। ଏହି ଘଟଣାରେ ପୋଲିସ ଦିଗପହଣ୍ଡି-ଚିକିଟି ରୋଡର କାଳିଆ ନଗରରେ ରହୁଥିବା ଅଜିତଙ୍କ ପୁରୁଷ ବନ୍ଧୁ ଉମେଶ ମହାଙ୍କୁଡ ଓରଫ ବବୁଲଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୧୪୧/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୁରୁଷ ବନ୍ଧୁ ବବୁଲ କିନ୍ନର ଅଜିତଙ୍କୁ ମାନସିକ ଯନ୍ତ୍ରଣା ଓ ମାରପିଟ୍ କରିବାରୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି। ଅଭିଯୁକ୍ତ ବବୁଲ ଓ କିନ୍ନର ଅଜିତ ଉଭୟେ ଦଣ୍ଡନାଚରେ ଗତ ୨୦୨୧ ରୁ ଅଭିନୟ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ସ୍ୱାମୀ ସ୍ତ୍ରୀ ଭଳି ଉଭୟେ ବ୍ରହ୍ମପୁର ଗାନ୍ଧୀ ନଗର-୧୦ରେ ଥିବା ଏକ ଭଡା ଘରେ ଉଭୟେ ରହୁଥିଲେ। ଉଭୟଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ରହିଥିଲେ ମଧ୍ୟ ଅଭିଯୁକ୍ତ ଜଣକ ବିଭିନ୍ନ ସମୟରେ ଅଜିତଙ୍କୁ ଟଙ୍କା ମାଗୁଥିଲେ। ଅଜିତ ଟଙ୍କା ଯୋଗାଡ କରି ଦେଉଥିଲେ ମଧ୍ୟ ବବୁଲ ସନ୍ତୁଷ୍ଟ ନହୋଇ ବିଭିନ୍ନ ସମୟରେ ତାଙ୍କୁ ମାରପିଟ୍ କରିବା ସହ ମାନସିକ ଯନ୍ତ୍ରଣା ଦେଇ ଆସୁଥିଲେ । ଗତ ଗୁରୁବାର ଅଜିତ କନିଷି ଗାଁରେ ନାଟକ ପରିବେଷଣ ପରେ ବିଶ୍ରାମ ନେଉଥିବା ସମୟରେ ସନ୍ଧ୍ୟାରେ ବବୁଲ ସେଠାରେ ପହଞ୍ଚି ତାଙ୍କ ସହ ଯୁକ୍ତିତର୍କ କରିବା ସହ ସହକର୍ମୀ ସମ୍ମୁଖରେ ମାଡ଼ ମାରିଥିଲେ। ଘଟଣା ପରଠାରୁ ସେ ଚାପଗ୍ରସ୍ତ ରହୁଥିଲେ। ଘଟଣାର ପରଦିନ ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମରେ ଦଣ୍ଡନାଚ ଆୟୋଜିତ ହୋଇଥିଲା । ମଧ୍ୟାହ୍ନରେ ଅର୍ଚ୍ଚିତା ଅନ୍ୟ ସହକର୍ମୀଙ୍କ ସହ ଦଣ୍ଡନାଚରେ ନିଜର ନୃତ୍ୟ ପ୍ରଦର୍ଶନ କରିବା ପରେ ବିଶ୍ରାମ ନିମନ୍ତେ ଦିଆଯାଇଥିବା ଘରକୁ ଯାଇଥିଲେ । ସନ୍ଧ୍ୟା ଆଳତି ଓ ରାତିରେ ମା'ଙ୍କ ପ୍ରସାଦ ସେବନ ନିମନ୍ତେ ସହକର୍ମୀମାନେ ଅର୍ଚ୍ଚିତାଙ୍କୁ ଡାକିଥିଲେ ମଧ୍ୟ ଅଜିତ ମନ ଦୁଃଖରେ ତାଙ୍କ ଦେହ ଖରାପ ଥିବା କହି ଯାଇନଥିଲେ । ତେବେ ସକାଳୁ ଘର ମାଲିକ ସାଇକେଲ ନେବାକୁ ଘରକୁ ଆସିଥିବା ବେଳେ ଘର କବାଟ ଖୋଲା ରହିଥିଲା । ଘର ଭିତରକୁ ଯାଇ ଦେଖିବା ବେଳେ ଅଜିତ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିଥିଲେ । ଖବର ପାଇ ଦିଗପହଣ୍ଡି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ପରେ ଦଣ୍ଡନାଚ ମ୍ୟାନେଜର ପ୍ରଫୁଲ୍ଲ ପାଣିଗ୍ରାହୀ ଓ ଅଜିତଙ୍କ ବାପା ସରୋଜ ବିଷୋୟୀ ପୃଥକ୍ ଏତଲା ଦେଇଥିଲେ । ଅପରପକ୍ଷରେ ଅଜିତଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଥିବା ବବୁଲ ଏବଂ ତାଙ୍କ ପରିବାର ନିକଟରୁ ଟଙ୍କା ଆଦାୟ କରାଯିବା ଏବଂ କ୍ଷତିପୂରଣ ଦାବିରେ କିନ୍ନର ସଂଘର ବହୁ ସଂଖ୍ୟକ ସଦସ୍ୟ ଏବଂ କୋଟିନଡ଼ା ଗ୍ରାମର କିଛି ବ୍ୟକ୍ତି ସନ୍ଧ୍ୟାରେ ଦିଗପହଣ୍ଡି ଥାନା ଘେରାଉ କରିଥିଲେ। ପୋଲିସ ବୁଝାସୁଝା କରିବା ପରେ ସେମାନେ ଫେରିଥିବା ଜଣାପଡ଼ିଛି।

# ବେଳାଭୂମିରେ ଅଲିଭ୍‌ରିଡ୍‌ଲେ ଛୁଆଙ୍କୁ ସୁରକ୍ଷାଦେଉଛନ୍ତି ସ୍ୱେଚ୍ଛାସେବୀ ଟିମ୍

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଁଣ ସମୁଦ୍ର ବେଳାଭୂମିର ବାଲୁକା ଶଯ୍ୟାରେ ବେବି ଅଲିଭ୍ ରିଡ୍‌ଲେ ଅଣ୍ଡାରୁ ଜନ୍ମ ହେବା ପରେ ସମୁଦ୍ର ମୁହାଁ ହୋଇ ନୂଆ ଠିକଣା ପାଉଥିବା ଲକ୍ଷ କରାଯାଉଛି । ଏହି ପରିପ୍ରେକ୍ଷୀରେ କିଛି ସାମୁଦ୍ରିକ କଇଁଛ ଶାବକ ବାଟବଣା ହୋଇ ଉପର ମୁହାଁ ହେଉଛନ୍ତି ତ କିଛି ଜାଲରେ ଲାଗି ଓ ଓଲଟି ପଡି ଛଟପଟ ହେଉଛନ୍ତି । ଉକ୍ତ ଶାବକ ମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ସମୁଦ୍ର ଜଳରେ ଛାଡିବା ପାଇଁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ବେଳାଭୂମିରେ ସ୍ୱେଚ୍ଛାସେବୀ ଟିମ୍ ପହଞ୍ଚି ସୁରକ୍ଷା ପ୍ରଦାନ କରୁଛନ୍ତି ସ୍ୱେଚ୍ଛାସେବୀ ଦଳ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ



ଗଞ୍ଜାମର ଦିଗ୍‌ଦର୍ଶନ ୟୁଥ୍ କ୍ଲବ ଓ ତାରିଣିପଲି ଗ୍ରାମର ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ କଇଁଛ ଶାବକ ମାନଙ୍କ ସୁରକ୍ଷା ପାଇଁ ପ୍ରୟାସ କରାଯାଇଛି । ଦିଗ୍‌ଦର୍ଶନ ଅନୁଷ୍ଠାନର ପ୍ରତିଷ୍ଠାତା ସୁଶ୍ରୀ ବିଜୟଲକ୍ଷ୍ମୀ ମହାଙ୍କୁଡ଼, ସଭାପତି ଉମାକାନ୍ତ ବେହେରା, ୟୁଥ୍ ଫର୍ ଭିଲେଜ୍ ସଭାପତି ଡ଼ି. ଦେବହରି ରେଡି, ଶିଶୁ ପରିବେଶବିତ ଡ଼ି. ବ୍ରିଶାଙ୍କ ରେଡି, ରୁପାଲୀ ମହାପାତ୍ର, ମହା ପ୍ରସାଦ ମହାପାତ୍ର, ସୁରଜ କୁମାର ପଣ୍ଡା, ବାସୁଦେବ ଗୌଡ଼, ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଭେଷଜ ମହାବିଦ୍ୟାଳୟର ଡାକ୍ତରୀ ଛାତ୍ର ଡ଼କ୍ଟର ସୁଶିଲ କୁମାର ନାୟକ ପ୍ରମୁଖ ସ୍ୱେଚ୍ଛାସେବୀ ଭୋର୍ ସମୟରୁ ବେଳାଭୂମିରେ ପ୍ଲାଷ୍ଟିକ ପାତ୍ର ଧରି ପହଞ୍ଚିବା ସହ କଇଁଛ ଛୁଆ ଗୁଡିକୁ ସଂଗ୍ରହ କରି ସମୁଦ୍ର ଜଳରେ ସୁରକ୍ଷିତ ଭାବେ ଛାଡିବା କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ସେହିପରି ଭିୟୁଷ ଅନୁଷ୍ଠାନର କୋଡିନେଟର ଜେ. ଟିଟୁ ଓ ସ୍ୱେଚ୍ଛାସେବୀ ସିଏଚ ପଦ୍ମିନୀଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାସେବୀ ଦଳ ଉକ୍ତ କଇଁଛ ଛୁଆ ମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଲକ୍ଷ୍ୟ କରାଯାଇଛି । ଅନ୍ୟପଟେ ବନ ବିଭାଗ ପକ୍ଷରୁ ଉକ୍ତ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପ୍ରତି ପ୍ରଶଂସନୀୟ ଉଦ୍ୟମ କରାଯାଇ ୨୪ ଘଣ୍ଟିଆ ସୁରକ୍ଷା ପ୍ରଦାନ କରାଯାଉଛି ।

# ନିଶାକାରବାର ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଓ ଜାରକା ଅଞ୍ଚଳରେ ନିଶା କାରବାର ବ୍ୟାପକ ଭାବେ ବୃଦ୍ଧି ପାଉଥିବାରୁ ତାହା ଏବେ ଚିନ୍ତାର କାରଣ ହେଲାଣି । ଏହାର ପ୍ରଭାବରେ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ମଙ୍ଗଳବାର ରାତିରେ ଚହଟା ପଞ୍ଚାୟତର ଜନସାଧାରଣ ଏହି ନିଶା କାରବାର ବନ୍ଦ ଦାବି କରି ଧର୍ମଶାଳା ଥାନା ଆଗରେ ଧାରଣା ଦେଇଥିଲେ। ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ସାମାନ୍ୟତମ ଉଦ୍ୟମ ହେଉନଥିବାରୁ ଯୁବପିଢ଼ିଙ୍କ ମଧ୍ୟରେ ନିଶା କାରବାର ବଢୁଥିବା ଅଭିଯୋଗ କରିଛନ୍ତି ।ଚହଟା ସପରପଞ୍ଚଙ୍କ ସମେତ ଶତାଧିକ ଲୋକ ଥାନା ସମ୍ମୁଖରେ ବସି ରହିବା ସହ ଲିଖିତ ଭାବେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରଞ୍ଜନ କୁମାର ମାଝି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥଲା।

# କେନାଲ ଦଳ ସଫେଇ କାର୍ଯ୍ୟରେ ନିୟୋଜିତ ଶିଶୁ ଶ୍ରମିକ, ବାଲ ଶ୍ରମ ନିୟମକୁ ଫୁ କରି ଉଡାଉଛନ୍ତି ଜଳସେଚନ ବିଭାଗ

ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ

ସରକାର ସବୁ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ କରିବା ପାଇଁ ବାରମ୍ବାର ବାରଣ କରିବା ସହ ଏହା ପାଇଁ ନିୟମ ମଧ୍ୟ ପ୍ରଣୟନ କରିଛନ୍ତି । ଯାହାକି କୌଣସି କାର୍ଯ୍ୟରେ ୧୮ ବର୍ଷରୁ କମ୍ ପୁଅ ଝିଅଙ୍କୁ ନିୟୋଜିତ କରିପାରିବେ ନାହିଁ ଯଦି କରନ୍ତି ତେବେ ଆଇନ୍ ଅନୁଯାୟୀ ଦଣ୍ଡର ପ୍ରାବଧାନ କରାଯାଇଛି । ଯାହାଦ୍ୱାରା ଶିଶୁ ଶ୍ରମିକ ମାନଙ୍କୁ ନିୟୋଜିତ କରୁଥିବା ଅଧିକାରୀ କିମ୍ବା ଠିକାଦାର ମାନଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡ ଦିଆଯିବ । କିନ୍ତୁ, ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ତେଲରାଇ ପଞ୍ଚାୟତର ଏମ.ଭି. -୭୭ ଗ୍ରାମ ଠାରୁ ବର୍ଡ଼ିଗଟା ମଧ୍ୟ ଦେଇ ଯାଇଥିବା ଗମ୍ପାକୋଣ୍ଡା ମୁଖ୍ୟ କେନାଲ୍‌ରେ । ଉକ୍ତ କେନାଲ୍‌ରେ ଦଳ ସଫେଇ କାର୍ଯ୍ୟ ପାଇଁ ଏମ୍.ଭି.-୭୯ ଜଳସେଚନ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଏମ.ଭି.- ୭୯ ଗ୍ରାମର ଠିକାଦାର ତେଲେରାଇ ଗ୍ରାମର ୨୦ ରୁ ୨୫ ଜଣ ଶ୍ରମିକଙ୍କୁ ନିୟୋଜିତ କରିଛନ୍ତି । କିନ୍ତୁ ସେହି ଶ୍ରମିକ ମାନଙ୍କ ଭିତରେ ୧୦ ଜଣରୁ ଅଧିକ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ପରିଲକ୍ଷିତ ହୋଇଛି । ତପ୍ରରେ ଯେଉଁ ଦଳ ଗୁଡିକ ଶ୍ରମିକମାନେ ବାହାର କରୁଛନ୍ତି ସେଗୁଡିକ କେନାଲ ବନ୍ଧ ଉପରେ ପକାଉଛନ୍ତି । ଏବେ ପ୍ରାୟ ବାରମ୍ବାର କାଳବୈଶାଖୀ ଆସୁଛି । ପବନ ବର୍ଷା ପ୍ରଭାବରେ ଏହି କେନାଲ ବନ୍ଧ ଉପରେ ପଡିଥିବା ଦଳ ଗୁଡିକ ଧୋଇ ହୋଇ ପୁଣି କେନାଲ ଭିତରେ ପଶିବ ଯାହାକି ଗୋଦରା କୋଡେ ଯେତେ ମାଡେ ସେତେ ବୋଲି ଉକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି । ଏଭଳି ଖରାପ କାର୍ଯ୍ୟ ପାଇଁ ସରକାରଙ୍କ ଟଙ୍କା ପାଣିରେ ପଡିଲା ପରି ମନେ ହେଉଛି । ଏ ବିଷୟରେ ଏମ ଭି -୭୯ର ଜଳସେଚନ ବିଭାଗୀୟ କର୍ମଚାରୀଙ୍କ ସହ ଯୋଗାଯୋଗ ହୋଇପାରିନଥିଲା । ଯେଉଁ ଶିଶୁ ଶ୍ରମିକ ନିୟୋଜିତ ହେଉଛନ୍ତି ତାହାପାଇଁ ଉକ୍ତ ସରକାରୀ କର୍ମଚାରୀ ଏବଂ ଠିକାଦାରଙ୍କ ବିରୁଦ୍ଧରେ ଶ୍ରମ ବିଭାଗ ଏବଂ ଚାଇଲଡ୍ ଲାଇନ୍ କେଉଁଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁବାକି ରହିଲା ବୋଲି ଉକ୍ତ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

# ଅଧାପନ୍ତରିଆ ଅବସ୍ଥାରେ ବିଏମ୍‌ସିର ପୋଖରୀ ପୁନରୁଦ୍ଧାର କାମ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

୨୦୨୩ରୁ ଆରମ୍ଭ ହୋଇଥିବା ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ ଅଧପନ୍ତରିଆ ହୋଇ ରହିଛି । କାହାର ପଙ୍କୋଦ୍ଧାର ହୋଇଛି ତ ଆଉ କାହାର ମାଟି ଖୋଳା ସରିଛି । ଏଭଳି ଅବସ୍ଥାରେ ବ୍ରହ୍ମପୁର ସହରର ସମସ୍ତ ପୋଖରୀ ପୁନରୁଦ୍ଧାର ଅଧାରେ ଅଟକି ଯାଇଛି । ବନ୍ଦ ରହିଥିବା ପୋଖରୀ କାମର ଆନୁମାନିକ ମୂଲ୍ୟ ପ୍ରାୟ ଶହେ କୋଟି ହେବ । ନୂଆ ସରକାର ନୂଆ ଯୋଜନା ଟଙ୍କା ଦେଲେ ପୋଖରୀ ପୁନରୁଦ୍ଧାର ଆଗେଇବ ବୋଲି ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଆଶାବାଦୀ ଥିଲେ । ହେଲେ ସରକାର ପୋଖରୀ ପୁନରୁଦ୍ଧାର ବାବଦରେ ଦେଇଛନ୍ତି ୨ କୋଟି ୬୩ ଲକ୍ଷ ୬ ହଜାର ଟଙ୍କା । ଶହେ କୋଟିର ଅଧପନ୍ତରିଆ କାମ ସମ୍ପୂର୍ଣ୍ଣ କରିବା ପାଇଁ ମିଳିଥିବା ୨.୬୩ କୋଟି ଟଙ୍କା ସମୁଦ୍ରକୁ ଶଙ୍ଖେ ପାଣି ବୋଲି ସ୍ୱତନ୍ତ୍ର କାଉନ୍‌ସିଲ୍ ବୈଠକରେ କର୍ପୋରେଟରମାନେ କହିଛନ୍ତି । ମଇ ୨୦୨୩ରେ ବିଏମ୍‌ସିର ପୋଖରୀ ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୯ଟି ପୋଖରୀ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩୧ଟି ପୋଖରୀର ଉନ୍ନତିକରଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଗଲା । ସେଥିରୁ ବଛା ବଛା ୪ଟି ପୋଖରୀ ପାଇଁ ବୃହତର ଯୋଜନା କରାଯାଇଥିଲା । କେବଳ ବେଢ଼ାବନ୍ଧ ପାଇଁ ୩୦ କୋଟିର ଡ଼ିପିଆର୍ କରାଯାଇଥିଲା । ବେଙ୍ଗାଲୁରୁ ମଡେ଼ଲ୍‌ରେ ଏହାର ପୁନରୁଦ୍ଧାର ସହ ପ୍ରାକୃତିକ ଅବସ୍ଥା ଫେରାଇ ଆଣିବାକୁ ଯୋଜନା ରହିଥିଲା । ସେହିଭଳି ପ୍ରାକୃତିକ ଉପାୟରେ ପୁନରୁଦ୍ଧାର ପାଇଁ ଅନ୍ୟ ପ୍ରମୁଖ ପୋଖରୀ ମଧ୍ୟରେ ଆଗୁଳ ବନ୍ଧ ପାଇଁ ୧୧.୪୫ କୋଟି, ଆଇନା ବନ୍ଧ ପାଇଁ ୧୦.୪୩ କୋଟି ଓ ହରିଡ଼ାଖଣ୍ଡି ବନ୍ଧ ପାଇଁ ୧୩.୨୬ କୋଟିର ଡ଼ିପିଆର୍ ହୋଇଥିଲା । ସହର ପ୍ରମୁଖ ଚାରୋଟି ପୋଖରୀ ପୁନରୁଦ୍ଧାର ପାଇଁ ୬୫ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ



ହୋଇଥିଲା । କେବଳ ସେତିକି ନୁହେଁ, ନିଗମର ଆଉ ୬ଟି ୱାର୍ଡ଼ର ୯ ଗୋଟି ଜଳାଶୟକୁ ଆମ ପୋଖରୀ ଯୋଜନାରେ ପୁନରୁଦ୍ଧାର ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା । ଯେଉଁଥିରେ ୪୦ ନମ୍ବର ୱାର୍ଡ଼ ଆଙ୍କୋଲି ବଡ଼ ବନ୍ଧର ନବୀକରଣ ପାଇଁ ୨ କୋଟି ୯୫ ଲକ୍ଷ, ବଡ଼ଗୁଡ଼ିଆ ବନ୍ଧ ପାଇଁ ୪୬ ଲକ୍ଷ, ବୋଇତାଲୁ ବନ୍ଧ ପାଇଁ ୪୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ସେହିପରି ୩୪ ନମ୍ବର ୱାର୍ଡ଼ ଗୋଇଲୁଣ୍ଡି ଭାବାନଗର ବନ୍ଧ ନବୀକରଣ ପାଇଁ ୯୬ ଲକ୍ଷ ଟଙ୍କା, ୩୭ ନମ୍ବର ୱାର୍ଡ଼ ଗୌଡ଼ବନ୍ଧ ପାଇଁ ୮୮ ଲକ୍ଷ ଟଙ୍କା, ୨୮ ନମ୍ବର ୱାର୍ଡ଼ର ଦେଉଳ ବନ୍ଧ ନବୀକରଣ ପାଇଁ ୪୬ ଲକ୍ଷ ଟଙ୍କା, ନାଇଡୁ ବନ୍ଧ ପାଇଁ ୨୮ ଲକ୍ଷ, ୪୧ ନମ୍ବର ୱାର୍ଡ଼ର ରାଉତ ବନ୍ଧ ପାଇଁ ୨୪ ଲକ୍ଷ ଟଙ୍କାକୁ ମିଶାଇ ପ୍ରାୟ ୭ କୋଟି ଟଙ୍କା ପ୍ରବନ୍ଧ କରାଯାଇଥିଲା । ଅବଶିଷ୍ଟ ପୋଖରୀ କାମ ହିସାବକୁ ନେଲେ ପ୍ରାୟ ଶହେ କୋଟି ହେବ । ଏପରି ସ୍ଥଳେ ମାର୍ଚ୍ଚ ୨୦୨୪ ସୁଦ୍ଧା ଗୋଟିଏ ହେଲେ ପୋଖରୀ ପୁନରୁଦ୍ଧାର କାମ ଶେଷ ହୋଇନଥିଲା । ନିର୍ବାଚନ ଆଚରଣ ବିଧି ଲାଗିବା, ସରକାର ପରିବର୍ତ୍ତନ, ନୂଆ ସରକାର ଆସିବା, ପୋଖରୀ ପୁନରୁଦ୍ଧାର କାମରେ ଅନିୟମିତତା ଅଭିଯୋଗ ଏବଂ ବିନା କାର୍ଯ୍ୟାଦେଶରେ କାମ କରାଯାଇଥିବା ଜଣାପଡ଼ିବା ପରେ ସମସ୍ତ କାମ ବନ୍ଦ ହୋଇଯାଇଛି । ସରକାର ନୂଆ ଯୋଜନାରେ ପାଣ୍ଠି ଦେଲେ ଅବଶିଷ୍ଟ କାମ ହେବ ବୋଲି ବିଏମ୍‌ସି କର୍ତ୍ତୃପକ୍ଷ ଆଶାବାଦୀ ରହିଥିଲେ । ଏବେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ପୋଖରୀ ବିକାଶ ପାଇଁ ଦେଇଛନ୍ତି ୨ କୋଟି ୬୩ ଲକ୍ଷ ୬ ହଜାର ଟଙ୍କା । ଶହେ କୋଟି ଟଙ୍କାର ଅଧପନ୍ତରିଆ ପୋଖରୀ ପୁନରୁଦ୍ଧାର ପାଇଁ ୨.୬୩ କୋଟି କଣ ହେବ ବୋଲି କର୍ପୋରେଟର ଗଣ କହିଛନ୍ତି ।





# ଅଧିକାରୀ ପଢ଼ିବେ କୃତ୍ରିମ ବୁଦ୍ଧିମତା ପାଠ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସବୁ ବିଭାଗର ଅଧିକାରୀଙ୍କୁ ଏଣିକି କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ବିଷୟରେ ପାଠ ପଢ଼ିବାକୁ ହେବ। ଏଥିପାଇଁ ଅନ୍‌ଲାଇନ୍‌ରେ ତିନିମାସିଆ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ମାଗଣା ଅନ୍‌ଲାଇନ୍ ପାଠ୍ୟକ୍ରମ ମାଧ୍ୟମରେ କୃତ୍ରିମ ବୁଦ୍ଧିମତା (ଏଆଇ)ରେ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ସବୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ ଏବଂ ଜିଲ୍ଲାପାଳମାନଙ୍କ ନିକଟକୁ ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ସରକାରୀ କାର୍ଯ୍ୟ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ଏଆଇରେ ସୁଯୋଗ ରହିଛି। ଭବିଷ୍ୟତରେ ପ୍ରଶାସନିକ ବ୍ୟବସ୍ଥାକୁ ନୂଆ ରୂପ ଦେବାରେ କୃତ୍ରିମ ବୁଦ୍ଧିମତାର ଏକ ପ୍ରମୁଖ ଭୂମିକା ରହିବ । ସରକାରଙ୍କ ସହିତ ସାଧାରଣ ନାଗରିକଙ୍କ ପ୍ରତ୍ୟକ୍ଷ ସମ୍ପର୍କ, ଅଭିଯୋଗ ଶୁଣାଣି ବ୍ୟବସ୍ଥାକୁ ଗତିଶୀଳ କରିବା, ଯୋଜନା ଓ ସେବା ତଦାରଖ ପ୍ରଣାଳୀକୁ ସକ୍ରିୟ ଓ ଉନ୍ନତ କରିବାରେ ବି ଏହାର ବଡ଼ ଭୂମିକା ରହିବ । ତେଣୁ ରାଜ୍ୟ ପ୍ରଶାସନିକ ବ୍ୟବସ୍ଥା ଭିତରେ ଥିବା ଅଧିକାରୀମାନଙ୍କର ଏଆଇର ନୀତି ଓ ଏହାର ବ୍ୟବହାର ବିଷୟରେ ଜ୍ଞାନ ରହିବା ଆବଶ୍ୟକ । ଏହି ବୈଷୟିକ ଜ୍ଞାନକୁ ବୁଝିବା କେବଳ ନିଷ୍ପତ୍ତି ନେବାରେ ସହାୟକ ହେବନି, ବରଂ ନାଗରିକ କୈନ୍ଦ୍ରିକ ନୀତି ପ୍ରସ୍ତୁତି, ବ୍ୟାପକ ଡାଟା ପରିଚାଳନା ଏବଂ ପ୍ରଶାସନିକ ଦାୟିତ୍ୱ ତୁଲାଇବା ଦିଗରେ ଏହାର ବଡ଼ ଭୂମିକା ରହିବ। ଏହାକୁ ଦୃଷ୍ଟିରେ ରଖି ଅଧିକାରୀମାନଙ୍କ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ଅତି କମ୍‌ରେ ଗୋଟିଏ ମୌଳିକ ବିଷୟରେ ନାମଲେଖା ବାଧ୍ୟତାମୂଳକ କରିବା ସହିତ ଏହାକୁ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି । ସବୁ ବିଭାଗର ମୁଖ୍ୟ ସେମାନଙ୍କ ଅଧୀନରେ ଥିବା ଅଧିକାରୀଙ୍କୁ ଏ ଦିଗରେ ନିର୍ଦ୍ଦେଶ ଦେବା ସହିତ ଏହାର ଅନୁପାଳନ ପାଇଁ ମୁଖ୍ୟ ସଚିବ ଶ୍ରୀ ଆହୁଜା ତାଙ୍କ ଚିଠିରେ ଦର୍ଶାଇଛନ୍ତି। ଏହି ପାଠ୍ୟକ୍ରମଗୁଡ଼ିକ ବିନା ମୂଲ୍ୟରେ ଆଇଗଟ କର୍ମଯୋଗୀ ପୋର୍ଟାଲ, ଭାରତ ସରକାରଙ୍କ ଟେଲି ଯୋଗାଯୋଗ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ବେସିକ୍ କନ୍‌ସେପ୍ଟ ଅଫ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ଅନ୍ୟାନ୍ୟ ପ୍ଲାଟ୍‌ଫର୍ମରେ ଉପଲବ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହି ପାଠ୍ୟକ୍ରମ ତିନି ମାସ ଭିତରେ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ସଚିବ ଚିଠି ମାଧ୍ୟମରେ ଜଣାଇବା ସହିତ ବିଭାଗଗୁଡ଼ିକ ଏଥିନିମନ୍ତେ ପଞ୍ଜୀକରଣ ତଥା ଏହାର ଅନୁପାଳନ ନିମନ୍ତେ ଜଣେ ଲେଖାଏଁ ନୋଡ଼ାଲ ଅଧିକାରୀ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମୂକବଧିରର ଅଭିନୟ କରି ଲୁଟୁଥିବା ୨ ତାମିଲ ଯୁବକ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ମୂକ ଓ ବଧିର ଅଭିନୟରେ ଘରେ ପଶି ଲୁଟ୍‌ପାଟ୍ କରୁଥିବା ଏକ ତାମିଲ ଗ୍ୟାଙ୍ଗ୍‌ର ୨ଜଣଙ୍କୁ କମିସନରେଟ୍ ପୋଲିସ ଗିରଫ କରିଛି। ନୂଆପଲ୍ଲୀ ଥାନା ପୋଲିସ ହାବୁଡ଼ରେ ପଡ଼ିଥିବା ଏହି ୨ ଅଭିଯୁକ୍ତ ହେଲେ ତାମିଲନାଡୁ ତିରୁପତ୍ତୁର ଅଞ୍ଚଳର ଚନ୍ଦ୍ରୁ ଡିଜି ଓରଫ ଚନ୍ଦୁ (୨୩) ଓ ଟି. କାଳିଆପାନ (୩୮)। ପୋଲିସ ସେମାନଙ୍କ ଠାରୁ ୪ଟି ଲାପ୍‌ଟପ୍, ୮ ମୋବାଇଲ୍, ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଓ ଅନ୍ୟାନ୍ୟ ଚୋରି ଜିନିଷ ଜବତ କରିଛି। ପ୍ରାୟ ୯/୧୦ ମାସ ହେଲା ପୋଲିସ ନିଦ ହଜେଇ ଦେଇଥିବା ଏହି ଗ୍ୟାଙ୍ଗ୍‌ର ୧୦/୧୨ ଜଣ ସଦସ୍ୟ ଫେରାର୍ ହୋଇଯାଇଛନ୍ତି। ଏହି ୨ ଜଣଙ୍କୁ ରିମାଣ୍ଡରେ ଆଣି ସେମାନଙ୍କ ସୂଚନା ଆଧାରରେ ଗ୍ୟାଙ୍ଗ୍‌ର ଅନ୍ୟମାନଙ୍କୁ ଠାବ କରିବା ଯୋଜନା କରିଛି ପୋଲିସ । ନୂଆପଲ୍ଲୀ, ଚନ୍ଦ୍ରଶେଖରପୁର, ଚନ୍ଦକା, ଇନ୍‌ଫୋଭ୍ୟାଲି, ଇନ୍‌ଫୋସିଟି, ପାହାଳ, ଧଉଳି, ମୈତ୍ରୀବିହାର ଓ ଖଣ୍ଡଗିରି ଆଦି ଥାନା ଅଞ୍ଚଳରେ ପାଖାପାଖି ୪୨ ଚୋରି ମାମଲାରେ ଏମାନେ ୩୨ ଲାପ୍‌ଟପ୍ ଓ ୪୪ ମୋବାଇଲ୍ ଲୁଟିଥିବା ସ୍ପଷ୍ଟ ହୋଇଛି। ଚୋରି ଜିନିଷଗୁଡ଼ିକୁ ସେମାନେ ତାମିଲନାଡୁ ଓ କୋଲକାତାର ଚୋରା ବଜାରରେ ବିକି ଦେଇଥିବା ଜଣାପଡ଼ିଛି। ସେହିଭଳି ଏକଦା ଟ୍ରେନ୍‌ରେ ପୋଲିସ ହାବୁଡ଼ରୁ ବର୍ତ୍ତିବା ପାଇଁ ତାମିଲନାଡୁ ପେରାମ୍ବୁର ଷ୍ଟେସନ୍‌ରେ କିଛି ଚୋରା ସାମଗ୍ରୀ ଛାଡ଼ି ପଳାଇଥିବା ସ୍ୱୀକାର କରିଛନ୍ତି। ଏମାନଙ୍କ ଟାର୍ଗେଟ୍‌ରେ ଥିଲା ହଷ୍ଟେଲ, ମେସ୍ ଓ ସିକ୍ୟୁରିଟି ଗାର୍ଡ ନଥିବା ସୋସାଇଟି। ସକାଳୁ ସକାଳୁ ଏମାନଙ୍କ ଅପରେସନ୍ ଆରମ୍ଭ ହୋଇଯାଉଥିଲା। ପ୍ରାତଃ ଭ୍ରମଣରେ ଯାଉଥିବା ଲୋକ, ପିଲାଙ୍କୁ ସ୍କୁଲ୍‌ରେ ଛାଡ଼ିବାକୁ ଯାଉଥିବା ବ୍ୟକ୍ତି ଓ ହଷ୍ଟେଲ୍‌ରୁ ଜିମ୍ ଯାଉଥିବା ଛାତ୍ରଙ୍କ ଉପରେ ଏମାନଙ୍କ ନଜର ଥିଲା। ଏଭଳି ସମୟରେ ସାଧାରଣତଃ ଲୋକମାନେ ତରତରରେ କବାଟରେ ତାଲା ପକାଇବାକୁ ଭୁଲିଯାଇଥାନ୍ତି। ଏହି ମଉକାରେ ରେକି କରି ପୂର୍ବରୁ ଛକି ରହିଥିବା ଲୁଟେରାମାନେ ସେସବୁ ଘରେ ପଶି ଲାପ୍‌ଟପ୍, ମୋବାଇଲ୍ ଓ କ୍ୟାମେରା ଭଳି ଦାମୀ ଜିନିଷ ଉଠାଇନିଅନ୍ତି। ଯଦି ବି କେଉଁଠି ସନ୍ଦେହଜନକ ଅବସ୍ଥାରେ ଲୋକଙ୍କ ହାବୁଡ଼ରେ ପଡ଼ନ୍ତି, ସଙ୍ଗେ ସଙ୍ଗେ ଆରମ୍ଭ କରିଦିଅନ୍ତି ନିଖୁଣ ଅଭିନୟ। ମୁକ ଓ ବଧିର ଅଭିନୟ କରିବା ସହ ନିକଟରେ ରଖିଥିବା ସାର୍ଟିଫିକେଟ୍ ଦେଖାନ୍ତି ଓ ଭିକ ମାଗିବାକୁ ଆସିଥିଲେ ବୋଲି ଠାରରେ କହନ୍ତି। ଫଳରେ ଲୋକଙ୍କ ମନରେ ଦୟା ଆସେ ଓ ସହାନୁଭୂତି ପ୍ରଦର୍ଶନ କରିବାକୁ ଯାଇ ଲୋକେ ସେମାନଙ୍କୁ କିଛି ଆର୍ଥିକ ସହାୟତା ଦେଇ ଛାଡ଼ିଦିଅନ୍ତି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ ଏମାନେ ବିଭିନ୍ନ ସ୍କୁଲ୍ କଲେଜକୁ ଯାଇ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଖାଇ ଆର୍ଥିକ ସହାୟତା ପାଇଛନ୍ତି। ଏମାନେ କୌଣସି ଅଞ୍ଚଳରେ ବେଶି ଦିନ ଡେରା ପକାନ୍ତିନାହିଁ। ତେଣୁ ସେମାନଙ୍କୁ ଜାଣିବା ପୋଲିସ ପାଇଁ କାଠିକର ବ୍ୟାପାର ଥିଲା। ବହୁ ଅଭିଯୋଗ ପରେ ବି ପୋଲିସ ସିସିଟିଭି ଫୁଟେଜ୍‌ରୁ ସେମାନଙ୍କୁ ଚିହ୍ନଟ କରିବା ସମ୍ଭବ ହୋଇନଥିଲା। ଫେବୃଆରୀ ୨୬ ତାରିଖ ସକାଳେ ନୂଆପଲ୍ଲୀ ବେହେରାସାହି ଅଞ୍ଚଳର ଶିବପ୍ରସାଦ ସାହୁଙ୍କ ଘରୁ ଲାପ୍‌ଟପ୍ ଓ ୩ଟି ମୋବାଇଲ୍ ଫୋନ୍ ଚୋରି ହୋଇଥିଲା। ଏହି ମାମଲାରେ ପୋଲିସ ପାଇଥିବା ସିସିଟିଭି ଫୁଟେଜ୍‌ରୁ ଚନ୍ଦୁକୁ ଭଲ ଭାବେ ଚିହ୍ନଟ କରାଯାଇଥିଲା। ସେବେଠୁ ଭିକାରି ବେଶରେ ବୁଲୁଥିବା ଚନ୍ଦୁ ପଛରେ ପୋଲିସ ଟିମ୍ ପଡ଼ିଥିଲା। ଗୁରୁବାର ସକାଳେ ପୋଲିସ ତାକୁ ସିଆର୍‌ପି ଛକରେ ଠାବ କରିଥିଲା। ପରେ ପରେ ତା ସୂଚନା ଆଧାରରେ କାଳିଆ ପାନାକୁ ଭୁବନେଶ୍ୱର ରେଳଷ୍ଟେସନ୍‌ରୁ ଗିରଫ କରାଯାଇଥିଲା।

## ||||||||||||| ମଧ୍ୟପ୍ରଦେଶରେ ପତଞ୍ଜଳିର କୃଷି ବିପ୍ଳବ ଆରମ୍ଭ |||||||||||||

# ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ କୃଷକଙ୍କ ଆୟରେ ଯଥେଷ୍ଟ ବୃଦ୍ଧି ଆଣିବ

**ଭୋପାଳ**

ମୌଗଞ୍ଜ ଜିଲ୍ଲାର ଅନୁର୍ବର ଏବଂ ପତିତ ଜମି ଏବେ କୃଷକମାନଙ୍କ ଉତ୍ପାଦିତ ଦ୍ରବ୍ୟ ଏବଂ ସେମାନଙ୍କର ସମୃଦ୍ଧି ପାଇଁ ଦ୍ୱାର ଖୋଲିବ ଏବଂ ବିକଶିତ ବିନ୍ଧ୍ୟ ଅଞ୍ଚଳରେ ଏକ ନୂତନ ଅଧ୍ୟାୟ ଯୋଡ଼ିବ। ଏହି ବଡ଼ କାର୍ଯ୍ୟ ପାଇଁ, ମଧ୍ୟପ୍ରଦେଶର ଉପମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଳା ଜୀ ଏବଂ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଳକୃଷ୍ଣ ଜୀଙ୍କ ମାଧ୍ୟମରେ ମୌଗଞ୍ଜରେ ଅବସ୍ଥିତ ଉକ୍ତ ଜମିର ରେଜିଷ୍ଟ୍ରିର କପି ପତଞ୍ଜଳି ଯୋଗପୀଠକୁ ସ୍ଥାନାନ୍ତର କରିଥିଲେ। ଏହାପରେ, ଆଚାର୍ଯ୍ୟ ଜୀ ମୌଗଞ୍ଜ ଡିଏମ୍ ସଞ୍ଜୟ କୁମାର ଜୈନଙ୍କ ସହିତ ସ୍ଥାନୀୟ ଜମି ଯାଞ୍ଚ କଲେ ଏବଂ ଭବିଷ୍ୟତ ଯୋଜନା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କଲେ। ଏହି ଅବସରରେ ଆଚାର୍ଯ୍ୟ ଜୀ କହିଥିଲେ ଯେ ପୂଜ୍ୟ ସ୍ୱାମୀଜୀଙ୍କ ନେତୃତ୍ୱରେ



କୃଷକମାନଙ୍କ ସମୃଦ୍ଧି ପାଇଁ ପତଞ୍ଜଳି ଯୋଗପୀଠ ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ସାକାର କରିବାରେ ପତଞ୍ଜଳିର ସେବା ପ୍ରକଳ୍ପ ଖୁବ୍‌ଶୀଘ୍ର ସାକାର ହେବ। ଆଚାର୍ଯ୍ୟଜୀ କହିଥିଲେ ଯେ ଯେତେବେଳେ ଆମେ ଆମର ଜାତୀୟ ଭାବନା ଏବଂ କର୍ତ୍ତବ୍ୟକୁ ସାମାଜିକତା ସହିତ ଯୋଡ଼ିବା ଏବଂ ଜନହିତ ଏବଂ ଜନକଲ୍ୟାଣ ପାଇଁ ପ୍ରତିଜ୍ଞା ନେବା, ସେତେବେଳେ ନିଶ୍ଚିତ ଭାବରେ ଏକ ବହୁତ ବଡ଼ କାମ ହୋଇପାରିବ। ସେ କହିଛନ୍ତି ଯେ ପତଞ୍ଜଳି ରାଜ୍ୟର କୃଷକମାନଙ୍କ ସମୃଦ୍ଧି ବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅଞ୍ଚଳରେ ବିକାଶକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବିନ୍ଧ୍ୟ କ୍ଷେତ୍ର ପାଇଁ ଶିଳ୍ପ ନୀତି ଏବଂ ନିବେଶ ପ୍ରୋତ୍ସାହନ ଅଧିନରେ ଏକ ବ୍ୟାପକ ଏବଂ ସାମଗ୍ରିକ ଯୋଜନା ବିକଶିତ କରିଛି। ଏହି ଯୋଜନା ଅଧିନରେ, ପତଞ୍ଜଳି ଶିଳ୍ପ ନୀତି ଏବଂ ନିବେଶ ପ୍ରୋତ୍ସାହନ ଅଧୀନରେ ମଧ୍ୟପ୍ରଦେଶର ରେୱା ଅଞ୍ଚଳର ମୌଗଞ୍ଜ ଜିଲ୍ଲାର ଘୁରେହଟା ଗ୍ରାମରେ ଏକ ଶିଳ୍ପ ପାର୍କ ବିକଶିତ କରିବାକୁ ଯୋଜନା କରୁଛି। ଏହି ଯୋଜନାର ଲକ୍ଷ୍ୟ କେବଳ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ନୁହେଁ ବରଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା, ଯାହାଦ୍ୱାରା ଏକ ସମୃଦ୍ଧ ଏବଂ ଆତ୍ମନିର୍ଭରଶୀଳ କୃଷି କ୍ଷେତ୍ର ସୃଷ୍ଟି ହେବ। ଆଚାର୍ଯ୍ୟଜୀ କହିଛନ୍ତି ଯେ ଏହି ଅଭିନବ ପଦକ୍ଷେପ ରାଜ୍ୟରେ କୃଷି ଭିତ୍ତିକ ମଡେଲ୍ ପ୍ରତିଷ୍ଠା କରିବ ଯେଉଁଥିରେ ଫସଲ ବିବିଧତା, ତାଲିମ୍ କେନ୍ଦ୍ର, ବିହନ ୟୁନିଟ୍, ଚାଷୀମାନଙ୍କୁ ଉତ୍ତମ ସମ୍ବଳ ଏବଂ ବୈଷୟିକ ସହାୟତା ପ୍ରଦାନ କରିବା ପାଇଁ ପ୍ରାଥମିକ ପ୍ରକ୍ରିୟାକରଣ ୟୁନିଟ୍ ଅନ୍ତର୍ଭୁକ୍ତ ହେବ। ଏହା ବ୍ୟତୀତ, ସ୍ଥାନୀୟ ବାସିନ୍ଦାମାନେ ପତଞ୍ଜଳିର ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାର ଲାଭ ମଧ୍ୟ ପାଇପାରିବେ। ସେ କହିଛନ୍ତି ଯେ ପତଞ୍ଜଳି ରାଜ୍ୟରେ ଫସଲ ବିବିଧତା ପାଇଁ ପୂର୍ବରୁ ପ୍ରୟାସ କରୁଛି, ଯାହା ସ୍ଥାନୀୟ କୃଷିର ଉତ୍ପାଦକତା ବୃଦ୍ଧି କରିବ ଏବଂ କୃଷକମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବ। ଆଚାର୍ଯ୍ୟଜୀ କହିଛନ୍ତି ଯେ ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ଦ୍ୱାରା କୃଷକମାନଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିବାର ସମ୍ଭାବନା ରହିଛି, ଯାହା ସେମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବାରେ ସାହାଯ୍ୟ କରିବ। ଏହା ସହିତ, ଏହି ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କର କୀଟନାଶକ, ରାସାୟନିକ ସାର ଏବଂ ଅତ୍ୟଧିକ ଜଳ ବ୍ୟବହାର ଉପରେ ନିର୍ଭରଶୀଳତା ହ୍ରାସ ପାଇବ, ଯାହା ସେମାନଙ୍କର ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବ ଏବଂ ସେମାନଙ୍କୁ ଅଧିକ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ କରିବାକୁ ସକ୍ଷମ କରିବ। ଏହି ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ରାଜ୍ୟରେ କୃଷି କ୍ଷେତ୍ରର ସମୃଦ୍ଧି, କୃଷି ତାଲିମ୍ ମାଧ୍ୟମରେ କୃଷକଙ୍କ ଦକ୍ଷତା ବୃଦ୍ଧି, ନିଯୁକ୍ତି ସୃଷ୍ଟି, ସାମାଜିକ ବିକାଶ ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି ଅବସରରେ, ରେୱାର RO MPIDC ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ୟୁ.କେ. ତିୱାରୀ, ମହାପ୍ରବନ୍ଧକ ନବେନ୍ଦୁ ଶୁକ୍ଳା ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କେ.କେ. ଗର୍ଗ ଇତ୍ୟାଦି ଉପସ୍ଥିତ ଥିଲେ।

# ଆମେରିକା ନିବେଶକମାନେ ଚୀନ୍ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିବେ

**ନୂଆଦିଲ୍ଲୀ**

ବୃଦ୍ଧି ପାଉଥିବା ବାଣିଜ୍ୟ ଯୁଦ୍ଧ ମଧ୍ୟରେ ଯଦି ବିଶ୍ୱର ଦୁଇ ସର୍ବବୃହତ ଅର୍ଥନୀତି ମଧ୍ୟରେ ଆର୍ଥିକ ପୃଥକୀକରଣ ଘଟେ ତେବେ ଆମେରିକୀୟ ନିବେଶକ ଚୀନ୍ ପୁଞ୍ଜି ବଜାରରୁ ପ୍ରାୟ ୮୦୦ ବିଲିୟନ ଡଲାର ପ୍ରତ୍ୟାହାର କରିପାରନ୍ତି ବୋଲି ଗୋଲ୍ଡମ୍ୟାନ୍ ସାକ୍ସ ରିପୋର୍ଟରେ ପ୍ରକାଶ କରିଛି । ବର୍ତ୍ତମାନ ଆମେରିକୀୟ ପ୍ରତିଷ୍ଠାନ ନିକଟରେ ଚୀନ୍ କମ୍ପାନୀଗୁଡ଼ିକର ଆମେରିକୀୟ ଜମାକାରୀ ପ୍ରାପ୍ତି । (ଏଡିଆର୍) ବଜାର ପୁଞ୍ଜିକରଣର ପ୍ରାୟ ୭% ଅଧିକାର ରହିଛି। ଗୋଲ୍ଡମ୍ୟାନ୍ ବିଶ୍ଳେଷକ ବ୍ଲୁମବର୍ଗ ଦ୍ୱାରା ଉଦ୍ଧୃତ ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ଯଦି ଆଲିବାବା ଗ୍ରୁପ୍ ହୋଲ୍ଡିଂ ଲିମିଟେଡ୍ ଭଳି କମ୍ପାନୀଗୁଡ଼ିକ ଅନିଚ୍ଛାକୃତ ଭାବରେ ଆମେରିକାର ଡିଲିଷ୍ଟିଂର ସମ୍ମୁଖୀନ ହୁଅନ୍ତି ତେବେ ଏହି ନିବେଶକମାନେ ହଂକଂରେ ଅଂଶଧନ ହାସଲ କରିବାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବଢୁଥିବା ଆମେରିକା-ଚୀନ୍ ଆର୍ଥିକ ପୃଥକୀକରଣ ଚିନ୍ତା ମଧ୍ୟରେ ବିଶ୍ଳେଷକ ବିଶ୍ୱ ବାଣିଜ୍ୟରେ ଅଭୂତପୂର୍ବ ଅନିଶ୍ଚିତତାକୁ ଉଜାଗର କରିଛନ୍ତି, ଯାହାଫଳରେ ବଜାରରେ ଅସ୍ଥିରତା ଏବଂ ବିଶ୍ୱବ୍ୟାପୀ ମାନ୍ଦାବସ୍ଥା ବିଷୟରେ ଚିନ୍ତା ସୃଷ୍ଟି ହୋଇଛି । ବ୍ଲୁମବର୍ଗ ଅନୁଯାୟୀ ଆମେରିକାର ସଂସ୍ଥାଗତ ନିବେଶକ ଚୀନ୍ ପୁଞ୍ଜି ବଜାରରେ ୮୦୦ ବିଲିୟନ ଡଲାର୍‌ରୁ ଅଧିକ ନିବେଶ କରିଛନ୍ତି। ତେବେ ଆମେରିକା-ଚୀନ୍ ବାଣିଜ୍ୟ ଉତ୍ତେଜନା ଫଳରେ ଗୁରୁତର ସ୍ଥିତିରେ ଆମେରିକା ନିବେଶକ ଚୀନ୍ ବଜାରରୁ ନିବେଶ ପ୍ରତ୍ୟାହାର କରିପାରନ୍ତି।

# ଭାବୀ ଜ୍ୱାଇଁଙ୍କ ସହ ଚମ୍ପଟ ମାରିଥିବା ମହିଳାଙ୍କ ଆତ୍ମସମର୍ପଣ

**ଅଲିଗଡ଼**

ଉତ୍ତର ପ୍ରଦେଶର ଅଲିଗଡ ସହରରେ ଝିଅ ବିବାହର ମାତ୍ର ଦଶ ଦିନ ପୂର୍ବରୁ ଭାବୀ ଜ୍ୱାଇଁଙ୍କ ସହ ଚମ୍ପଟ୍ ମାରିଥିବା ମହିଳା ଗୁରୁବାର ଥାନାରେ ଆତ୍ମସପର୍ପଣ କରିଥିବା ଜଣାପଡିଛି । ସ୍ୱପ୍ନା ନାମ୍ନୀ ଏହି ମହିଳା ଭାବୀ ଜ୍ୱାଇଁ ରାହୁଲଙ୍କ ସହ ଫେରାର୍ ହୋଇଯାଇଥିଲେ। ପୋଲିସକୁ ଦେଇଥିବା ବୟାନ ଅନୁଯାୟୀ ସ୍ୱପ୍ନା କହିଛନ୍ତି ଯେ ତାଙ୍କ ସ୍ୱାମୀ ଜଣେ ମଦ୍ୟପ ହୋଇଥିବା ବେଳେ ତାଙ୍କୁ ନିସ୍ତୁକ ମାଡ ମାରୁଥିଲେ। ତେଣୁ ରାହୁଲଙ୍କୁ ବିବାହ କରି ଅବଶିଷ୍ଟ ଜୀବନ ବିତାଇବାକୁ ସେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ତେବେ ଜ୍ୱାଇଁଙ୍କ ସହ ଫେରାର୍ ହେବା ସମୟରେ ସ୍ୱପ୍ନା ନଗଦ ୩୫ ଲକ୍ଷ ଟଙ୍କା ଓ ୫ ଲକ୍ଷ ଟଙ୍କାର ସ୍ୱର୍ଣ୍ଣାଳଙ୍କାର ନେଇଯାଇଛନ୍ତି ବୋଲି ତାଙ୍କ ସ୍ୱାମୀ ପୋଲିସରେ ଯେଉଁ ଅଭିଯୋଗ କରିଥିଲେ, ତାହାକୁ ସ୍ୱପ୍ନା ଖଣ୍ଡନ କରିଛନ୍ତି । ସ୍ୱପ୍ନା କହିଛନ୍ତି ଯେ ରାହୁଲଙ୍କ ସହ ଯିବା ସମୟରେ ତାଙ୍କ ପାଖରେ କେବଳ ୨୦୦ ଟଙ୍କା ଥିଲା। ସ୍ୱପ୍ନା ଓ ରାହୁଲ ପ୍ରଥମେ ଲକ୍ଷ୍ନୌ ଏବଂ ପରବର୍ତ୍ତୀ ସମୟରେ ମୁଜାଫରପୁର ପଳାଇଥିଲେ। ପୋଲିସ ସେମାନଙ୍କୁ ଖୋଜୁଥିବା ଜାଣିବା ପରେ ସ୍ୱପ୍ନା ଓ ରାହୁଲ ଥାନାରେ ଆତ୍ମସମର୍ପଣ କରିବାରକୁ ଉଚିତ୍ ମଣିଥିଲେ।

# ମଇ ଗଛରୁ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ଶବ ଉଦ୍ଧାର

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ସିକୋ ଫାଣ୍ଡି ଗୌଡ଼ପାଟଣା ଗ୍ରାମର ଗହୀର ଜମିରେ ଥିବା ମଇ ଗଛରେ ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି । ସେମାନେ ହେଲେ ନୟାଗଡ଼ ଜିଲ୍ଲା ରାଜସୁନାଖଳା ଗୋପୀନାଥପୁର ସାହିର ଅଜୟ ପ୍ରଧାନ (୪୩) ଏବଂ ଶାନ୍ତି ସାହୁ। ସୂଚନା ଅନୁସାରେ ଗୁରୁବାର ସକାଳୁ ଏକ ମଇ ଗଛରେ ଝୁଲୁଥିଲା ୨ଟି ମୃତ ଦେହ । ମୃତକ ଦ୍ୱୟ ରାଜସୁନାଖଳା ଅଞ୍ଚଳର ଅଜୟ ପ୍ରଧାନ ଓ ଶାନ୍ତିଲତା ସାହୁ ବୋଲି ଜଣାପଡ଼ିଛି। ଉଭୟ ପୂର୍ବରୁ ବିବାହିତ । ଅଜୟ ରାଜସୁନାଖଳାରେ ଏକ ଗ୍ୟାରେଜ୍ କରିଥିବାବେଳେ ଶାନ୍ତି ବିୟୁଟି ପାର୍ଲର କରିଥିଲା । ଶାନ୍ତିଙ୍କ ଏକ ମାତ୍ର ଝିଅ ଗତବର୍ଷ ଆତ୍ମହତ୍ୟା କରିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ସେହିପରି ଅଜୟଙ୍କ ଏକ ଝିଅ ଚଳିତ ସପ୍ତାହରେ ବିବାହ କରିବାରଥିଲା। ତେବେ ମୃତକ ଦ୍ୱୟ ଗୋଟିଏ ଗାଁର ଏବଂ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ରହିଥିଲା ବୋଲି କୁହାଯାଉଛି। କୁମ୍ଭାରୀ ଛକରେ ଥିବା ବିୟୁଟି ପାର୍ଲରରେ ଅଜୟଙ୍କ ପରିବାର ଦୁଇ ଜଣଙ୍କୁ ଅନ୍ତରଙ୍ଗ ମୁହୂର୍ତ୍ତରେ ଦେଖି ବାଙ୍କୋଇ ପୋଲିସ ସହାୟତାରେ ଉଦ୍ଧାର କରିଥିଲେ । ଏଭଳି ଘଟଣା ପଣା ସଂକ୍ରାନ୍ତି ପୂର୍ବଦିନ ଘଟିଥିଲା । ଗୁରୁବାର ଏହି ଘଟଣାର ଆପୋଷ ସମାଧାନ ହେବାର ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କିନ୍ତୁ ଲୋକଲଜ୍ଜା ଭୟରେ ସେମାନେ ଏଭଳି କାଣ୍ଡ ଭିଆଇଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରୁ ଏକ ନୀଳ ରଙ୍ଗର ସ୍କୁଟି ଉଦ୍ଧାର କରାଯାଇଛି । ସିକୋ ଫାଣ୍ଡି ଏବଂ ଜଙ୍କିଆ ଥାନା ପୋଲିସ ଘଟଣା ସ୍ଥଳରେ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ପରେ ମୃତଦେହ ଦୁଇଟିକୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏହି ଘଟଣାର ତଦନ୍ତ ଜାରି ରହିଛି। ଦୁଇ ମୃତକଙ୍କୁ ଉଦ୍ଧାର କାଳରେ ସେମାନଙ୍କ ପାଦ ଭୂମିକୁ ସ୍ପର୍ଶ କରିଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ସେଥିନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ ବୋଲି ଜଙ୍କିଆ ପୋଲିସ କହିଛି ।

# ବାଣୀବିହାର କ୍ୟାମ୍ପସ୍‌କୁ ନିଶାମୁକ୍ତ କରିବାକୁ ଛାତ୍ର ସଙ୍ଗଠନର ଦାବି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନିଶା କାରବାରରେ ସମ୍ପୃକ୍ତ ଥିବା ଜଣେ ଯୁବକ ବାଣୀବିହାର କ୍ୟାମ୍ପସ୍‌ରୁ ଗିରଫ ହୋଇଛି। ଏହାପରେ ବାଣିବିହାରରେ ଚାଲିଥିବା ନିଶା କାରବାରର ଚେର ଧରିବାକୁ ବିଭିନ୍ନ ଛାତ୍ର ସଙ୍ଗଠନ ଦାବି କରିଛନ୍ତି। ବାଣୀବାହାର ପରିସରରେ ଆବଶ୍ୟକ ସୁରକ୍ଷାକର୍ମୀ ନଥିବା ଦର୍ଶାଇ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଅସହାୟତା ପ୍ରକାଶ କରିବା ପରେ ଛାତ୍ର ସଙ୍ଗଠନଗୁଡ଼ିକ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଯଦି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୁରକ୍ଷା ନଦେବେ ତାହାହେଲେ କିଏ ସହାୟତା ଦେବ ବୋଲି ଛାତ୍ରନେତାମାନେ ପ୍ରଶ୍ନ କରିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ଅଭିଯୋଗ କରିଛନ୍ତି ଯେ ବାଣିବିହାର କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି । ପୂର୍ବରୁ ଛାତ୍ର ଆତ୍ମହତ୍ୟା କିମ୍ବା ଛାତ୍ରୀ ଅସଦାଚରଣ ଘଟଣା ସାମ୍ନାକୁ ଆସିଛି। ବିଭିନ୍ନ ରାଜନୈତିକ ଦଳ କ୍ୟାମ୍ପସ୍ ଭିତରେ ସଭା ଆୟୋଜନ କରି ଅରାଜକତା ସୃଷ୍ଟି କରୁଛନ୍ତି। ଛାତ୍ରାବାସ ଗୁଡ଼ିକରେ ଅସାମାଜିକ ଲୋକ ରହି କ୍ୟାମ୍ପସ୍ ଭିତରେ ନିଶା କାରବାର କରୁଛନ୍ତି। ନିଶା ଦ୍ରବ୍ୟ ବଢ଼ିବା କାରଣରୁ ଆପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି



ପାଇବାରେ ଲାଗିଛି। ତେଣୁ ଶିକ୍ଷାର ଅଗ୍ରଗତି ପାଇଁ କ୍ୟାମ୍ପସ୍‌ର ସୁରକ୍ଷା ନିତାନ୍ତ ଆବଶ୍ୟକ। କ୍ୟାମ୍ପସ୍‌ରୁ ଅଣଛାତ୍ରଙ୍କୁ ସମ୍ପୂର୍ଣ୍ଣ ଭାବେ ଖାଲି କରିବା ସହ ସୁରକ୍ଷା ଉପରେ କୁଳପତି ଗୁରୁତ୍ୱ ଦିଅନ୍ତୁ। ନହେଲେ ଏବିଭିପି ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦୀପ୍ତିମୟୀ ସତର୍କ କରାଇଦେଇଛନ୍ତି। ଛାତ୍ର କଂଗ୍ରେସ ଓ ବିଜୁ ଛାତ୍ର ଜନତା ଦଳ ମଧ୍ୟ କ୍ୟାମ୍ପସ୍‌ର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି। ଯଦି ସହିଦନଗର ଥାନା ଠାରୁ ମାତ୍ର ଗୋଟିଏ କିମି ଭିତରେ ନିଶାଦ୍ରବ୍ୟ ବେପାର ହେଉଛି ତାହା ହେଲେ ସହରର ଅନ୍ୟ ସ୍ଥାନଗୁଡ଼ିକରେ କିଭଳି ନିଶା କାରବାର ହେଉଥିବ ତାହା ସ୍ପଷ୍ଟ ଅନୁମେୟ। ବିଶ୍ୱବିଦ୍ୟାଳୟରେ ଅସାମାଜିକଙ୍କ ଆଡ୍ଡା ଓ ଆପରାଧିକ କାର୍ଯ୍ୟକଳାପ ଦ୍ୱାରା ଶୈକ୍ଷିକ ବାତାବରଣ ସମ୍ପୂର୍ଣ୍ଣ ବିଗିଡ଼ିଯାଉଛି। ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୧୦ ମାସର ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ପ୍ରକାର ସୁବିଧା ପ୍ରଦାନ କରିନାହାନ୍ତି। ବରଂ ଉଚ୍ଚଶିକ୍ଷା ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ ହୋଇପଡ଼ିଛି। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଉଭୟ ସଙ୍ଗଠନ କହିଛନ୍ତି। ଉଲ୍ଲେଖ ଥାଉକି, ସୁଉଚ୍ଚ ଗେଟ୍‌ରେ ସୁରକ୍ଷାକର୍ମୀ ୨୪ ଘଣ୍ଟା ମୁତୟନ ଥିଲେ ମଧ୍ୟ ସନ୍ଧ୍ୟା ହେଲେ କ୍ୟାମ୍ପସ୍‌ର ଏକାଧିକ ସ୍ଥାନରେ ଖୋଲାଖୋଲି ଭାବେ ଅଣଛାତ୍ରଙ୍କର ମଦ ଆସର ଜମୁଛି। ସେମାନେ କ୍ୟାମ୍ପସ୍‌ରେ ଖଟି କରୁଛନ୍ତି। ଛାତ୍ରାବାସରେ ମଧ୍ୟ ଆଡ଼ା ଜମାଉଛନ୍ତି। ପୋଲିସ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ରୋକିବା ଦିଗରେ ବିଫଳ ହୋଇଛନ୍ତି। ଶେଷ ଥର ପାଇଁ ୨୦୧୯ ମାର୍ଚ୍ଚରେ ପୋଲିସ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମିଳିତ ଟିମ୍ ୭ ନମ୍ବର ଛାତ୍ରାବାସରେ ଚଢ଼ଉ କରି ୫୦୦ରୁ ଅଧିକ ମଦ ବୋତଲ, ଜୁଆ ଖେଳିବା ସାମଗ୍ରୀ, ଚରସ, ଗଞ୍ଜେଇ, ସିଗାରେଟ୍ ଆଦି ଜବତ କରିଥିଲେ। ଏହା ପରଠାରୁ କ୍ୟାମ୍ପସ୍‌ରେ ଥିବା ଛାତ୍ରାବାସଗୁଡ଼ିକରେ ଚଢ଼ଉ ହୋଇନାହିଁ କିମ୍ବା ଅଣଛାତ୍ରଙ୍କୁ ଚିହ୍ନଟ କରି ତଡ଼ିବା ଦିଗରେ ପଦକ୍ଷେପ ନିଆଯାଇନାହିଁ। ଯେଉଁଥିପାଇଁ ବାରମ୍ବାର ଅପ୍ରୀତିକର ଘଟଣା ହେଉଥିବା ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି।

# ଆଣ୍ଠୁ ସମସ୍ୟା ପାଇଁ ସ୍ୱାସ୍ଥ୍ୟସେବା ଶିବିରକୁ ଆସିଥିବା ରୋଗୀଙ୍କ ଚକ୍ଷୁ ଅସ୍ତ୍ରୋପଚାର

**ନାଲ୍‌କୋ ନଗର, ନ୍ୟୁଜ୍ ବ୍ୟୁରୋ**

ଅଣ୍ଡକୋଷ (ହାଇଡ୍ରୋସିଲ) ଏବଂ ଆଣ୍ଠୁ ସମସ୍ୟାରୁ ଉପଶମ ପାଇଁ ଅସ୍ତ୍ରୋପଚାର କରିବାକୁ ସ୍ୱାସ୍ଥ୍ୟସେବା ଶିବିରକୁ ଡାକି ନେଇଥିଲେ। କିନ୍ତୁ ସେଠାରେ କିଛି ରୋଗୀଙ୍କ ଆଖି ଅସ୍ତ୍ରୋପଚାର କରାଯାଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି । ବଁଅରପାଳ ବ୍ଲକ ଅନ୍ତର୍ଗତ ଏକ ଘରୋଇ ଡାକ୍ତରଖାନା ପକ୍ଷରୁ କୁରୁଡୋଲରେ ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିରକୁ ହାଇଡ୍ରୋସିଲ ଏବଂ ଆଣ୍ଠୁ ରୋଗୀ ଯାଇଥିଲେ। କିନ୍ତୁ ସେଠାରେ ମୂଳ ସମସ୍ୟା ବଦଳରେ ଆଖି ଅସ୍ତ୍ରୋପଚାର କରାଯାଇଥିବା ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ରୋଗୀଙ୍କ ସମ୍ପର୍କୀୟମାନେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ଚିକିତ୍ସାଳୟର ଗାଡ଼ି ସହ ଚାଳକଙ୍କୁ ଅଟକ ରଖିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତଙ୍କୁ ବୁଝାସୁଝା କରିଥିଲା । ସୂଚନା ଅନୁଯାୟୀ, ପରଜଙ୍ଗ ବ୍ଲକ କନ୍ଦରସିଙ୍ଗା ପଞ୍ଚାୟତ କଟରାପଡା ଗ୍ରାମର ଚଣ୍ଡାଳ ସେଠୀ (୭୦) ଓ ଦୟା ନାଏକ (୮୦) ହାଇଡ୍ରୋସିଲ ସମସ୍ୟା ଥିବାବେଳେ କୁରୁଡୋଲର ୭୦ ବର୍ଷୀୟା ବୃନ୍ଦାବତୀ ସାହୁଙ୍କ ଆଣ୍ଠୁବ୍ୟଥା ସମସ୍ୟା ରହିଥିଲା । ଏହି ଦୁଇ ରୋଗର ଅସ୍ତ୍ରୋପଚାର କରାଯିବ ବୋଲି ୩ ଜଣଙ୍କୁ ଉକ୍ତ ଡାକ୍ତରଖାନାର କର୍ମଚାରୀ କହିବା ସହ ନିଜ ଗାଡ଼ିରେ ଗାଁରୁ ଶିବିରକୁ ନେଇଥିଲେ। କିନ୍ତୁ ଶିବିରରେ ଉପରୋକ୍ତ ୩ ଜଣଙ୍କ ଆଖି ଅସ୍ତ୍ରୋପଚାର କରି ଦିଆଯାଇଥିଲା । ବୃନ୍ଦାବତୀ ସମେତ କିଛି ରୋଗୀଙ୍କୁ ଉକ୍ତ ଡାକ୍ତରଖାନା ଭ୍ୟାନ୍‌ରେ ନିଜ ନିଜ ଘରକୁ ଛାଡ଼ି ଦିଆଯାଇଥିଲା । ବୃନ୍ଦାବତୀଙ୍କୁ ନିଜ ଘରେ ଛାଡ଼ିବା ବେଳେ ତାଙ୍କ ପୁଅ ସୋମନାଥ ସାହୁ ମା'ଙ୍କ ଆଖିରେ ପଟି ଲାଗିଥିବା ଦେଖି ଆଶ୍ଚର୍ଯ୍ୟ ହୋଇ ଡାକ୍ତରଖାନା ଗାଡ଼ିକୁ ଅଟକାଇ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏହି ଖବର ପ୍ରଚାର ହେବା ପରେ ଘଟଣାସ୍ଥଳରେ ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇଥିଲା। ନାଲ୍‌କୋ ଥାନା ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୯।୪।୨୦୨୫, ବୈଶାଖ ଦ୭ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୨୬।୪୬ ଚନ୍ଦ୍ରୋଦୟ- ଦିଘ ୧୧।୪୨।୫୮**

**ଷଷ୍ଠୀ-** ସଂଘ ୬।୨୨ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ଦିଘ ୧୦।୨୦ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ସଂଘ ୬।୨୨ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୨ ଗତେ ଘ ୧।୦୧ ମଧ୍ୟେ । ରାଘ ୮।୨୦ ଗତେ ରାଘ ୧୦।୩୭ ମଧ୍ୟେ । **ପର୍ବୋତ୍ସବ -** ଇଷ୍ଟର ସଟର୍ ଡେ ।




**ମେଷ:** କୌଣସି କାମରେ ମନ ଲାଗିବ ନାହିଁ । କର୍ମ କ୍ଳାନ୍ତି ଅନୁଭବ କରିବେ । ଅଳସୁଆମୀ ପ୍ରକାଶ ପାଇବ । ରୋଜଗାରରେ ବାଧା ସୃଷ୍ଟି ହେବ । ତଥାପି ପାରିବାରିକ ସହଯୋଗ ଯୋଗୁ ଆନନ୍ଦ ।



**ବୃଷ:** ସର୍ବସାଧାରଣ କାର୍ଯ୍ୟରେ ଯୋଗଦାନ କରିବେ । ମନରେ ଭକ୍ତିଭାବ ଜାଗ୍ରତ ହେବ । ସେବା ପୂଜାରେ ମନ ନିବେଶ କରିବେ । ବନ୍ଧୁ ସହଯୋଗ ମିଳିବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ।



**ମିଥୁନ:** ଦୂରଯାତ୍ରା କରି କର୍ମ ପ୍ରାପ୍ତି ହେବ । ବନ୍ଧୁ ସହଯୋଗ ସହିତ ମିତ୍ରଲାଭ ଯୋଗ । ଆୟରେ ସାମାନ୍ୟ ଉନ୍ନତି ହେବ । କୌଣସି ନୂତନ କାର୍ଯ୍ୟରେ ଯୋଗଦାନ କରିବେ । ଘର ପାଇଁ ବ୍ୟସ୍ତତା ବୃଦ୍ଧି ।



**କର୍କଟ:** ଅନ୍ୟମାନଙ୍କ ପ୍ରତି ମନରେ ଘୃଣା ଆସିବ । ଅହଂକାର ପାଇଁ ନନ୍ଦିତ ହେବେ । କୂଟନୀତି ପ୍ରୟୋଗ କରି କାର୍ଯ୍ୟ ହାସଲ କରିପାରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶ୍ରଦ୍ଧା ଲାଭ କରିବେ ।




**ସିଂହ:** ଅସୁବିଧା ନଥିଲେ ମଧ୍ୟ ଆଶଙ୍କାରୁ ମନ ଅଶାନ୍ତି କରିବେ । ସାଥୀ ସହକର୍ମୀମାନଙ୍କ ସହିତ ସୁପରାମର୍ଶ କଲେ ସହଜସାଧ୍ୟ ହେବ । ଆୟ ଠାରୁ ବ୍ୟୟ ବୃଦ୍ଧି ହେବ । ପରିବାରରେ ଦ୍ୱନ୍ଦ୍ୱ ଲାଗି ରହିବ ।




**କନ୍ୟା:** ଅସାବଧାନତା ପାଇଁ କୌଣସି ଦ୍ରବ୍ୟ ନଷ୍ଟ କରି ପଶ୍ଚାତାପ କରିବେ । ପରିଶ୍ରମ ବୃଦ୍ଧି କିନ୍ତୁ କାର୍ଯ୍ୟ ହାନୀର ସମ୍ଭାବନା । ଆୟ ଓ ବ୍ୟୟ ସ୍ଥିର ରହିବ । ପରିବାରରେ ବିରକ୍ତି ଭାବ ଆସିବାର ସୂଚନା ।



**ତୁଳା:** ସନ୍ଦେହ ଓ ଭୁଲ୍ ବୁଝାମଣା ପାଇଁ ମନ ଅସ୍ଥିର ରହିବ । ପରିଶ୍ରମର ପରିମାଣ ବଢ଼ିବ । ସାହାଯ୍ୟ ସହଯୋଗ ପାଇବେ ନାହିଁ । ସନ୍ଧ୍ୟା ପରେ ଦେହ ଅସୁସ୍ଥ ହୋଇପାରେ । ଗୃହେ ଦ୍ୱନ୍ଦ୍ୱ ।




**ବିଛା:** ଏଣେ ତେଣେ ଧାଁ ଦୌଡ଼ ସହିତ ପରିଶ୍ରମ ବୃଦ୍ଧି ପାଇବ । ଆୟରେ ଉନ୍ନତି ନହେବାରୁ ଆକୁଳିତ ହେବେ । ବନ୍ଧୁ ମତାନ୍ତର ଯୋଗୁ ମନରେ ଉଦାସ ରହିବ । ପରିବାରରେ ସୁଖ ଶାନ୍ତି ରହିବ ।




**ଧନୁ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବାକିଥିବା କାମଟି ସୁରୁଖୁରୁରେ ସମ୍ପାଦନ ହେବ । ଋଣ ସୂତ୍ରେ ଅର୍ଥ ଲାଭର ଆଶା । ଦୂରଯାତ୍ରାରେ ଉନ୍ନତି । ପରିବାରରେ ସୁଖ ଶାନ୍ତି ଲାଭ । ଶରୀର ସୁସ୍ଥ ରହିବ ।



**ମକର:** ପୁରୁଣା କଥାକୁ ଭାବି ମନରେ ବିରକ୍ତି ଆସିବ । ବନ୍ଧୁ ବା ସହକର୍ମୀଙ୍କ ଅସହଯୋଗରୁ ଅପବ୍ୟୟ ବୃଦ୍ଧି ପାଇବ । ଦୂରଯାତ୍ରା କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ଲାଭ ।



**କୁମ୍ଭ:** ଅଳ୍ପ ଆୟ ହେତୁ ମନରେ ଅଶାନ୍ତି ବଢ଼ିବ । କର୍ମ କ୍ଳାନ୍ତି ଅନୁଭବ କରିବେ । ହଠାତ୍ ଶରୀର ପୀଡ଼ା ଭୋଗ କରିପାରନ୍ତି । ପରିବାରରେ ସହଯୋଗ ପାଇ ଖୁସି ହେବେ । ଗୃହେ ଶାନ୍ତି ଲାଭ ହେବ ।



**ମୀନ:** କର୍ମଚଞ୍ଚଳ ରହିବେ । ଅଯାଚିତ ଭାବରେ ବନ୍ଧୁ ସାହାଯ୍ୟ ସହଯୋଗ ପାଇ ପୁରୁଣା କାମକୁ ସୁରୁଖୁରୁରେ ନିର୍ବାହ କରିବେ । ଆୟର ପରିମାଣ ବଢ଼ିବ । ପରିବାରରେ ଖର୍ଚ୍ଚାନ୍ତ ହେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୦।୪।୨୦୨୫, ବୈଶାଖ ଦ୮ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୨୬।୦୧ ଚନ୍ଦ୍ରୋଦୟ- ଦିଘ ୧୨।୩୨।୦୬**

**ସପ୍ତମୀ-** ସଂଘ ୭।୦୧ ପର୍ଯ୍ୟନ୍ତ । **ପୂର୍ବାଷାଢ଼ା ନକ୍ଷତ୍ର-** ଦିଘ ୧୧।୪୭ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ସଂଘ ୬।୦୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ସଂଘ ୬।୦୪ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ସଂଘ ୬।୦୪ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ସଂଘ ୭।୦୧ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଘ ୯।୪୦ ମଧ୍ୟେ । ଦିଘ ୧।୧୯ ଗତେ ଘ ୧।୫୧ ମଧ୍ୟେ । **ପର୍ବୋତ୍ସବ -** ଇଷ୍ଟର ସନ୍ ଡେ, ଶରଣ ପଞ୍ଚକ ଆରମ୍ଭ ।


ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତରେ ଅରବପତିଙ୍କ ସଂଖ୍ୟା ବୃଦ୍ଧି

ଭାରତରେ ଅରବପତିଙ୍କ ସଂଖ୍ୟା ୨୮୪କୁ ବୃଦ୍ଧି ପାଇଛି । ଆଉ ଏହି ଅରବପତିଙ୍କ ପାଖରେ ୯୮ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ହୁରୁନ୍ ଏହାର ଏକ ସଦ୍ୟତମ ରିପୋର୍ଟରେ ଏହି ସୂଚନା ଦେଇଛି। ୨୦୨୫ ମସିହା ପାଇଁ ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ ଅନୁଯାୟୀ, ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଦେଶର ସବୁଠାରୁ ଧନୀ ଲୋକଙ୍କ ମୋଟ ସମ୍ପତ୍ତି ୧୦ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୫ ପାଇଁ ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ ଅନୁଯାୟୀ, ୨୮୪ ଜଣ ଅରବପତିଙ୍କ ମଧ୍ୟରୁ ୯୦ ଜଣ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ବାସ କରନ୍ତି। ଭାରତ ବିଶ୍ୱ ସ୍ତରରେ ଏକ ଦୃଢ଼ ସ୍ଥିତି ବଜାୟ ରଖିଛି,ଦେଶ ଅରବପତିଙ୍କ ସଂଖ୍ୟା ଦୃଷ୍ଟିରୁ ତୃତୀୟ ସ୍ଥାନରେ ଅଛି, କେବଳ ଆମେରିକା ଏବଂ ଚୀନ୍ ପଛରେ ଭାରତ। ଏହି ତାଲିକାର ଶୀର୍ଷରେ ଆମେରିକାର ୮୭୦ ଜଣ ଅରବପତି ଅଛନ୍ତି। ହୁରୁନ୍ ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ୧୭୫ ଜଣ ଭାରତୀୟ କୋଟିପତିଙ୍କ ସମ୍ପତ୍ତି ବୃଦ୍ଧି ପାଇଛି, ସେଭଳି ୧୦୯ ଜଣଙ୍କ ସମ୍ପତ୍ତି ହ୍ରାସ ପାଇଛି କିମ୍ବା କୌଣସି ପରିବର୍ତ୍ତନ ହୋଇନାହିଁ। ଜଣେ ଭାରତୀୟ କୋଟିପତିଙ୍କ ଅରବପତିଙ୍କ ସମ୍ପତ୍ତି ଏବେ ୩୪,୫୧୪ କୋଟି ଟଙ୍କା ରହିଛି। ଏହା ସହିତ, ଭାରତରେ ୪୦ ବର୍ଷରୁ କମ୍ ବୟସର ସାତ ଜଣ ଅରବପତି ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ବେଙ୍ଗାଲୁରୁ ଏବଂ ମୁମ୍ବାଇରେ ଅଛନ୍ତି। ବିଶ୍ୱ ସ୍ତରରେ, ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲୋନ ମସ୍କ ଗତ ବର୍ଷ ୧୮୯ ବିଲିୟନ ଡଲାର ରୋଜଗାର ସହିତ ସର୍ବାଧିକ ସମ୍ପତ୍ତି ବୃଦ୍ଧି ରେକର୍ଡ କରିଛନ୍ତି। ପାଞ୍ଚ ବର୍ଷ ମଧ୍ୟରେ ଚତୁର୍ଥ ଥର ପାଇଁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଭାବରେ ନିଜର ଟାଇଟଲ ବଜାୟ ରଖିଛନ୍ତି ଏବଂ ୪୦୦ ବିଲିୟନ ଡଲାର ଅତିକ୍ରମ କରିବାରେ ପ୍ରଥମ ବ୍ୟକ୍ତି ହୋଇଛନ୍ତି। ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ୨୬୬ ବିଲିୟନ ଡଲାରର ସମ୍ପତ୍ତି ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ମେଟାର ଇଓ ଏବଂ ପ୍ରଯୁକ୍ତିବିଦ୍ୟା ଅପଗ୍ରେଡ ଉପରେ ନିବେଶକଙ୍କ ଦୃଢ଼ ବିଶ୍ୱାସ ଯୋଗୁଁ ମେଟା ସିଇଓ ମାର୍କ ଜୁକରବର୍ଗ ପ୍ରଥମ ଥର ପାଇଁ ଶ୍ରେଷ୍ଠ ତିନି ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ବର୍ଷର ହୁରୁନ୍ ତାଲିକାରେ ମନୋରଞ୍ଜନ, କ୍ରୀଡ଼ା ଏବଂ ସାମାଜିକ ଗଣମାଧ୍ୟମର ନାମ ମଧ୍ୟ ସାମିଲ ଥିଲା। ଏଥିରେ ଗାୟକ ଜେ-ଜେଡ୍, ରିହାନା, ଟେଲର ସ୍ୱିଫ୍ଟ ଏବଂ ପଲ ମ୍ୟାକାର୍ଟନି ସାମିଲ ଅଛନ୍ତି। ବିଲିୟନେୟାର କ୍ଲବରେ ସ୍ଥାନ ପାଇଥିବା କ୍ରୀଡା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଅଛନ୍ତି ମାଇକେଲ ଜୋର୍ଡାନ, ଟାଇଗର ଉଡ୍ସ, ଫ୍ଲୟେଡ୍ ମେୱେଦର, ଲେବ୍ରନ୍ ଜେମ୍ସ, କ୍ରିଷ୍ଟିଆନୋ ରୋନାଲଡୋ ଏବଂ ଲିଓନେଲ୍ ମେସି। ବିଶ୍ୱ ରାଙ୍କିଙ୍ଗରେ ସାମିଲ ହୋଇଥିବା ଏକମାତ୍ର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହେଉଛନ୍ତି କିମ୍ କାର୍ଦାସିଆନ୍।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ


ଶ୍ରୀ ଅଭିରାମ ସରସ୍ୱତୀ

ତୃତୀୟ ଅଧ୍ୟାୟ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)
ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାଶରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାଶେ ଭରି
କରି ଦିଏ ହତଶିରୀ। (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କତ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)

ମନ୍ଦର ପର୍ବତ ପରି ଅହଂକାରୀ
ମନୁଷ୍ୟ ଶରୀର ଧରି
ମନ୍ଦ ଉଦ୍ଦେଶ୍ୟକୁ ହୃଦୟରେ ଭରି
କହନ୍ତି ନେତା ସବୁରି। (୧୧)
ମଗର ପରାୟେ ମନ ତ ତାଙ୍କରି
ଉପର ଚିକ୍କଣ ଭାରି
ମଧୁର ମଧୁର କଥା କହି କରି
ଜୀବନରୁ ଦେବେ ମାରି । (୧୨)
ମଶା ମାଛି ମୂଷା ସ୍ୱଭାବକୁ ଧରି
ଶୋଷନ୍ତି ରକ୍ତ ସବୁରି
ମନକୁ ଗୋପନ କରି ମୂଷା ପରି
ଘୁରୁଥାନ୍ତି ମାଛି ପରି । (୧୩)

ମନ୍ତ୍ରୀ ପରିଷଦ କଳ୍ପନାକୁ ଧରି
କରୁଥିବେ ନେତାଗିରି
ମଦୁଆ ମାତାଲ ଠିକାଦାର ଧରି
କୁହୁଡି ଥିବେ ପହରି। (୧୪)

ମନଟି ତାଙ୍କର ମାଓବାଦୀ ପରି
ମାଫିଆ ଉଠା ବେପାରୀ
ମଙ୍ଗ କରିଥାନ୍ତି ସମାଜକୁ ଧରି
କହିଲି ଭକ୍ତରେ ଠାରି। (୧୫)
ମନ୍ତ୍ର ଯନ୍ତ୍ର ତନ୍ତ୍ର ଭାବନାକୁ ଧରି
ମନ ଟଳିବ ସବୁରି
ମହାବାତ୍ୟା ପରି ମିଥ୍ୟା ଭାବ ଧରି
ଦିନରେ କରିବେ ଚୋରି (୧୬)

ମହୁଲି ବେପାରୀ ଦେଶୀ ମଦ ଧରି
ମାରିବେ ଛାପ ସର୍କାରୀ
ମଦ ନାରୀ ଧନ ଲାଞ୍ଚଦେଇ କରି
ଲୁଟିବେ ପ୍ରଜାଙ୍କ ଶିରୀ। (୧୭)

ମଶାଣି ଗୋଚର ସବୁ ନେବେ ହରି
ପାହାଡ ପର୍ବତ ଧରି
ମହାମାୟା ଲୀଳା କହିଲିରେ ଠାରି
ବନଲତା ଯିବ ସରି । (୧୮)

ମଉଜ କରିବେ କମ୍ପାନୀକୁ ଧରି
ପ୍ରଜା ହେବେ ମରାମରି
ମରଦ ପଣିଆ ଦେଖାଇବେ ଭାରି
ବିଦେଶୀ ପୁଞ୍ଜିକୁ ଧରି । (୧୯)
ମଣି ଖଣି ସବୁ କରିବେ ବିକିରି
କ୍ଷେତ ନଥିବ କାହାରି
ମନ ଭୁଲାଣିଆ ସ୍ଲୋଗାନ କରି
ଓଡ଼ିଶା ଯିବେ ପାଶୋରି (୨୦)

(କ୍ରମଶଃ)

# ବଧୂ ବିଦେଶିନୀ-୨୧

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୩୫- ମୁଁ ହେଲି ପ୍ରେମପଥଚାରିଣୀ


ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବପ୍ରକାଶିତ ଉତ୍ତାରୁ)

ନିୟତିର ନିଷ୍ପତ୍ତି ଅନିବାର୍ଯ୍ୟ। ଅନେକ ଅପ୍ରତ୍ୟାଶିତ ଆକସ୍ମିକ ଘଟଣାମାନ ଅନେକ ସମୟରେ ଘଟିତ ହୋଇଯାଏ, ଯାହା କି ମାନବ ଜୀବନରେ ଗତିପଥରେ ପ୍ରଭୂତ ପରିବର୍ତ୍ତନ ଆଣି ଦେଇଥାଏ। ତେଣୁ ଏକ ପରେ ଏକ ଅନେକ ଘଟଣା ଆକସ୍ମିକ ଆବିର୍ଭୂତ ହେଲା ଯାହାକି ସଖୀ ମଂଜୁଳିକା ଜୀବନରେ ଯଥେଷ୍ଟ ଅନୁକୂଳ ପ୍ରଭାବ ପାତ କରିଥିଲା। ତାହା ମଧ୍ୟ କେବଳ ତା'ର ଜୀବନପାଇଁ ନୁହେଁ ଆମ ଜୀବନଧାରାକୁ ଭବିଷ୍ୟତରେ ମଧ୍ୟ ଉନ୍ନତ କରିବାର ମାଧ୍ୟମ ହୋଇଥିଲା, ଯେଉଁ ବିଷୟରେ ମୁଁ କିଛି ସମୟ ପରେ ପରିପ୍ରକାଶ କରିବି।

ବର୍ତ୍ତମାନ ଯେଉଁ ଅପ୍ରତ୍ୟାଶିତ ଘଟଣାଟି ଆକସ୍ମିକ ମୋ ଜୀବନରେ ଜନ୍ମଲାଭ କଲା ସେ ବିଷୟରେ କେବଳ କହୁଅଛି। ତା'ପୂର୍ବରୁ ମୁଁ ଓ ସୁହାସିନୀର ବିଚାରଧାରା ବିଷୟରେ ସଂକ୍ଷେପରେ କିଛି କହୁଅଛି। ବର୍ତ୍ତମାନ ଆମ୍ଭେ ଦ୍ୱୟ ଉଦ୍ଦାମ ଯୌବନର ପରିପକ୍ୱ ସମୟ ଅଷ୍ଟାଦଶ ବର୍ଷର ମଧ୍ୟ ଭାଗରେ। କିନ୍ତୁ ଆମ୍ଭେ ଥିଲୁ ବିଦ୍ୟାର୍ଥିନୀ ଓ ଆମର ଜୀବନ ଶୈଳିଥିଲା ସନ୍ୟାସିନୀର। ଯୌନ, ଯୌବନ, ପ୍ରେମ ଆଦିର ଚିନ୍ତା କରିବାପାଇଁ ଆମ୍ଭର ଏ ପରିବେଶଗତ ଜୀବନ ଅନୁକୂଳ ନଥିଲା, ଯଦିଓ ଶାରୀରିକ ଦୃଷ୍ଟିକୋଣରୁ ସେଥିପାଇଁ ଏହା ଉତ୍କୃଷ୍ଟ ସମୟ ଥିଲା। ତେଣୁ ଆମ୍ଭକୁ ପ୍ରଭାବିତ କରୁଥିବା ପାରିପାର୍ଶ୍ୱିକ ଓ ଜୈବିକ କାରକଦ୍ୱୟ ମଧ୍ୟ ମନ ମଧ୍ୟରେ ଅହରହ ସଂଗ୍ରାମରତ ହେଉଥିବା ସ୍ୱାଭାବିକ। କିନ୍ତୁ ଉପରୋକ୍ତ ସଂଗ୍ରାମର ପରିଣାମ ସର୍ବଦା ସଂନ୍ତୁଳିତ ହୋଇ ରହୁଥିଲା। ଏ ପରିସ୍ଥିତିରେ ଆମ୍ଭେ ଦ୍ୱୟ ଶୀଘ୍ର ଶିକ୍ଷା ସମାପନ ହେଉଥିବା ହେତୁ ଜୀବନ ଯାତ୍ରାରେ ଆମ୍ଭେ କେଉଁ ଭୂମିକା ନେବୁ ସେ ବିଷୟରେ ଅନେକ ସମୟରେ କଥା ହେଉଥିଲୁ। ଉଭୟେ ଯବଦେଶ ପ୍ରତ୍ୟାବର୍ତ୍ତନ କରି ସେଠରେ ନିଜକୁ ଶିକ୍ଷାଦାନ କାର୍ଯ୍ୟରେ ବିନିଯୋଗ କରିବାକୁ ପ୍ରାଥମିକତା ଦେଉଥିଲୁ। ବିବାହକୁ ଆମ୍ଭେ ଗୌଣ ପ୍ରାଧାନ୍ୟ ଦେଉଥିଲୁ। ଏପରି କି ଆମ୍ଭର ଲକ୍ଷ୍ୟ ପଥରେ ବିବାହ ପ୍ରତିବନ୍ଧକ ହେଲେ, ଜୀବନ ଓ ବିଳାସବ୍ୟସନ ପରିତ୍ୟାଗ କରିବାର ଆମ୍ଭେ ସପକ୍ଷବାଦୀ ଥିଲୁ। କିନ୍ତୁ ଏ କ'ଣ ସମ୍ଭବ ହେବ ? ଏହା ଆମ ମନରେ ବାରମ୍ବାର ପ୍ରଶ୍ନବାଚୀ ସ୍ଥାପିତ କରୁଥିଲା।

ଏତାଦୃଶ ପରିସ୍ଥିତିରେ ଏକ ଦିନ ଆମ୍ଭ ଶିକ୍ଷାଗ୍ରହଣ କକ୍ଷରେ ଘୋଷଣା କରାଗଲା ଯେ କୌଣସି ଏକ ନିର୍ଦ୍ଦିଷ୍ଟ ଦିନରେ ଆମ୍ଭ ଶେଷବର୍ଷର ସମସ୍ତ ବିଦ୍ୟାର୍ଥୀ ବିଦ୍ୟାର୍ଥିନୀ, ସବୁ ଅଧ୍ୟାପକ ଓ ସେମାନଙ୍କ ପରିବାର ନିକଟସ୍ଥ ଓଳାସୁଣୀ ଗ୍ରାମର କ୍ଷୁଦ୍ର ପର୍ବତ ଉପରକୁ ଏକ ବନ୍ୟଭୋଜିରେ ଯୋଗଦେବାକୁ। ପ୍ରଭାତରୁ ସେଠାକୁ ଯାଇ ସଂଧ୍ୟା ସମୟରେ ପ୍ରତ୍ୟାବର୍ତ୍ତନ କରିବାକୁ ହେବ। ଅତି ନିକଟସ୍ଥ ସ୍ଥାନ ହେତୁ ସମସ୍ତେ ପଦଯାତ୍ରା କରି ଯାତାୟତ କରିବେ। ସେଠାରେ ସମସ୍ତେ ସମ୍ମିଳିତ ହୋଇ ଭୋଜନ ପ୍ରସ୍ତୁତ କରିବେ ଓ ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାପୀଠକୁ ଆସିବେ। ସମସ୍ତେ ଆନଂଦିତ। ଆମ୍ଭେ ଦ୍ୱୟ ମଧ୍ୟ ତତୋଧିକ।

ନିର୍ଦ୍ଦିଷ୍ଟ ଦିନ ଆସିଲା। ଆନଂଦରେ ସମସ୍ତେ ହସିଖେଳି ଓଳାଶୁଣି ପର୍ବତ ଚଢି ତା' ଶିଖର ଦେଶରେ ପହଞ୍ଚିଲେ। ବିଭିନ୍ନ ସ୍ଥାନବୁଲି ନଗ (ପର୍ବତ)ଦେଶରେ ବିରାଜମାନ ପ୍ରକୃତିଦେବୀର ଅପୂର୍ବ ସମ୍ଭାର ତଥା ତା'ର ଚତୁପାର୍ଶ୍ୱରେ ଅବସ୍ଥିତ ଶସ୍ୟକ୍ଷେତ୍ର, ଗ୍ରାମର ଦୃଶ୍ୟ ଆଦି ଅବଲୋକନ କରି ଅପୂର୍ବ ଆନଂଦ ଆମ୍ଭେ ସମସ୍ତେ ଆହରଣ କରିବାରେ ଲାଗିଲୁ। ସାଥିରେ ଆସିଥିବା ପାଚକମାନଙ୍କ ସହ ମିଶି ଆମ୍ଭର ଅନେକ ବଂଧୁବାନ୍ଧବୀ ଭୋଜନ ପ୍ରସ୍ତୁତିରେ ଲାଗିରହିଲେ। ମୁଁ ଓ ସୁହାସୀ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିଲୁ। ଶୀଘ୍ର ଭୋଜନ ପ୍ରସ୍ତୁତି ପରେ ସମସ୍ତେ ସମବେତ ହେଲେ ଓ ଅନେକ କଳାକାର ସାଥୀ ବାଦ୍ୟବାଦନ, ଗାୟନ, ପ୍ରବଚନ ତଥା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କଲେ। ତା'ପରେ ସାମୁହିକ ଭୋଜନ କରାଗଲା। ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ପର୍ବତ ଶିଖରଦେଶରୁ ସତର୍କତା ସହ ଅବତରଣ କରି ନିମ୍ନଦେଶରେ ଏକତ୍ରିତ ହେବପାଇଁ, ଯାହାପରେ ସମସ୍ତେ ବିଦ୍ୟାପୀଠକୁ ପ୍ରତ୍ୟାବର୍ତ୍ତନ କରିବେ।

ସମସ୍ତେ ଦଳ ଦଳ ହୋଇ ପର୍ବତରୁ ନିମ୍ନଦେଶକୁ ଯିବାରେ ଲାଗିଲେ। ମୁଁ, ସୁହାସିନୀ ଓ କିଛି ସହପାଠିନୀ ଏକ କ୍ଷୁଦ୍ରଦଳରେ ଧୀରେ ଧୀରେ ସତର୍କତାର ସହ ନିମ୍ନ ଦେଶକୁ ଗମନ କରିଚାଲିଲୁ। ସବୁ କୁଶଳ ଥିଲା। କିନ୍ତୁ ଅକସ୍ମାତ ଏକ ତୀର୍ଯ୍ୟକ୍ ଗଡାଣିରେ ମୁଁ ଆଗକୁ ପାଦ ନିକ୍ଷେପ କରୁକରୁ ହଠାତ୍ ମୋ ଗୋଡ ଖସି ମୋ'ପାଦଉପର ଗଣ୍ଠି ମୋଡି ହୋଇଗଲା। ତୀକ୍ଷଣ ଗଡାଣି ହେତୁ ମୁଁ ଭାରସାମ୍ୟ ହରାଇ ତଳକୁ ଖସିବାକୁ ଲାଗିଲି। ଏକ ଦୀର୍ଘ ଗମ୍ଭୀର ଶବ୍ଦ କରି ମୋର କଷ୍ଟକୁ ପ୍ରକାଶ କରିବାକୁ ଲାଗିଲି। ପାଖରେ ଥିବା ସୁହାସୀ ଓ ଅନ୍ୟ ବାନ୍ଧବୀମାନେ ମୋତେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କଲେ ମଧ୍ୟ ଫଳପ୍ରଦ ହୋଇପାରିଲେ ନାହିଁ। ଏହି ସମୟରେ ଆମ୍ଭର କିଛି ସହପାଠୀ ଆମ ଆଗରେ ଥିଲେ। ସେମାନେ ହଠାତ୍ "କ'ଣ ହେଲା ?" ବୋଲି କହି ପଛକୁ ବୁଲି ପଡିଲେ ଓ ମୋର ଅବସ୍ଥା ବିଷୟରେ ଅବଗତ ହେଲେ। ସେମାନଙ୍କ ମଧ୍ୟରେ ଆମ୍ଭର ଏକ ସହପାଠୀ ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ନିଜେ ତଳେ ବସିଯାଇ ମୋର ନିମ୍ନଗତିକୁ ଅବରୋଧ କଲେ। ସେ ସହପାଠୀଙ୍କ ନାମ ଥିଲା ଉଦୟନ।

ଏସମୟକୁ ସୁହାସିନୀ ତଥା ଅନ୍ୟ ସହପାଠିନୀ ଓ ସହପାଠୀମାନେ ମୋ ପାଖକୁ ଆସିଯାଇଥିଲେ। ଉଦୟନ ମୋ ପାଦ ତଳେ ବସିଥାନ୍ତି। ସେ ସୁହାସୀକୁ ଦେଖି କହିଲେ, "ବାନ୍ଧବୀ ସୁହାସିନୀ, ତୁମେ ହାତରେ ରାଜକୁମାରୀଙ୍କ ଦୁଇ ଗୋଡର ସମସ୍ତ ସ୍ଥାନରେ ମୃଦୁଚାପ ଦିଅ।" ସୁହାସୀ ସେପରି କରିବାକୁ ଲାଗିଲା। ମୋତେ ଉଦୟନ କହିଲେ, "ରାଜକୁମାରୀ, ଧୈର୍ଯ୍ୟଧର। କଷ୍ଟକୁ ସହ୍ୟ କରିଦିଅ। ଶୀଘ୍ର ଉପଶମ ହୋଇଯିବ। ସୁହାସିନୀଙ୍କ ଚାପ ସ୍ଥାନମାନଙ୍କରେ ପୀଡା ଥିଲେ ଜଣାଅ।" ମୁଁ ତଦନୁଯାୟୀ ସ୍ଥିତି କ'ଣ କହିଲି। ତେଣୁ ଉଦୟନ ମୋତେ କହିଲେ, "ତୁମର କେବଳ ଦକ୍ଷିଣ ପାଦ ଉପରେ ଥିବା ଗଣ୍ଠିଟି ବାଧାପ୍ରାପ୍ତ ହୋଇଯାଇଛି। ସେ କ୍ଷତର ଉପଚାର କଲେ ଅଳ୍ପଦିନ ମଧ୍ୟରେ ପୂର୍ବାବସ୍ଥାକୁ ଆସିଯିବ। ତେଣୁ ଆଶଂକା କରିବାର ଅବକାଶ ନାହିଁ। କିନ୍ତୁ ବର୍ତ୍ତମାନପାଇଁ କିଛିଦିନ ତୁମ୍ଭକୁ ସେ ସ୍ଥାନ ଉପରେ କଦାଚିତ୍ ଚାପ ଦେବା ବର୍ଜିତ ଅଟେ। ଅର୍ଥାତ୍ ତୁମ୍ଭେ ଡାହାଣ ଗୋଡରେ ବର୍ତ୍ତମାନ ଚାଲିପାରିବ ନାହିଁ।" ମୁଁ "ହଁ" ବୋଲି କହି ଚାଲିଥାଏ। ଏହାପରେ ଉଦୟନ ପୁନଃ କହିଲେ, "ରାଜକୁମାରୀ, ଏ ସବୁର ପ୍ରାଥମିକ ଉପଚାର ମୁଁ କରିଦେବି। ମୋତେ ଚିକିତ୍ସା ଶାସ୍ତ୍ରରେ କିଛି ଜ୍ଞାନ ଅଛି । ତାହାକୁ ପ୍ରୟୋଗ କରିବାକୁ ହେବ। ଏଥିପାଇଁ ତୁମପାଇଁ ଏପରି ପଡି ରହିବା କଷ୍ଟଦାୟକ। ତେଣୁ ତୁମ୍ଭକୁ ଏଠାରୁ ଉତ୍ତୋଳନ କରି ଏ ନିକଟରେ ଥିବା ସମତଳ ଶିଳାଶଯ୍ୟାରେ ଅବସ୍ଥାପିତ କରିଦେଉଛି।" ମୁଁ ଶିର ହଲାଇ ସମ୍ମତି ଦେଲି। ତେଣୁ ସେ ଦୁଇ ହାତରେ ମୋତେ ଉଠାଇନେଲେ ଓ ସମସ୍ତ ସାଥୀଙ୍କୁ କହିଲେ, ''ବଂଧୁମାନେ, ମୋର ଓ ତୁମ୍ଭମାନଙ୍କ ଉତ୍ତରୀୟକୁ ନେଇ ସେ ଶିଳାଉପରେ ଶଯ୍ୟା ପ୍ରସ୍ତୁତି କର। କିଛି ତାଳପତ୍ର ଆଣିମଧ୍ୟ ବିଛାଇ ଦିଅ।" ସମସ୍ତେ ସେପରି କଲେ ଓ ଉଦୟନ ସେ ଶଯ୍ୟା ଉପରେ ମୋତେ ଶାୟିତ କରିଦେଲେ। ତା'ପରେ ସେ ପୁଣି ମୋତେ କହିଲେ, "ରାଜକୁମାରୀ, ପୁଣି କହିଦେଉଛି। ତୁମ୍ଭେ ଚାହିଁଲେ ବସିପାରିବ, କିନ୍ତୁ ଦକ୍ଷିଣ ପାଦ ଉପରେ କୌଣସି ଭାର ଯେପରି ନ ପଡେ ତାହା ଧ୍ୟାନରେ ରଖିବ। ମୁଁ ବନ ମଧ୍ୟକୁ ଯାଇ ପତ୍ରାଦି ଔଷଧ ସଂଗ୍ରହ କରି ଆଣୁଛି। ତୁମ୍ଭେ ଧୈର୍ଯ୍ୟ ଧରି ବସ।" ମୁଁ ତାଙ୍କୁ ଦେଖୁଥାଏ ଓ ନିର୍ବାକ୍ ହୋଇ ତାଙ୍କୁ ମୁଣ୍ଡ ହଲାଇ ସମ୍ମତି ଦେଉଥାଏ।

ତା'ପରେ ସେ ଆମ ସହପାଠୀମାନଙ୍କୁ କହିଲେ, "ବଂଧୁମାନେ, ରାଜକୁମାରୀଙ୍କୁ ଆମ୍ଭେ ଏକ ଦୋଳା ଯୋଗେ ନେବାକୁ ହେବ। ତେଣୁ କାଷ୍ଠାଦି ସଂଗ୍ରହ ଓ ଖାଦ୍ୟ ପ୍ରସ୍ତୁତ ପାଇଁ ଆମ୍ଭେ ଆଣିଥିବା ଉପକରଣ ସାହାଯ୍ୟରେ ତୁମ୍ଭେମାନେ ବନଦେଶର ଉପଯୁକ୍ତ କାଷ୍ଠ, ଲତା ଆଦି ସଂଗ୍ରହ କରି ଶୀଘ୍ର ଏକ ଦୋଳା ପ୍ରସ୍ତୁତ କରିଦିଅ।" ଶୁଣିକରି ସମସ୍ତେ ଉକ୍ତ କାର୍ଯ୍ୟ ସମାପନ କରିବାରେ ଅଗ୍ରସର ହେଲେ। ତା'ପରେ ଉଦୟନ ସୁହାସୀକୁ କହିଲେ ଯେ ସେ ଜଳ ଆଣି ମୋ ଗୋଡର କ୍ଷତରୁ ହେଉଥିବା ରକ୍ତସ୍ରାବ ସ୍ଥାନମାନଙ୍କୁ ଉତ୍ତମଭାବେ ଧୌତ କରି ନିର୍ମଳ କରିଦେବା ନିମିତ୍ତ। ସୁହାସୀ ଆଦି ସହପାଠିନୀମାନେ ସେ କାର୍ଯ୍ୟରେ ନିଜକୁ ନିୟୋଜିତ କରିଲେ। ଏହାପରେ ତ୍ୱରିତ ଉଦୟନ ବନ ମଧ୍ୟକୁ ଔଷଧି ସଂଗ୍ରହ ପାଇଁ ଚାଲିଗଲେ। ଉଦୟନ ଏ ଯେଉଁ ସବୁ କାର୍ଯ୍ୟ ତଡିତ୍ ବେଗରେ କରୁଥାନ୍ତି, ତାହା ଦେଖି ମୁଁ ଆଚମ୍ବିତ ହେଉଥାଏ ଓ ତାଙ୍କୁ ମନେ ମନେ ପ୍ରଶଂସା କରିଚାଲିଥାଏ। ଏପରି ସେ କିପରି ମୋ ମନକୁ ସଂପୂର୍ଣ୍ଣ କବଳିତ କରି ସାରିଲେଣି ତାହା କିପରି କହିବି ?

କିଛି ସମୟ ପରେ ଉଦୟନ ବନମଧ୍ୟରୁ ପତ୍ରଚେର ଆଦି ବନଜ ଔଷଧ ଆଣି ଆସିଲେ ଓ ସେଗୁଡିକୁ ସମତଳ ପ୍ରସ୍ତର ଉପରେ ରଖି ଏକ ପ୍ରସ୍ତର ଖଣ୍ଡରେ ଛେଚି କିଛି ଲେପ ପ୍ରସ୍ତୁତ କରିଲେ। ମୋ ପାଖକୁ ଆସି କହିଲେ, ''ବାଂଧବୀ କଲ୍ଲୋଳିନୀ, ତୁମ୍ଭ କ୍ଷତ ଥିବା ସ୍ଥାନ ମୋତେ ଦେଖାଇଦିଅ। ମୁଁ ଔଷଧ ଲଗାଇଦେବି।" ତାଙ୍କର ମୋ ନାମ ଧରି ସମ୍ବୋଧନ କରିବା ମୋ ହୃଦୟତନ୍ତ୍ରୀକୁ ଯେ କେତେଦୂର ଆନ୍ଦୋଳିତ କରି ବସିଲା, ତାହା ମୁଁ ଭାଷାରେ କହିପାରୁନାହିଁ। ମୁଁ ଆଜ୍ଞାକାରୀ ବାଳିକା ପରି ତାଙ୍କୁ ମୋର ଦୁଇଗୋଡ ଦେଖାଇଦେଲି। ସେ ନିଜ ଧୋତିର କିଛି ଅଂଶକୁ ଖଣ୍ଡ ଖଣ୍ଡ କରି ରଖିଲେ। ତା'ପରେ ନିର୍ମଳ ହୋଇଥିବା ସମସ୍ତ ବାହ୍ୟ କ୍ଷତ ଉପରେ ସେ ଲେପ ରଖି ଖଣ୍ଡେ ଖଣ୍ଡେ ବସ୍ତ୍ରାଂଶରେ ବାନ୍ଧି ଦେଲେ। ଶେଷରେ ସେ ଆସିଲେ ମୋର ପାଦ ଗଣ୍ଠିକୁ ଯେଉଁଠାରେ ବାହ୍ୟ ତଥା ଶରୀରମଧ୍ୟସ୍ଥ କ୍ଷତ ଅଧିକ ହୋଇଥିଲା। ସେହି ସ୍ଥାନରେ ରହି ଯାଇଥିବା ଯଥେଷ୍ଟ ଲେପକୁ ପ୍ରଭୁତ ମାତ୍ରାରେ ଲେପନ କରି ତା'ଉପରେ ଏକ ଲମ୍ବା ବସ୍ତ୍ରାଂଶ ସାହାଯ୍ୟରେ ଚାରି ଆଡକୁ ଗୁଡାଇ ଶକ୍ତ ଭାବେ ଗଣ୍ଠି ପକାଇ ଦେଲେ। କହିଲେ, " ଦେଖ ବାନ୍ଧବୀ, ଏହାଦ୍ୱାରା ତୁମ୍ଭର ପାଦ ଗଣ୍ଠି ବିଚଳିତ ହେବ ନାହିଁ। ଫଳତଃ ତୁମ୍ଭର ପାଦ ମଧ୍ୟସ୍ଥ କ୍ଷତ ସ୍ୱତଃ ପ୍ରଶମିତ ହୋଇଯିବ। ଏହାକୁ ପ୍ରତିଦିନ ଖୋଲି ନୂତନ ଔଷଧ ଲଗାଇବାକୁ ହେବ। କାଲିଠାରୁ ବିଦ୍ୟାପୀଠରେ ବୈଦ୍ୟରାଜ ତୁମ୍ଭର ଚିକିତ୍ସା କରିବେ।" ଏହାପରେ ସେ ଚାଲିଯାଇ ଦୋଳା ପ୍ରସ୍ତୁତ କରୁଥିବା ବଂଧୁମାନଙ୍କ ସହିତ ସେ କାର୍ଯ୍ୟରେ ନିଜକୁ ନିୟୋଜିତ କରିଲେ। କିଛି ସମୟ ପରେ ଦୋଳା ପ୍ରସ୍ତୁତି ହୋଇଗଲା। ଦୋଳା ମଧ୍ୟ କୋମଳ ପତ୍ରର ଶଯ୍ୟାରେ ସଜ୍ଜିତ ଥିଲା।

ଦୋଳାଟିର ଏକ ପାଖ ମୋର ଶରୀରର ଏକ ପାଖରେ ରଖାଗଲା। ଉଦୟନ କହିଲେ, "ଦେବୀ କଲ୍ଲୋଳିନୀ, ତୁମେ ଧୀରେ ଧୀରେ ଉଠି ଆସି ଏ ଦୋଳାରେ ଶାୟିତ ହୋଇଯାଅ। କିନ୍ତୁ ତୁମର ପାଦ ଉପରେ କୌଣସି ଚାପ ପଡିବା ଉଚିତ୍ ନୁହେଁ।" ତାଙ୍କ କହିବା ଅନୁସାରେ ସୁହାସିନୀ ଓ ଅନ୍ୟ ସହପାଠିନୀମାନେ ଏଥିପାଇଁ ମୋତେ ସାହାଯ୍ୟ କଲେ, ଯାହା ଫଳରେ ମୁଁ ବିନା ଅସୁବିଧାରେ ଦୋଳାରେ ଶାୟିତ ହୋଇଗଲି। ତା'ପର ଉଦୟନଙ୍କ ସହ ଅନ୍ୟ ତିନି ଜଣ ବଂଧୁ ଦୋଳାକୁ ଉଠାଇ ଅତି ସତର୍କତା ସହ ଧୀର ଗତିରୁ ମୋତେ ନେଇ ତଳକୁ ଓହ୍ଲାଇଲେ। ଅନ୍ୟ ସମସ୍ତ ବଂଧୁ ଓ ବାଂଧବୀମାନେ ମୋର ଆଗରେ ଓ କଡରେ ରହି ନିରୀକ୍ଷଣ କରୁଥାନ୍ତି। କାରଣ କୌଣସି ଦୋଳବାହକ ବଂଧୁଙ୍କର ଯଦି ପାଦ ଖସିଯାଏ, ତେବେ ସେମାନେ ମୋତେ ତଳକୁ ପଡିଯିବାରୁ ରକ୍ଷା କରିପାରିବେ। ଏହିପରି ମୋତେ ସେମାନେ ପର୍ବତର ନିମ୍ନଦେଶକୁ ନିରାପଦଭାବେ ନେଇଗଲେ।

ସେଠାରୁ ସମସ୍ତେ ବିଦ୍ୟାପୀଠ ଅଭିମୁଖେ ଚାଲିଲୁ। ରାସ୍ତାରେ ମୋ ଦୋଳାବାହକ ବଂଧୁମାନଙ୍କଠାରୁ ଅନ୍ୟ ବଂଧୁମାନେ ଭାର ନେଉଥାନ୍ତି। ଏହିପରି ଭାବେ ଆମ୍ଭେ ସମସ୍ତେ ଆମ୍ଭର ଆବାସସ୍ଥଳରେ ପହଞ୍ଚିଲୁ। ମୋତେ ନେଇ ଆମ ଆବାସ କକ୍ଷରେ ଛାଡିଦେଲେ ଓ ବୈଦ୍ୟରାଜକୁ ଆସି ଚିକିତ୍ସା କରିବାକୁ ବାର୍ତ୍ତା ପଠାଇଲେ। ପରେ ମୁଁ ଜାଣିବାକୁ ପାଇଲି ଯେ ଉଦୟନ ବୈଦ୍ୟରାଜ ଆସିବା ପର୍ଯ୍ୟନ୍ତ ବାହାରେ ଅପେକ୍ଷା କରିଥିଲେ ଓ ସେ ଆସିବାପରେ କେଉଁ ଚିକିତ୍ସା କରିଅଛନ୍ତି କହି ଚାଲିଗଲେ। କାରଣ ନିୟମ ଅନୁଯାୟୀ କୌଣସି ପୁରୁଷ ସାଧାରଣଭାବେ ଛାତ୍ରୀ ନିବାସକୁ ଯାଇନଥାଏ। ଏହା ମୋ ମନରେ ଆଘାତ ଦେଇଥିଲା।

ବୈଦ୍ୟରାଜ ପରୀକ୍ଷା ନିରୀକ୍ଷା କରି ଉଦୟନଙ୍କ ଲେପ ଓ ପାଦଗଣ୍ଠି ବଂଧନ ଉପଯୁକ୍ତ ଅଛି ବୋଲି କହିଲେ। ତା'ପର ଦିନ ଆସି ସେ ପୁଣି ଗଣ୍ଠି ଖୋଲି ଲେପଦେବେ ବୋଲି କହିଲେ। ସୁହାସୀକୁ ଡାକି ମୋତେ ସେବନ କରିବାପାଇଁ କିଛି ଔଷଧ ଦେଲେ ଓ ମୋତେ କହିଲେ, 'ଭୟ କରିବାର କିଛି କାରଣ ନାହିଁ। ତୁମ୍ଭେ ସପ୍ତାହକ ମଧ୍ୟରେ ଉତ୍ତମଭାବେ ଚଳପ୍ରଚଳ କରିପାରିବ।" ମୋତେ ଗୃହ ମଧ୍ୟରେ ଚଳପ୍ରଚଳ ହେବାପାଇଁ ଏକ ଆଶାବାଡି ଦେଇଗଲେ। ଫଳତଃ ମୁଁ ତାକୁ ଦକ୍ଷିଣ କାଖରେ ରଖି ଓ ବାମପଟେ ସୁହାସୀର କନ୍ଧରେ ହାତ ରଖି ନିଜର ନିତ୍ୟକର୍ମ କରିବାରେ ଅସୁବିଧା ଅନୁଭବ କରିଲି ନାହିଁ। ସୁହାସୀ ମୋର ସମସ୍ତ ଦାୟିତ୍ୱ ନେଲା। କ୍ରମଶଃ ମୋର ପୀଡା ଧୀରେ ଧୀରେ ହ୍ରାସ ପାଇ ୭-୮ ଦିନରେ ସଂପୂର୍ଣ୍ଣ ଲୋପ ପାଇଗଲା। କିନ୍ତୁ ଏ କଥା ମୁଁ ନ ଜଣାଇ କହୁଥିଲି ଯେ ମୋର ପାଦରେ ଆଉ ଅଳ୍ପ ପୀଡା ଅଛି। ତଦ୍ଦ୍ୱାରା ମୁଁ ପାଠଶାଳାକୁ ନ ଯିବାପାଇଁ ଏକ ବାହାନା। ମୋ ଯୋଗୁଁ ମଧ୍ୟ ସୁହାସୀ ପାଠଶାଳାକୁ ଯାଉ ନଥିଲା। ତାକୁ ଯିବାକୁ କହିଲାରୁ ସେ କହୁଥିଲା "ମୂଲ୍ୟହୀନ କଥା ତୁ କହନା। ତୋତେ ଏଠି ଏପରି ଛାଡିଦେଇ ମୁଁ କି ବିଦ୍ୟା ଆହରଣ କରିପାରିବି ଯେ ପାଠଶାଳାକୁ ଯିବି ?"

ମୋର ଏପରି ମିଥ୍ୟା କହିବାର କାରଣ ଥିଲା ଯେ ମୁଁ ଅତିଶୟ ପ୍ରେମାକ୍ରାନ୍ତା ହୋଇଯାଇଥିଲି। ଫଳତଃ କ୍ଷୁଧାହୀନ୍ନତା, ନିଦ୍ରାହୀନତା ଚପଳତାହୀନତା ଆଦି ଶତ୍ରୁମାନେ ମୋତେ ଗ୍ରାସ କରିଦେଇଥିଲେ। ଏ ପରିସ୍ଥିତିରେ ମୁଁ ହୋଇଯାଇଥିଲି ପ୍ରେମପାଗଳିନୀ। ଏହିସବୁ ସୁହାସୀ ପକ୍ଷେ କିଛିଦିନପାଇଁ ଚିହ୍ନିବା ସମ୍ଭବ ନ ଥିଲା। ତେଣୁ ମୋର ରୋଗ ବଢିଚାଲିଥିଲା । କିନ୍ତୁ ଏସବୁ କେତେଦିନ ପର୍ଯ୍ୟନ୍ତ ଲୁଚି ରହିବ ? ଏହାପରେ କ'ଣ ହେଲା ମୁଁ କହୁଛି। (କ୍ରମଶଃ)

# ମଦ ରାସ୍ତାରେ ମହିଳା ବାଟୋଇ

ଦେବବ୍ରତ ଆଚାର୍ଯ୍ୟ
ମୋ-୯୭୭୬୭୧୬୮୯୧

ମଦ୍ୟ, ମଦିରା, ସରାପ, ତାଡ଼ି । ଏ ସମସ୍ତ ଦେଶୀୟ ମଦରେ ଗଣାଯାଆନ୍ତି। ଏହାଛଡ଼ା ବିଭିନ୍ନ ବିଲାତି ମଦ ବା ଭାରତ ବାହାରେ ତିଆରି ହେଉଥିବା ମଦ ମଧ୍ୟ ମିଳେ । ଏହାକୁ ଇଂରାଜୀରେ ହାର୍ଡ ଡ୍ରିଙ୍କ କୁହାଯାଏ, ଏହା ଛଡା ଅନ୍ୟ ପାନୀୟମାନଙ୍କୁ ସଫ୍ଟ ଡ୍ରିଙ୍କ କୁହାଯାଏ। ଆଗରୁ ଆମେ ପୁରୁଷମାନେ ମଦ୍ୟପାନ ଓ ନିଶାଗ୍ରସ୍ତ ହେବା ଜାଣିଥିଲେ, ହେଲେ ଯୁଗ ବଦଳିବାର ଦ୍ୱାହି ଦେଇ ମହିଳାମାନଙ୍କ ମଧ୍ୟରେ ଏହା ସଉକ ହୋଇଗଲାଣି । ଏବେ ମହିଳାଙ୍କ ମଧ୍ୟରେ ବଢୁଥିବା ମଦ ନିଶା ସେମାନଙ୍କ ମୃତ୍ୟୁର କାରଣ ପାଲଟୁଛି। ଆଜିର ସମୟରେ ସାରା ବିଶ୍ୱରେ ମଦଜନିତ ମୃତ୍ୟୁମାମଲା ବଢ଼ିବାରେ ଲାଗିଛି। ସବୁଠାରୁ ଦୁଃଖର କଥା ହେଲା ପ୍ରତିବର୍ଷ ବିଶ୍ୱବ୍ୟାପି ଅଣ-ସଂକ୍ରାମକ ରୋଗରେ ଯେତିକି ଲୋକଙ୍କ ମୃତ୍ୟୁ ହେଉଛି, ତା'ଠାରୁ ଅଧିକ ମଦଜନିତ ମୃତ୍ୟୁ ଦେଖିବାକୁ ମିଳୁଛି । ଯାହା ଆମ ସମାଜ ପାଇଁ ଚିନ୍ତାର କାରଣ।

ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ-୪ ଅନୁଯାୟୀ ପୁରୁଷଙ୍କ ତୁଳନାରେ ମହିଳା ହାରାହାରି ୨୯.୨ ପ୍ରତିଶତ ମଦ୍ୟପାନ କରନ୍ତି । ଅରୁଣାଚଳ ପ୍ରଦେଶରେ ୩୦ ପ୍ରତିଶତ ମହିଳା ଏବଂ ୫୨ ପ୍ରତିଶତ ପୁରୁଷ, ମଧ୍ୟପ୍ରଦେଶରେ ୫୩.୨ ପ୍ରତିଶତ ମହିଳା ମଦ୍ୟପାନ କରନ୍ତି । ତେଲେଙ୍ଗାନାରେ ୪୩ ପ୍ରତିଶତ ସିକିମ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ୩୯ ପ୍ରତିଶତ ଏବଂ ୩୮ ପ୍ରତିଶତ ପୁରୁଷ ମଦ୍ୟପାନ କରୁଛନ୍ତି। ତାମିଲନାଡୁ ଓ ଦକ୍ଷିଣ କେରଳରେ ପୁରୁଷମାନେ ଅତ୍ୟଧିକ ମଦ୍ୟପାନ କରୁଥିବା ସେଥିରେ କୁହାଯାଉଛି। ୨୦୧୯-୨୦ର ପରିସଂଖ୍ୟାନ ଅନୁଯାୟୀ ୧୫ ରୁ ୪୯ ବର୍ଷ ବୟସର ମହିଳାମାନେ ଅଧିକ ମଦ୍ୟପାନ କରନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ ଅନୁଯାୟୀ ସହରାଞ୍ଚଳରେ ୧୬.୫ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୧୯.୯ ପ୍ରତିଶତ ମହିଳା ମଦ୍ୟପାନ କରନ୍ତି । ଯାହା ଏଥିରୁ ଲାଗୁଛି ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଗୋଟିଏ ପ୍ରତିଯୋଗିତା ଲାଗିଛି, କିଏ ଏହି ମଦ ପିଇବା ପ୍ରତିଯୋଗିତା କରିବ।

ବର୍ତ୍ତମାନ ଆମ ସମାଜରେ ଏବେ ମହିଳାଙ୍କ ଉପରେ କଟକଣା ନାହିଁ। ସେମାନେ ସ୍ୱାବଲମ୍ବୀ। ମହିଳାମାନେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ଡ୍ରଗ୍ସ ସେବନ କରିବା ଏକ ସାଧାରଣ କଥା ହୋଇଗଲାଣି। ମହିଳାମାନେ ପୁରୁଷଙ୍କ ପରି ଦୁଃଖ ଏବଂ ଯନ୍ତ୍ରଣା ଦୂରକରିବାର ଦ୍ୱାହି ଦେଇ ଡ୍ରଗ୍ସ ସେବନ କରିଥାନ୍ତି । ବିଶେଷ କରି ଏଠାରେ ମହିଳାଙ୍କ ମଦ୍ୟପାନ ଅଭ୍ୟାସ ପଛରେ ସାମାଜିକ ସ୍ଥିତି ଅଧିକ ରହିଛି। ଉଚ୍ଚବର୍ଗରେ ନିଜକୁ ସାମିଲ କରିବାକୁ ବା ସମାଜରେ ନିଜର ଆଧିପତ୍ୟ ଜାହିର କରିବା ପାଇଁ ସେମାନେ ମଦ୍ୟପାନ କରନ୍ତି ।

ବିଭିନ୍ନ ବିଶେଷଜ୍ଞଙ୍କ ମତରେ କୋଭିଡ ମହାମାରୀ ପରେ ବହୁସଂଖ୍ୟକ ମହିଳା ମଦ୍ୟପାନ ଭଳି ନିଶାଦ୍ରବ୍ୟର ନିଶାରେ ପୀଡ଼ିତ ହୋଇଛନ୍ତି। ଯେତେବେଳେ ଘରେ ବନ୍ଦୀ ଥିବା ଲୋକମାନେ ସମଗ୍ର ଦୁନିଆ ସହିତ ସେମାନଙ୍କର ସମ୍ପର୍କ ହରାଇଥିଲେ, ସେମାନେ ସମୟ ଅତିବାହିତ କରିବା ଏବଂ ସମସ୍ତ ପ୍ରକାର ନିରାଶା ବା ଥକ୍କାର ମୁକାବିଲା କରିବା ପାଇଁ ମଦ ବ୍ୟବହାର କରୁଥିଲେ । ସୋସିଆଲ ଅର୍ଗାନାଇଜେସନ ଦ୍ୱାରା କରାଯାଇଥିବା ଏକ ସର୍ଭେ ଅନୁଯାୟୀ, ମହିଳାମାନଙ୍କ ମଧ୍ୟରେ ମଦ୍ୟପାନ ଅଭ୍ୟାସ ଦ୍ରୁତଗତିରେ ବୃଦ୍ଧି ପାଉଛି । ମହିଳାଙ୍କ ଉପରେ କରାଯାଇଥିବା ଏକ ଅଧ୍ୟୟନରେ ୩୭.୬ ପ୍ରତିଶତ କହିଛନ୍ତି ଯେ କୋଭିଡ ସମୟ ମଧ୍ୟରେ ସେମାନଙ୍କ ଅଭ୍ୟାସ ବୃଦ୍ଧି ପାଇଛି । ତେବେ ୪୨.୩ ପ୍ରତିଶତ ଲୋକ ବିଭିନ୍ନ ଉତ୍ସବରେ ସଉକରେ ମଦ୍ୟପାନ କରନ୍ତି । ଆକଳନ କରାଯାଇଛି ଯେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ମଦ୍ୟପାନ କରୁଥିବା ମହିଳାଙ୍କ ସଂଖ୍ୟା ୨୫ ପ୍ରତିଶତକୁ ବୃଦ୍ଧି ପାଇପାରେ। କହିବାକୁ ଗଲେ ଫିଲ୍ମ ଓ ଅନ୍ୟାନ୍ୟ ମାଧ୍ୟମରେ ମହିଳାମାନେ ମଦପିଇବା କିଛି ନୂଆକଥା ନୁହେଁ। କିନ୍ତୁ ମହିଳାଙ୍କ ମଦ୍ୟପାନକୁ ପ୍ରୋତ୍ସାହିତ କରିବା ପଛରେ ବଜାରର ଏକ ବଡ଼ ହାତ ରହିଛି । ଅତ୍ୟଧିକ ମଦ୍ୟପାନ କରିବା ଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ହୃଦ୍‌ଘାତ, ନିମୋନିଆ ଓ ଟିବି ଭଳି ଅନେକ ରୋଗର ଶିକାର ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ । ମଦ୍ୟପାନକାରୀଙ୍କ ଠାରେ ଥାୟାମିନ୍ ଅଭାବ ଦେଖାଯାଏ। ଯାହା ଫଳରେ ପେଟ ଆସ୍ତରଣ ଓ ହଜମ ପ୍ରକ୍ରିୟା ଫୁଲି ଯାଇଥାଏ। ତେଣୁ ଶରୀରର ଭିଟାମିନ୍ ଶୋଷଣ କରିବାର କ୍ଷମତା କମି ଯାଇଥାଏ। କେବଳ ମଦ ନୁହେଁ, ଯେକୌଣସି ପ୍ରକାର ନିଶା ପ୍ରତି ମହିଳାଙ୍କୁ ପ୍ରୋତ୍ସାହିତ କରିବା ମଧ୍ୟ ଅତ୍ୟନ୍ତ ନିମ୍ନସ୍ତରର ଷଡ଼ଯନ୍ତ୍ର । ସେମାନଙ୍କ କୋମଳ ଭାବନା ସହିତ ଖେଳିବା ଏବଂ ସେମାନଙ୍କୁ ଏକ ଭ୍ରମର କାଳକୁ ଠେଲିଦେବା ଯେଉଁଠାରୁ ବାହାରକୁ ବାହାରିବା ସହଜ ନୁହେଁ । ନିକଟ ଅତୀତରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ଏକ ଆଭ୍ୟନ୍ତରୀଣ ଗବେଷଣାରୁ ଜଣାପଡିଛି ଯେ ବିହାର, ଗୁଜରାଟ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ତେଲେଙ୍ଗାନାର ଅନେକ ମହିଳା ଓ କିଶୋରୀ ଏହି ମଦର ଚକ୍ରବ୍ୟୁହରେ ପଡ଼ି ଯାଇଛନ୍ତି । ଆମ ରାଜ୍ୟ ମହିଳାମାନଙ୍କ ଦୃଷ୍ଟିରୁ ଟିକେ ପଛରେ ରହିଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟରେ ଭାରତ ସମେତ ସମଗ୍ର ବିଶ୍ୱରେ ମଦଜନିତ ମୃତ୍ୟୁର ଏକ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରାଯାଇଛି, ଯାହାକୁ ଆମ ସମସ୍ତଙ୍କୁ ଗମ୍ଭୀରତାର ସହ ନେବାର ଆବଶ୍ୟକତା ରହିଛି । ରିପୋର୍ଟ ଅନୁଯାୟୀ ସମଗ୍ର ବିଶ୍ୱରେ ପ୍ରତିବର୍ଷ ୨୬ ଲକ୍ଷରୁ ଅଧିକ ଲୋକ ମଦ୍ୟପାନ ଯୋଗୁଁ ମୃତ୍ୟୁବରଣ କରୁଥିବା ବେଳେ ବର୍ତ୍ତମାନ ବିଶ୍ୱରେ ପ୍ରାୟ ୪୦୦ ନିୟୁତ ଲୋକ ମଦ ଏବଂ ନିଶାଜନିତ ବିଭିନ୍ନ ରୋଗରେ ପୀଡ଼ିତ ଅଛନ୍ତି। ଭାରତରେ ସ୍ଥିତି ଆହୁରି ଖରାପ, ଯେଉଁଠି ପ୍ରତି ଏକ ଲକ୍ଷରେ ୩୮,୫ ପ୍ରତିଶତ ମୃତ୍ୟୁ ମଦ୍ୟପାନ କାରଣରୁ ହୋଇଥାଏ । ମୃତ୍ୟୁର କାରଣ ମଧ୍ୟରେ ଯକୃତ ରୋଗ, ହୃଦ୍‌ରୋଗ, ସଡ଼କ ଦୁର୍ଘଟଣା ଏବଂ ହିଂସା ଅନ୍ତର୍ଭୁକ୍ତ, ଯାହା ଅତ୍ୟଧିକ ମଦ୍ୟପାନ କୁ-ପ୍ରଭାବର ପ୍ରମାଣ। ୧୪୦ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ଦଶନ୍ଧି ଦଶନ୍ଧି ଧରି ମଦନିଶା ସହ ସଂଘର୍ଷ କରୁଛି ଏବଂ ସଦ୍ୟତମ ତଥ୍ୟ ସମସ୍ୟାର ଗମ୍ଭୀରତା ଦର୍ଶାଏ। ଏହାମଧ୍ୟ ଉଲ୍ଲେଖ କରିବା ଜରୁରୀ ଯେ ନିଶାଦ୍ରବ୍ୟର ବ୍ୟବହାର ଏକ କ୍ରନିକ ରୋଗ ଏବଂ ମାନସିକ ସ୍ୱାସ୍ଥ୍ୟ ବିପଦର ଉତ୍ପତ୍ତି, ଦୁର୍ଘଟଣା, ଆଘାତ ଏବଂ ହିଂସାର ବିପଦ ବଢ଼ାଇବା ଏବଂ ପରିବାର ଏବଂ ସମ୍ପ୍ରଦାୟ ଉପରେ ଏକ ଭାରି ବୋଝ ପକାଇବା ପାଇଁ ଏକ ବିପଦଜନକ କାରଣ ଅଟେ । ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ ୧୫ରୁ ୧୯ ବର୍ଷ ବୟସର ଭାରତୀୟ କିଶୋରମାନଙ୍କର ମଦ ପିଇବାର ପ୍ରବୃତ୍ତି ଅଧିକ । ଭାରତରେ ୧୫ବର୍ଷରୁ ଅଧିକ ବୟସର ୪୧ ପ୍ରତିଶତ ପୁରୁଷ ମଦ୍ୟପାନ କରୁଥିବା ବେଳେ ମହିଳାଙ୍କ ସଂଖ୍ୟା ପ୍ରାୟ ୨୧ ପ୍ରତିଶତ ରହିଛି । ରିପୋର୍ଟ ଅନୁଯାୟୀ, କେବଳ ୨୦୨୦ରେ ଭାରତରେ ୩ ଲକ୍ଷରୁ ଅଧିକ ମଦ୍ୟପାନ ଜନିତ ମୃତ୍ୟୁ ଘଟିଛି । ମଦ ସମସ୍ୟାକୁ ଦୂର କରିବାରେ ଚୀନର ତୁଳନାତ୍ମକ ସଫଳତା ମଧ୍ୟ ଭାରତ ପାଇଁ ଏକ ମଡେଲ ଭାବେ କାମ କରିପାରେ । ବିଜ୍ଞାପନ ଏବଂ ଉପଲବ୍ଧତାକୁ ନିୟନ୍ତ୍ରଣ କରିବା ଏବଂ ଦୃଢ଼ ଜନସ୍ୱାସ୍ଥ୍ୟ ଅଭିଯାନ ଉପରେ ଚୀନର ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିଛି । ସେଠାରେ ମଦ୍ୟପାନଜନିତ ମୃତ୍ୟୁକୁ ରୋକିବାରେ ସହାୟକ ହୋଇଛି। ତେବେ ଗତ କିଛିବର୍ଷ ଧରି ଭାରତ ସରକାର ମଧ୍ୟ ମଦ ବିକ୍ରି ଓ ସେବନକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ବାସ୍ତବରେ ଏହା ମନେ ରଖିବା ଆବଶ୍ୟକ ଯେ ମଦ୍ୟପାନଜନିତ ମୃତ୍ୟୁ କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ବରଂ ଏହା ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ମଧ୍ୟ ବାଧା ସୃଷ୍ଟି କରେ । ସଦ୍ୟତମ ରିପୋର୍ଟର ଫଳାଫଳ ବ୍ୟକ୍ତି, ପରିବାର ଏବଂ ସମଗ୍ର ସମାଜ ଉପରେ ମଦ୍ୟପାନର ବିନାଶକାରୀ ପ୍ରଭାବକୁ ମନେ ପକାଇ ଦେଇଛି । ଏଭଳି ସ୍ଥିତିରେ ସରକାର, ନାଗରିକ ସମାଜ ଓ ସଚେତନ ଲୋକଙ୍କୁ ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ଆଗେଇ ଆସିବାକୁ ପଡ଼ିବ ନଚେତ ଆମ ଦେଶ ବା ରାଜ୍ୟ ମଦ ପାଇଁ ସଂକଟାପନ୍ନ ହେବ ଏଥିରେ ସନ୍ଦେହ ନାହିଁ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

## ଅଭିମାନିନୀ ରାଧା



**ନଳିନୀ ଦାଶ**

ଯମୁନା କୂଳରେ କଦମ୍ବ ମୂଳରେ
ମଧୁର ମୂର୍ଚ୍ଛନା ତୋଳି
ବଇଁଶୀ ବଜାଅ ତ୍ରିଭଙ୍ଗୀ ଠାଣିରେ
ନାଚି ଗାଇ ଢ଼ଳିଢ଼ଳି ।
କୁଞ୍ଜ କାନନରେ ତୁମସାଥେ କୃଷ୍ଣ
ଖେଳୁଥାନ୍ତି ନିତି ଦୋଳି
ସାଜିଅଛି ମୁହିଁ ପ୍ରେମ ପାଗଳିନୀ
କଳଙ୍କ ଅବିର ବୋଳି ।
ବାହାନା କରି ମୁଁ ସଖିଙ୍କ ସାଥିରେ
ଯାଆନ୍ତି ଯମୁନା ନଈ
ଜଳ କଳସୀକୁ ଭାଙ୍ଗି ଦେଉଥାନ୍ତ
କଦମ୍ବ ଗଛରେ ଥାଇ ।
ଦଧି ମନ୍ଥୁ ଥିଲା ସମୟେ ଶୁଣନ୍ତି
ତୁମର ବଇଁଶୀ ସ୍ୱର
କୃଷ୍ଣ ହେ ତୁମର ମନ ହୃଦୟକୁ
କିଣିଛି ଏ ମନ ମୋର ।
ଅଷ୍ଟ ପାଟବଂଶୀ ମାନଙ୍କ ସାଥିରେ
କରୁଥିଲ କେତେ କେଳି
ହୃଦୟକୁ ମୋର ବାଧୁଥିଲା ବେଶୀ
ମନ ଯାଉଥିଲା ଜଳି ।
ସଖୀଙ୍କ ମେଳରେ ଗୋପୀଙ୍କ ଦଳରେ
ମୋ ସାଥେ ଅବିର ଖେଳି
ଦୋଳ ପୁନେଇଁରେ ହୋଲି ପରବରେ
ରଙ୍ଗ ଦେଇଥାନ୍ତ ବୋଳି ।
ଶାଶୁ ନଣନ୍ଦଙ୍କୁ ଲୁଚିକି ଆସନ୍ତି
ଯମୁନା କୂଳକୁ ନିତି
ପ୍ରେମ ରଚୁଥାନ୍ତି ତୁମ ସାଥିରେ ମୁଁ
ଦିନ ମୋ ଯାଆନ୍ତା ବିତି ।
ମଥୁରା ଗଡ଼କୁ ଦଧି ବିକିଗଲେ
କରୁଥିଲ ଘାଟ ପାରି
କାଚରା ବେଶରେ କାଚ ପିନ୍ଧେଇକି
କରୁଥିଲ ମନ ଚୋରି ।
ମୁଁ ଅଭିମାନିନୀ ଆଖି ଲୁହ ଢ଼ାଳି
ଝୁରୁଅଛି ନିତିଦିନ
ତୁମର ଫେରିବା ବାଟକୁ ଚାହିଁଛି
ଶୁଣିବି ବଇଁଶୀ ସ୍ୱନ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*



**ସନ୍ତୋଷ ମିଶ୍ର**

## ରାମଙ୍କ କଟାମୁଣ୍ଡ ମାୟାରେ ସୀତା

ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଅନୁପସ୍ଥିତିର ସୁଯୋଗରେ ରାବଣ ବଳପୂର୍ବକ ସୀତାଙ୍କୁ ଅପହରଣ କରି ପୁଷ୍ପକ ବିମାନରେ ନେଇ ଯାଉଥିଲେ ଲଙ୍କା। ସୀତା କାନ୍ଦିକାନ୍ଦି କହୁଥିଲେ – ହେ ରାମ ! ମୋତେ ଏ ପାପୀ ରାକ୍ଷସ ହରଣ କରି ନେଇ ଯାଉଚି... ମୋତେ ରକ୍ଷା କର... ହେ ରାମ ! ତୁମ କଣ୍ଠରେ 'ତ୍ରାହି ଲକ୍ଷ୍ମଣ' ଡାକ ଶୁଣି ମୁଁ ବାଧ କରି ଲକ୍ଷ୍ମଣଙ୍କୁ ତମ ସହାୟତା ନିମନ୍ତେ ପଠାଇଲି। ସେଇ ଭୁଲ୍ ଯୋଗୁ ଆଜି ମୁଁ ରାକ୍ଷସ କବଳରେ ପଡ଼ିଲି।

ରାବଣ ପ୍ରେମ ଯାଚନା କରୁଥିଲା – କାହିଁକି ବୃଥାରେ ରୋଦନ କରୁଛ। ମୁଁ ଲଙ୍କାର ଅଧୀଶ୍ୱର ରାବଣ। ତୁମକୁ ପାଟରାଣୀ କରି ମହା ସୁଖରେ ରଖିବି। ତୁମ ଭଳି ଅପରୂପା ସୁନ୍ଦରୀ ପାଇଁ ବନଚାରୀ ରାମ ଯୋଗ୍ୟ ନୁହେଁ। ସବୁ ହରାଇ ନିସ୍ୱ ହୋଇଯାଇଥିବା ରାମ କୋଉ ସୁଖରେ ତମକୁ ରଖିଚି ଯେ ତମେ ରାମ ରାମ ହେଉଛ।

ସୀତା କିନ୍ତୁ ବାରମ୍ବାର କହୁଥିଲେ – ହେ ରାମ ! ମୋତେ ଏ ସଙ୍କଟରୁ ଉଦ୍ଧାର କର ! ମୁଁ ତମ ବିନା ବଞ୍ଚିବି କିପରି। ହେ ରାମ ! ମୋତେ ସହାୟ ହୁଅ ! ମୋତେ ରକ୍ଷା କର !!

ବାରମ୍ବାର ସୀତା ରାମ ନାମ ଧରୁଥିବାରୁ ସନ୍ଦେହରେ ପଡ଼ିଗଲେ ରାବଣ । ହିନ୍ଦୁ ସଂସ୍କୃତିରେ ସ୍ତ୍ରୀ, ସ୍ୱାମୀର ନାମଧରି ଡାକିବା ଅସମୀଚୀନ। ଇଏ କଣ ଗୋଲକ ବିହାରୀ ଶ୍ରୀବିଷ୍ଣୁଙ୍କ ପତ୍ନୀ.. ମା' ଲକ୍ଷ୍ମୀ। ଇଏ କଣ ସତରେ ସୀତା।

ରାବଣ ସୀତାଙ୍କୁ ନେଇ ଅଶୋକ ବାଟିକାରେ ରଖିଲେ। କିଛି ଦିନ ପରେ ଶ୍ରୀ ରାମଚନ୍ଦ୍ର ବାନର ସେନା ଧରି ଲଙ୍କାରେ ଆସି ପହଁଚିଲେ। ରାବଣଙ୍କ ଅସୁର ସେନାବାହିନୀ ସହିତ ଘମାଘୋଟ ଯୁଦ୍ଧ ହେଲା।

ଦିନେ ଯୁଦ୍ଧରେ ଅପମାନିତ ହୋଇ ଫେରିବା ପରେ କ୍ରୋଧ ଜର୍ଜରିତ ରାବଣ ମାୟାବୀ ରାକ୍ଷସ ବିଦ୍ୟୁତଜିହ୍ୱକୁ ଡାକି କହିଲେ – ତମେ ମାୟାରେ ରାମଚନ୍ଦ୍ରଙ୍କ କଟା ମୁଣ୍ଡ ଓ କୋଦଣ୍ଡ ଧନୁ ତିଆରି କରିବ। ନିଭୃତ ରାତିର ଅନ୍ଧାର ଭିତରେ ବିଦ୍ୟୁତଜିହ୍ୱ ସହିତ ସୀତାଙ୍କ ପାଖକୁ ଆସି ରାବଣ କହିଲେ – ହେ ସୀତେ । ଦେଖ ମୋର ସେନାପତି ପ୍ରହସ୍ତ ରାମଙ୍କୁ ବଧ କରି ତାଙ୍କ କଟାମୁଣ୍ଡ ନେଇ ଆସିଚି। ତେଣୁ ଏବେ ରାମଙ୍କୁ ଛାଡି ମୋର ପ୍ରେମ ନିବେଦନ ସ୍ୱୀକାର କର। ତାପରେ ବିଦ୍ୟୁତଜିହ୍ୱକୁ ନିର୍ଦ୍ଦେଶ ଦେଲେ ରାମଙ୍କ କଟାମୁଣ୍ଡ ଓ ଧନୁକୁ ଦେଖାଇବା ପାଇଁ। ସୀତାଙ୍କ ମୁଣ୍ଡ ଉପରେ ଯେମିତି ଆକାଶ ଛିଣ୍ଡି ପଡ଼ିଲା। ବିଳାପ କରି ସେ ରାମଙ୍କ କଟାମୁଣ୍ଡ ଉପରେ ଲୋଟି ପଡିଲେ। ହେ ରାମ ! ତମର ମୃତ୍ୟୁ ପରେ ମୋର ବଞ୍ଚି ରହିବା ନିଷ୍ପ୍ରୟୋଜନ।



ଶ୍ରୀରାମଙ୍କ କଟା ମୁଣ୍ଡ ମାୟାରେ ପଡି ସୀତା କରୁଣ କ୍ରନ୍ଦନ କରୁଥିବାର ଦେଖି ରାବଣ ନିଶ୍ଚିତ ହୋଇଗଲେ ଇଏ ପ୍ରକୃତ ସୀତା ନୁହନ୍ତି। ଇଏ ଛାୟା ସୀତା। ଛାୟା ସୀତାଙ୍କୁ ହିଁ ରାବଣ ହରଣ କରି ଆଣିଥିଲେ। ସେଦିନ ସୀତା ହରଣ ପାଇଁ ରାବଣ ପଞ୍ଚବଟୀରେ ପହଞ୍ଚିବା ପୂର୍ବରୁ ରାମ ସୀତାଙ୍କୁ ଡାକି କହିଲେ – ଏବେ ଆମର ବିଚ୍ଛେଦ ସମୟ ଆସିଗଲା। ରାବଣ ତମକୁ ଅପହରଣ କରିବାକୁ ଆସୁଚି। ଚଉଦ ମାସ କାଳ ତମକୁ ଅଶୋକବନରେ ରହିବାକୁ ପଡ଼ିବ। ଏବେ ମୁଁ ତମକୁ ଅଗ୍ନିଦେବଙ୍କ ଦାୟିତ୍ୱରେ ଛାଡୁଚି। ଅଗ୍ନିରୁ ଛାୟା ସୀତା ସୃଷ୍ଟି ହୋଇ ବାହାରକୁ ଆସିବେ। ସେ ତମର ସମସ୍ତ ମାନବୀୟ ଲୀଳା ସମ୍ପନ୍ନ କରିବେ। ଚଉଦ ମାସ ପରେ ପୁଣି ତମ ସହିତ ସାକ୍ଷାତ ହେବ।

ରାବଣ ଜାଣିଥିଲେ – ସୀତା ହରଣ, ରାବଣ ମରଣ। ଏବେ କେବଳ ରାମଙ୍କୁ ଅପେକ୍ଷା। ରାବଣର ବିଶ୍ୱାସ ଥିଲା ପ୍ରଭୁ ଶ୍ରୀରାମଚନ୍ଦ୍ର ସୀତା ଉଦ୍ଧାର କରିବାକୁ ଆସି ତାଙ୍କୁ ବଧ କରି ଅସୁର ଜନ୍ମରୁ ମୁକ୍ତି ଦେବେ !!!!

*ଉଦଳା, ମୟୂରଭଞ୍ଜ*
*ମୋ- ୭୦୦୮୨୩୭୬୫୦*

## ତଥାପି ପଳାଶ...



**ଚନ୍ଦନ କୁମାର ଦାସ**

ବୈଶାଖୀର ବିରହ ରଂଗରେ
ସଜେଇ ହୋଇଛି ପଳାଶ
ଆଉ କେତେ ଦିନ
ନିଦାଘକୁ ସାକ୍ଷୀ ରଖି ଜଳୁଥିବ ଏମିତି ସେ
ରକ୍ତଜବାର ରାତି ହୋଇ...
ମନ୍ମୟୀ ମୁଖର ତନ୍ମୟୀ ଆଖିରେ ତା
ଭାଙ୍ଗିଯାଇଛି ବୟସର ରଂଗୀନ ବାତାୟନ
ଅନ୍ତରରୁ ଆତ୍ମା ଯାଏଁ ଜାଳୁଥାଏ ସ୍ମୃତିର ଦହନ
ବିଶ୍ୱାସର ବଗିଚାରେ ଝରି ପଡ଼ିଛି
ପ୍ରିତିର ଗୋଲାପି ପାଖୁଡ଼ା
ତଥାପି ପଳାଶ.....
ତଥାପି ପଳାଶ ସଂପର୍କର ନଈକୂଳେ
ପ୍ରେମର ନୈବେଦ୍ୟ ଧରି
ଏକାନ୍ତରେ ଚାହିଁଥାଏ କାହାର ଆସିବା ବାଟକୁ
ରାତି ପାହି ଦିନ ଆସେ
ହେଲେ ଫଗୁଣର ରଂଗ, ବସନ୍ତର ମାଦକତା
ସବୁ କିଛି ଫରଚା ଦିଶେ
ଚଇତିର ଚୋରା ଚିଠି ତଳୁ ଭାସିଉଠେ କିଛି
ଅପ୍ରାକୃତିକ ହସର ପସରା
ଏକ କ୍ଷତାକ୍ତ ପୃଥିବୀର ଅନାହୂତ ଅପବାଦର
ରକ୍ତିମ ଟିକାଟିଏ ନାଇଁ
ମନର ଭଙ୍ଗା କାନ୍ଥରେ ସଂଗୋପନେ ଲେଖେ ସିଏ
ତା ଆତ୍ମଦାହର ଆତ୍ମଲିପି ।



*ଭୋଗରାଇ, ବାଲେଶ୍ୱର*
*ମୋ-୮୧୧୪୩୪୫୯୮୮*



## ସେଇଠି କରିବି ଘର

**ଶରତ ଦାଶ**

ଆକାଶ ଯେଉଁଠି ଚୁମୁଥିବ ଧରା
ସେଇଠି କରିବି ଘର
ପାହାଡ଼ ଅଦୂରେ ଦିଶୁଥିବ ତୋରା
ପିନ୍ଧି ସବୁଜ ଚାଦର ।।
କୁଳୁ କୁଳୁ ନାଦେ ଗାଉଥିବ ଗୀତ
ପାଖ ଅନାମିକା ନଈ
ଉଡିଯାଉଥିବେ ନୀଳ ଆକାଶରେ
ବିହଙ୍ଗମ ଖୁସି ହୋଇ ।।
ନଥିବ ସେଠାରେ ଘୃଣା ହିଂସା ଦ୍ୱେଷ
କ୍ରୋଧ ଅସୂୟାର ଭିଡ଼
କେତେ ପଶୁପକ୍ଷୀ ସ୍ଥାବର ଜଙ୍ଗମ
ବାନ୍ଧିଥିବେ ରମ୍ୟ ନୀଡ଼ ।।
ନଥିବ ସେଠାରେ ଦୁଃଖ ଶୋକ ପୀଡ଼ା
ସୁଖର ଅମୃତ ପାନେ
ସର୍ବେ ହେଉଥିବେ ଆନନ୍ଦ ମଗନ
ଭ୍ରମୁଥିବେ ପ୍ରେମବନେ ।।
ନଥିବେ ସେଠାରେ କେହି ଉଚ୍ଚ ନୀଚ
ନଥିବ କ୍ଷମତାମୋହ
ସତ୍ୟ ଧର୍ମ ପଥେ ଚାଲୁଥିବେ ସର୍ବେ
ରଖି ବିବେକରେ ଲୟ ।।
ନଥିବ ସେଠାରେ କିଛି ରାଜନୀତି
ଜନତା ଭଣ୍ଡିବା ପାଇଁ
ବାକ୍ୟ ଓ କର୍ମରେ ଥିବ ସମନ୍ୱୟ
ପାମର ନଥିବେ କାହିଁ ।।
ବହୁଥିବ ସେଠି ମଳୟ ସମୀର
ସୁଗନ୍ଧ ଶୀତଳ ଧୀର
ଋତୁରାଜ କେବେ ସ୍ଥାନ କରି ତ୍ୟାଗ
ନଯିବ ହୋଇ ତତ୍ପର ।।
କୋକିଳ କୂଜନେ ପ୍ରେମେ ଭିଜୁଥିବ
ବନ ଗିରି ଉପତ୍ୟକା
ପରିବେଶ ଥିବ ନିର୍ମଳ ସୁରମ୍ୟ
ଆକାଶ ପାତାଳ ଚୋଖା ।।
ନଥିବ ଅଭାବ କାହାର କିଛି ବି
ସବୁ ଥିବେ ପରିପୂର୍ଣ୍ଣ
ପରଦ୍ରବ୍ୟ ଲୋଭ ନଥିବ କାହାରି
ସର୍ବେ ସାଧୁସନ୍ଥେ ଗଣ୍ୟ ।।
କୂଟ କପଟତା ନଥିବ କା'ପାଶେ
ସମସ୍ତେ ନମ୍ର ସରଳ
ପରଦୁଃଖ ଦେଖି ଯାଉଥିବ ବହି
ନେତ୍ରୁ ଲୁହ ବାରମ୍ବାର ।।
ନଥିବ ଶୋଷଣ କାହାକୁ କଷଣ
ଦେଉ ତ ନଥିବେ କେହି
ଦୟା କ୍ଷମା ଆଉ କରୁଣାର ସ୍ରୋତ
ବହୁଥିବ ଯେହ୍ନେ ନଈ ।।
ଭଲପାଇବାର ନିରୁତା ଭାବରେ
ହୃଦମନେ ବିଭୋରତା
ରହିଥିବ ଚିର କଳ୍ପନା ରୁଚିର
କରୁଥିବ ଚୋରି ସତ୍ତା ।।
ଏପରି ସ୍ଥାନରେ କରିବି ଆଗାର
ରହିବି ହୋଇ ନିଦକ
ହେ ପରମପିତା ଏତିକି କରୁଣା
କରିବ ମାଗୁଛି ଭିକ ।।

*ଭୁବନେଶ୍ୱର*

## ସ୍ତ୍ରୀଲୋକ



**ଡ. ଦୀପକ କୁମାର ମିଶ୍ର**

ଜିକା ଯୌବନକୁ ବୁଜୁଳା କରି
ବୋହିଚି ମୁଣ୍ଡରେ
ସହିସହି ଦେହକ
ପାହାଡ଼ରୁ ପହଡ଼ ପକେଇ
ଖସି ଆସୁଥିବା
ଢେଲା ଢେଲା ଦୁଃଖର ଅତଡ଼ା ।

ଝାଇଁ ମାରିଯାଉଥିବା ପାଦରେ
ଖାଦାନର ଖନ୍ଦା ଡେଉଁଚି
ସକାଳ ପ୍ରହରୁ
କୋମଳ ପିଠିରେ ଲାଉ ହେଇଚି
ଯାବତୀୟ ସଜଳ ଯାତନା ।

ସ୍ତ୍ରୀଲୋକ ଦେହରେ ତ ଖୁନ୍ଦି ହୋଇଥାଏ
କଷ୍ଟର କମକୂଟ କାରୁକାର୍ଯ୍ୟ
ନିର୍ଜୀବ ଇଟା ବାଲି ସିମେଣ୍ଟରେ
ତିଆରି ହୁଏ ଫି' ଦିନ
ଜୀବନ୍ତ ତେଲଲୁଣ ଦୁନିଆର ସୌଧ ।

ପେଟରେ, କାଖରେ, ଛାତିରେ
ଅହୋରାତ୍ର ଅଣନିଶ୍ୱାସୀ ଗତିରେ
ଚାଲିଥାଏ ଜୀବନ ଗଠନ
ଉଷୁମେଇ ତିଆରି କରେ
ସ୍ୱପ୍ନରୁ କଢ଼ି, କଢ଼ିରୁ ଫୁଲ,
ହେଲେ ବାସ୍ନାହୀନ ତେଲରେ ଜରଜର ।

ନିଆରା ତା ଭାଗ୍ୟ
କେବେ ଇସ୍ତ୍ରୀ ହୋଇ ନଥିବା
ସର୍ବାଙ୍ଗ ଶରୀରରେ
ଭରପୁର ଲୁହଲହୁର
ଲୋଚାକୋଚା ଭାଙ୍ଗ ।

ସ୍ତ୍ରୀଲୋକଟିଏ
ଭଉଣୀ ହେଉ କି ଭାରିଯା
ମାଉସୀ ହେଉ କି ମା'
ଦମ୍ଭରେ ଚାଲୁଥାଏ
ଜଞ୍ଜାଳକୁ ଜୁଡ଼ାରେ ଗୁଞ୍ଜି
ଗମ୍ଭୀର ଗଜରା ମାଳଟିଏ ପରି ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*



## ଖରା

**ସୁଦର୍ଶନ ମହାପାତ୍ର**

ଖରା ପାଇଁ ଲାଗେ ସଭିଙ୍କୁ ଡର
କେତେ ସାବଧାନ ଜାଗ ତିଆର,
ଗରମରେ ହୁଏ ପ୍ରାଣ ଆକୁଳ
ଦେହୁ ଗମଗମ ବହଇ ଝାଳ ।।

କୂଅ ପୋଖରୀରୁ ପାଣି ଶୁଖଇ
ଜଳଜୀବ ସତେ କି ହାଇଁପାଇଁ,
ନଈ ଧାର ଧୀରେ ହୁଅଇ କ୍ଷୀଣ
ବାଧାପ୍ରାପ୍ତ ହୁଏ ଜଳସେଚନ ।।

ଖରା ପାଇଁ ଧରା ଶୁଷ୍କ ନୀରସ
ଚାଷୀର ମୁହଁରୁ ଲିଭଇ ହସ,
ତୁଟିଯାଏ ଶୀଘ୍ର ଶ୍ରମିକ ବଳ
ଅଂଶୁଘାତ ହୁଏ ତା ପାଇଁ କାଳ ।।

ଜଙ୍ଗଲରେ କେବେ ଲାଗଇ ନିଆଁ
ପଶୁ ପକ୍ଷୀ କୁଳ ଭୟେ ଛାନିଆ,
ବାୟୁମଣ୍ଡଳରେ ବଢ଼େ ଉତ୍ତାପ
ଖରା ସତେ ରଚେ ମହାଆତଙ୍କ ।।

ବୃକ୍ଷ କ୍ରମେ ହୁଏ ପତର ଶୂନ୍ୟ
ହନ୍ତସନ୍ତ କରେ ତାତି ପବନ,
ଡହଳ ବିକଳ ହୁଏ ପଥିକ
ମରୁଭୂମି ପ୍ରାୟ ଲାଗଇ ପଥ ।।

ଦିନୁଁ ଦିନୁଁ ବଢେ ଖରା ବହପ
ଅନୁଭୂତ ହୁଏ ତାପ ପ୍ରକୋପ,
ବାୟୁ ପ୍ରଦୂଷଣ ତା'ର କାରଣ
ଲୋଡା ଧରାପରେ ବୃକ୍ଷ ରୋପଣ ।।

ସଚେତନ ଯେବେ ହୋଇବେ ଜନ
ଗ୍ରୀଷମ ଲାଗିବ ନାହିଁ ବିଷମ,
ଆଣିଦେବ ସିଏ ବର୍ଷା ପର୍ଯ୍ୟାପ୍ତ
ଖୁସିରେ ହସିବ ସାରା ଜଗତ ।।

*କୁଞ୍ଜବିହାରୀ ଲେନ୍, କଟକ*
*ମୋ-୯୪୩୮୧୭୫୫୪୨*



## ବୃକ୍ଷ ବିନା

**ହରେରାମ ପଣ୍ଡା**

ଡହ ଡହ ଖରା ତତଲା ପବନ
ଜୀବନ ଡହଳ ବିକଳ,
ଶୁଖିଯାଏ ତଣ୍ଟି, ଘୁରି ଯାଏ ମୁଣ୍ଡ
ଝାଳ ବହିଯାଏ ପ୍ରବଳ ।
ତତଲା ଭୂଇଁରେ ପୋଡିଯାଏ ପାଦ
ଦିଶୁନାହିଁ କିଛି ଆଖିକୁ,
ଆଗକୁ ଆହୁରି ଖରାଟା ବଢ଼ିଲେ
କିସ ବା ଘଟିବ ଆଗକୁ ।
ଗାଡିଆ ପୋଖରୀ ନଈନାଳ ଯାକ
ସବୁ ତ ଶୁଖିଲା ପଡ଼ିଛି,
ଗଛ ଛାଇ ଆଉ ଶୀତଳ ପବନ
ସବୁବେଳେ ମନ ଖୋଜୁଛି ।
ସଡ଼କ କଡ଼ରେ ଗଛ ଆଉ ନାହିଁ
ଛାଇ ବା କେଉଁଠୁ ପାଇବା ?
ଶୀତଳ ପବନ ହେଲାଣି ସପନ
କେମିତି ଜୀବନ ଜୀଇବା ?
ନିଜ ପାଦେ ନିଜେ କୁରାଢି ମାରିଛେ
କାଟି ସଫା କଲେ ଗଛକୁ,
ଜଙ୍ଗଲ ନାଶିଲେ ସହର ଗଢିଲେ
ଦୋଷ ଦେବା ଏବେ କାହାକୁ ?
ଠିକଣା ବେଳରେ ଋତୁ ଆସୁନାହିଁ
ଦିଗହରା ଆଜି ମୌସୁମୀ,
ବଣ୍ୟଜୀବ ଏବେ ଗାଆଁରେ ବୁଲନ୍ତି
ଜଙ୍ଗଲରେ ଜାଗା ମିଳୁନି ।
ବୃକ୍ଷର ଅଭାବ ପରିବେଶ ପାଇଁ
ସାଜିଛି ନଷ୍ଟର କାରଣ,
ପ୍ରତିକାର ତା'ର ଏବେଠୁଁ ନ କଲେ
ଭୋଗିବାକୁ ହେବ କଷଣ ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, କୁଆଁସ, ମେରଦା କାଟିଆଛକ, ଯାଜପୁର*
*ମୋ-୯୪୩୮୦୬୫୧୯୫*

## ଅରଣ୍ୟରୁ ଜ୍ଞାନ-୫

**ଅଶୋକ ବିଶ୍ୱାଳ**

ବେଳ ସରିଯିବ ଭାବି
ବହୁ ବାଟ ଜଙ୍ଗଲରେ ମୁଁ ଚାଲିଥିଲି
ଅବୁଝା କଣ୍ଟା, ବଣୁଆ ଗଛ ଆଉ ଲଟା
ଅପଢ଼ା ଛାଇ ଓ ଆଲୁଅ
ଦେହରେ ପୀଡ଼ା,
ଆଖି ଥକିଯାଉଥିଲା,
ତେଣୁ ମନକୁ ବୁଝାଇ,
ନିଜ ଭିତରକୁ ଟିକେ ମୁଁ ଚାଲିଲି
ସେଇଠି ଛାଇରେ ଦଣ୍ଡେ ବିଶ୍ରାମ କରିବି ।

ମନର ଗଭୀର ପରିଧିରେ
ଘନ ଅରଣ୍ୟ ପାଇଲି
ଭାବନାମାନ,
ବର୍ଷା ବିନ୍ଦୁ ପରି ଝରି ପଡୁଥିଲା
ସ୍ୱପ୍ନମାନ ପୁଷ୍ପରାଜି ହୋଇଥିଲେ
ଅନୁଭୂତିମାନ ଦିଗ ଦେଖାଉ ତ ଥିଲେ
ନୂଆ ରାସ୍ତାମାନ ଖୋଲିଯାଉଥିଲା
ଚାରିଆଡ଼େ ରଙ୍ଗଶୋଭା, ପକ୍ଷୀର ଡାକ
ମୁହୂର୍ତ୍ତମାନ ନାଚିଚାଲିଥିଲେ
ଖୁସିରେ ମନ ଭରିଗଲା
ଦେହରେ ଆଉ ପରଶ ନଥିଲା ।

ଜାଣିପାରିଲି
ମନ ଅରଣ୍ୟ, ଆଉ ମହା ଅରଣ୍ୟରେ
କିଛି ପ୍ରଭେଦ ତ ନାହିଁ
ଅରଣ୍ୟକୁ ଆଉ ନିଜକୁ
ବୁଝିବାକୁ ହେଲେ
ବେଗ ସମୟକୁ ଦୂରେ ଛାଡ଼ିବାର ଅଛି,
ରାସ୍ତାରେ କଣ୍ଟା ଥାଇପାରେ,
ଜାଣି,
ମୋ ରାସ୍ତାରେ ମୁଁ ପୋତିବିନି ।


ମହା ଅରଣ୍ୟରେ ନିଶ୍ଚୟ ମୁଁ କଲି
ରଙ୍ଗ ଆଉ ସୁବାସର ଦୋଳି ମୁଁ ଝୁଲିବି
ବନ ଫୁଲର ଅଭୂତ ସମ୍ଭାରରେ
ନିଜକୁ ହଜାଇ ମୁଁ ଦେବି
ମୋ ମନରେ,
ସନ୍ଦେହ ନଥିବ, ଡର ତ ନଥିବ
ମୋ ବାହାରେ
ପୁଷ୍ପ ସବୁଜିମା ଚାରିଦିଗେ ଥିବ ।

ମୋ ରାସ୍ତାରେ ପକ୍ଷୀ ଉଡ଼ିଯାଉଥିବ,
ତା' କାକଳୀ ସହ ରାସ୍ତା ଲମ୍ବି ଯାଉଥିବ,
ସଭିଏଁ ତାଳରେ ନାଚିଚାଲୁଥିବେ,
ମୋର ପ୍ରତିଟି ଖୋଜ ନୂଆ ହେଉଥିବ,
ମୋ ହୃଦୟରେ
ସ୍ୱପ୍ନମାନ ଫୁଲ ହୋଇ ଫୁଟିଯାଉଥିବ ।

## ଆଗକୁ ଆସୁଛି ତାର ରାଜପଣ..

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ବାଦ ସାଧେ ଏବେ ହଳଦୀ ବସନ୍ତ ଡାଳରୁ ଡାଳକୁ ଡେଇଁ
ପଞ୍ଚମ ତାନରେ ପିକ ଗାଏ ଗୀତ ପତ୍ର ଗହଳରେ ରହି
ଜୁଇ, ଜାଇ, ମଲ୍ଲୀ, ହେନାର ସୁବାସେ ମହକି ଉଠଇ ମହୀ
ମହୁମାଛି ଏବେ ମହୁ ଚୁମିବାକୁ ହୁଏ ଖାଲି ହାଇଁ ପାଇଁ
ଖରା ତାତି ଏବେ ଖତେଇ ହେଉଛି ଦକ୍ଷିଣା ପବନ ଦେଖି
ଆଗକୁ ଆସୁଛି ତାର ରାଜପଣ ସମୟକୁ ଅଛି ଟାକି ।
ପଳାଶ ପରଷେ ଖୁସିର ମାଦକ ଆଖି ରହିଯାଏ ଲାଖି
ପଉଷ କୁହୁଡ଼ି ଉଭେଇ ଯାଇଛି ତାର ଲାଜପଣ ଦେଖି ।
କେତେ ସୁହାଗରେ ଚଇତାଳି ଛୁଏଁ ସ୍ୱପ୍ନ ବିଭୋର ଆଖି
କେତେ ସ୍ମୃତି ଆସି ଛୁଇଁ ଦେଇଯାଏ ଏ ଖରାକୁ ରଖି ସାକ୍ଷୀ ।
ହୋଲି ଖେଳ ରଙ୍ଗ ଅଙ୍ଗରୁ ଲିଭିନି ମନ ଖେଳୁଥାଏ ହୋଲି
ହସି ହସି ଫୁଲ ବଖାଣେ ଖରାକୁ ବସନ୍ତ ଆସିଛି ବୋଲି ।
ଆଗକୁ ଆସୁଛି ମହାମାୟା ପୂଜା ବାସନ୍ତିକ ପୂଜା ଇଏ
ଜଗଦ୍ଧାତ୍ରୀ ମାଆ ଆସିବେ ଧରାକୁ ଖରା ବୁଲି ବୁଲି କହେ ।



*ଅଧ୍ୟାପିକା, ଓଡ଼ିଆ ବିଭାଗ, ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ଯାଜପୁର- ୭୫୫୦୦୬*
*ଫୋନ ୭୩୭୭୩୧୮୭୮୯*

## କାହିଁ ତୁମେ ତାଙ୍କୁ ତୁଚ୍ଛ ମାନୁଛ

**ସୁନୀଲ କୁମାର ପ୍ରଧାନ**

କାହିଁ ତୁମେ ତାଙ୍କୁ ତୁଚ୍ଛ ମାନୁଛ
ହେଇ ପାରେ ସେ ଗରିବ
ପେଟ ପାଇଁ କେତେ ଘର ଘର ବୁଲେ
ରହିଯାଏ ସେ ନୀରବ
ନିର୍ଯାତନା ପାଏ ମାଡ଼ ଖାଉଥାଏ
ପରିବାର ତା ବଞ୍ଚିବ
ତୁଣ ଓ ଲୁଣର ସଂସାର ଏଇତ
କି ଦୁଃଖ ଦିଏ ଦଇବ

ପୁଅ କହୁଥାଏ ଜାମା ମୋର ନାହିଁ
ଝିଅ ବି ସେ କଥା କୁହେ
ରୋଷେଇ ପାଇଁ କି ସ୍ତ୍ରୀ ଚୁଲି ପାଖେ
ଆଖିରୁ ଲୋତକ ବହେ

ଏହିତ ସମାଜ ତାର ପରିବେଶ
ଅନେକ ପୀଡ଼ିତା ଅଛି
ଅଭାବୀ ମଣିଷ ବଞ୍ଚିବା ରାହାରେ
ନିଜ ଛୁଆକୁ ବିକୁଛି

ସଂସାର ନଉକା ଚଳିବାର ପାଇଁ
କେତେ କର୍ମ ନିଅ ବାଛି
ସୁଖ ଓ ଦୁଃଖରେ ଭଲରେ ଚଳିବା
ଲୁହ ଦିଅ ସଦା ପୋଛି ।



*ମୋ- ୭୬୦୯୯୩୪୩୬୬*



## ମୋ ଗାଁ, ମୋ ମାଟି

**ଓଜସ୍ୱିନୀ**

ମୋ ଗାଁର ପାହାଡ଼ ପଛରେ
ନାଲି ସୂରୁଜ କେବେ ଉଙ୍କି ମାରେ
ଆଶା, ଆସ୍ଥା ଆତ୍ମବିଶ୍ୱାସ ଭରେ
ସମଗ୍ର ସୃଷ୍ଟିରେ, ପ୍ରତିଟି ପ୍ରାଣରେ

ମୋ ଗାଁର ନଦୀ ପଠାରେ
ବାଲୁକା ସାମ୍ରାଜ୍ୟର ରଂଗ ମହଲରେ
ବିଜନତାର ଦରବାରରେ
ଅସଂଖ୍ୟ ବିହଂଗମ ଗାଆନ୍ତି ଏକ ସ୍ୱରରେ

ମୋ ଗାଁ ମାଟିର ପଣତ କାନିରେ
ସବୁଜିମାର ଚାଦର ଉପରେ
ଆବାଳବୃଦ୍ଧବନିତା ଏକ ପ୍ରାଣରେ
ଜୀବନ କାଟନ୍ତି ଅତି ଆନନ୍ଦରେ

ଫଗୁଣର ଆଗମନରେ
ମୃଦୁ ମଳୟ ପରଶରେ
ଆମ୍ବ ବଉଳର ବାସ୍ନାରେ
ରୂପା ଜହ୍ନ ହସେ ଆକାଶରେ।

କୋଇଲିର କୁହୁତାନରେ
ପର୍ବପର୍ବାଣୀର ଅପୂର୍ବ ସମାହାରରେ
ଋତୁଚକ୍ରର ନିର୍ଦ୍ଦେଶରେ
ମୋ ଗାଁ ବଞ୍ଚିଚି ପ୍ରକୃତି କୋଳର

ମୋ ଗାଁ ମାଟିର ନିର୍ଭୟ ଆଶ୍ରୟରେ
ଶୈଶବ, କୈଶୋର କଟିଛି ଉଲ୍ଲାସରେ
ଅଭୁଲା ସ୍ମୃତି, ଅନୁଭୂତି, ମାନସ ପଟରେ
ସାଇତି ରଖିଚି ମୁଁ ହୃଦୟ ମନ୍ଦିରେ।

ମୋ ଗାଁର ବିଦ୍ୟାମନ୍ଦିର
ସଭ୍ୟତା ସଂସ୍କୃତି ଜ୍ଞାନର ଭଣ୍ଡାର
ଚିନ୍ତାମଣି ବିଦ୍ୟାପୀଠ ନାମ ଅଟେ ତା'ର
ଚିର ନମସ୍ୟା ସେ ଅତି ଆପଣାର।

ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ପ୍ରଚେଷ୍ଟାରେ
ଅନେକ ପ୍ରତିଭା ବିକଶିତ ହେଲେ
କେତେ ମେଧାବୀ ଛାତ୍ର ଭବିଷ୍ୟ ଗଢିଲେ
ଉତ୍କଳ ଗୌରବକୁ ବିଶ୍ୱ ଦରବାରରେ
ପରିଚିତ କଲେ।

*ଆଇଆଇଟି, ଦିଲ୍ଲୀ*

## ତଥାପି ତୁମ ଅପେକ୍ଷାରେ

**ରଶ୍ମିତା ସେଠୀ**

ଦେଇଥିଲ କଥା ତୁମେ ଆସିବ
ଫଗୁଣ ସାଥିରେ ଫୁଲର ମହକ ହେଇ
ଶ୍ରାବଣ ସାଥିରେ ବିଜୁଳି ଚମକ ନେଇ
ଅବା ଜହ୍ନର ଝରକା ଫାଙ୍କରୁ
ଝରିପଡ଼ିବ ଆଞ୍ଜୁଳାଏ ଜ୍ୟୋତ୍ସ୍ନା ହେଇ ।

ତମେତ ଆସିବ ବୋଲି
ତମ କଥାର ଭରସାରେ
ଆଜିବି ଦରଆଉଜା ମୋ ଦରଜା,
ତମେ କେଉଁଠି ମେଘରେ ନା ମାଟିରେ
ଜହ୍ନରେ ନା ତାରାରେ ।

ଏଇତ ଶ୍ରାବଣ ଆସି ବାହୁଡ଼ି ଗଲାଣି
ଆମ ଗାଁ କଦମ୍ବ ବନରୁ
ଫଗୁଣ ବି ଲୁଚେଇଲାଣି ମୁହଁ
ତମେ କିନ୍ତୁ ଆସିଲନି
ଆସିବାକୁ କଥାଦେଇ
ତଥାପି ମୁଁ ତୁମ ଅପେକ୍ଷାରେ ।



*ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା*

# ପୁଣି ଖେଳାଯିବ ଟି୨୦ ମୁମ୍ବାଇ ଲିଗ୍ ରୋହିତ ହେବେ ବ୍ରାଣ୍ଡ ଆମ୍ବାସାଡର

**ମୁମ୍ବାଇ**



ଭାରତର ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ରୋହିତ ଶର୍ମା ଟି୨୦ ମୁମ୍ବାଇ ଲିଗ୍‌ରେ ବ୍ରାଣ୍ଡ ଆମ୍ବାସାଡର ହେବାକୁ ଯାଉଛନ୍ତି। କୋଭିଡ୍ ମହାମାରୀ ପୂର୍ବରୁ ଏହି ଲିଗ୍ ୨୦୧୮ ଓ ୨୦୧୯ରେ ଦୁଇଥର ଖେଳାଯାଇଥିଲା। ରୋହିତ ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଥିଲେ ମଧ୍ୟ ଆଇପିଏଲ୍‌ରେ ଖେଳୁଛନ୍ତି।

ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟର, ଅଜିଙ୍କ୍ୟ ରାହାନେ, ଶିବମ ଦୁବେ, ତୁଷାର ଦେଶପାଣ୍ଡେ ପ୍ରମୁଖ ମୁମ୍ବାଇର କେତେକଣ ଲୋକପ୍ରିୟ ଖେଳାଳି ରହିଛନ୍ତି। ଟେଷ୍ଟ ଓପନ ଯଶସ୍ୱୀ ଜୟସ୍ୱାଲ କିଛିଦିନ ତଳେ ଗୋଆରେ ଯୋଗ ଦେଇଛନ୍ତି। ଏହି ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ଆଇପିଏଲ୍ ସହିତ ସମ୍ପୃକ୍ତ। ଆଇପିଏଲ୍ ଶେଷ ନ ହେବା ପର୍ଯ୍ୟନ୍ତ ଇଭେଣ୍ଟ ଆରମ୍ଭ ନ କରିବା ଲାଗି ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ସ୍ଥିର କରିଛି। ଏହି ଖେଳାଳିମାନେ ଟି୨୦ ମୁମ୍ବାଇ ଲିଗ୍‌ରେ ଖେଳିବେ ବୋଲି ଆଶା କରାଯାଉଛି। ମାତ୍ର ସେମାନଙ୍କୁ ବାଧ କରାଯିବ ନାହିଁ। ଇଭେଣ୍ଟରେ ଅଂଶଗ୍ରହଣ ଦ୍ୱାରା କେବଳ ମୁମ୍ବାଇ କ୍ରିକେଟର ବିକାଶ ଘଟିବ ନାହିଁ ବରଂ ଖେଳାଳି ଓ ଲିଗ୍ ଉପକୃତ ହେବେ ବୋଲି ଏମ୍‌ସିଏ ଜଣେ ଅଫିସିଆଲ କହିଛନ୍ତି।

ଖବର ଅନୁସାରେ ପ୍ରତିଯୋଗିତାରେ ଏମ୍‌ସିଏ ଆଇକନ ଖେଳାଳିମାନଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଦେବ। ଇଭେଣ୍ଟରେ ଅଂଶ ଗ୍ରହଣ କରିବା ଲାଗି ୨,୮୦୦ରୁ ଅଧିକ ଖେଳାଳି ଆଗ୍ରହ ପ୍ରକାଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେବେ। ଦୁଇଟି ନୂଆ ଦଳ ନାମ ଖୁଲାସା ଘୋଷଣା କରାଯିବ। ଅନ୍ୟ ୬ଟି ଦଳ ହେଲେ ନର୍ଥ ମୁମ୍ବାଇ ପାନ୍ଥର୍ସ, ଏଆରସିଏସ୍ ଅନ୍ଧେରୀ, ଟ୍ରିମ୍ଫ ନାଇଟ୍ସ, ମୁମ୍ବାଇ ନର୍ଥ ଇଷ୍ଟ, ନମୋ ବାନ୍ଦ୍ରା ବ୍ଲାଷ୍ଟର୍ସ, ଇଗଲ ଥାନେ ଷ୍ଟ୍ରାଇକର୍ସ ଓ ଆକାଶ ଟାଇଗର୍ସ, ମୁମ୍ବାଇ ୱେଷ୍ଟର୍ଣ୍ଣ ସବ୍‌ଅର୍ବସ।

# ୨୬ରେ ଡାଇମଣ୍ଡ ଲିଗ୍ : ଭାଗନେବେ ଅବିନାଶ ସାବ୍‌ଲେ

**ନୂଆଦିଲ୍ଲୀ**




ଜାତୀୟ ରେକର୍ଡଧାରୀ ୩୦୦୦ ମିଟର ଷ୍ଟିପଲଚେଜର ଅବିନାଶ ସାବ୍‌ଲେ ଏପ୍ରିଲ ୨୬ରେ ଚାଇନାର ଜିଆମେନ୍‌ଠାରେ ହେବାକୁଥିବା ସିଜନ ଓପନିଂ ଡାଇମଣ୍ଡ ଲିଗ୍ ମିଟିଂରେ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱର ଆଗଧାଡ଼ି ଆଥ୍‌ଲେଟମାନେ ଭାଗ ନେବେ। ସେମାନଙ୍କ ମଧ୍ୟରେ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ମରକ୍କୋର ସୋଫିଆନେ ଏଲ୍ ବାକାଲି ରହିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ଓ ୱାର୍ଲଡ ଚାମ୍ପିୟନସିପ୍ ବ୍ରୋଞ୍ଜ ପଦକ ବିଜେତା କେନିଆର ଆବ୍ରାହମ କିବିଓତ୍ ମଧ୍ୟ ଏଥିରେ ଭାଗନେବେ। ଏହି ଷ୍ଟିପଲଚେଜର ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାବ୍‌ଲେଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ।

ଗତବର୍ଷ ସେପ୍ଟେମ୍ବରରେ ଡାଇମଣ୍ଡ ଲିଗ୍ ଫାଇନାଲ ପରେ ସାବ୍‌ଲେ ପ୍ରଥମ ଥର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଗତଥର ସେ ୮ ମିନିଟ ଓ ୧୭.୦୯ ସେକେଣ୍ଡ ଟାଇମିଂରେ ୯ମ ସ୍ଥାନରେ ରହିଥିଲେ। ୮:୦୯.୯୧ ଟାଇମିଂ ସହ ଜାତୀୟ ରେକର୍ଡ କରିଥିବା ୩୦ ବର୍ଷୀୟ ସାବ୍‌ଲେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୮:୧୪.୧୮ ଟାଇମିଂ ସହ ୧୧ଶ ସ୍ଥାନରେ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ଟାଇମିଂକୁ ଭିତ୍ତିକରି ସାବ୍‌ଲେ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

ସେ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ କୋଚିରେ ହେବାକୁଥିବା ଫେଡେରେସନ କପ୍ ନ୍ୟାସନାଲ ଚାମ୍ପିୟନସିପ୍‌ରେ ଭାଗ ନେଇପାରିବେ ନାହିଁ, ଯାହାକି ଆସନ୍ତା ମାସରେ କୋରିଆରେ ହେବାକୁଥିବା ଏସିଆନ ଚାମ୍ପିୟନସିପ୍ ପାଇଁ ଫାଇନାଲ ସିଲେକ୍ସନ ଇଭେଣ୍ଟ। ସୂଚନାଯୋଗ୍ୟ, ଆଥ୍‌ଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏସିଆନ ଚାମ୍ପିୟନ-ସିପ୍‌ରେ ଭାଗ ନେବାଲାଗି ମନୋନୀତ ହେବାକୁ ଚାହୁଁଥିବା ଆଥ୍‌ଲେଟ୍‌ମାନଙ୍କ ଲାଗି ଫେଡେରେସନ କପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ କରିଛି। ତେବେ ଯେଉଁମାନେ ଅନୁମତି ନେଇ ବିଦେଶରେ ଟ୍ରେନିଂ ନେଉଥିବେ କିମ୍ବା କୌଣସି ପ୍ରତିଯୋଗିତାରେ ଭାଗ ନେଉଥିବେ ସେମାନଙ୍କ ଲାଗି ଏହି ନିୟମ କୋହଳ କରାଯାଇଛି।

# ୨୦ ଫୁଟ୍ ଗଭୀର ପାଣିରେ ଚେସ୍ ଖେଳିଲେ କ୍ରୀଡ଼ାମନ୍ତ୍ରୀ

**କଟକ**



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମହାନଦୀର ଜଳରାଜଶିରେ ପ୍ରାୟ ୨୦ ଫୁଟ୍ ଗଭୀର ପାଣିରେ ବୁଡ଼ି ଚେସ୍ ଖେଳିଛନ୍ତି। କ୍ୟାଣ୍ଟନମେଣ୍ଟ ଥାନା ସମ୍ମୁଖ ମହାନଦୀ ଜଳରାଶିରେ ଏହି ଅଭିନବ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ କ୍ରୀଡ଼ାମନ୍ତ୍ରୀ ସୂରଜ ପ୍ରାୟ ୩୫ ମିନିଟ୍‌ରେ ଦୁଇ ରାଉଣ୍ଡ ଚେସ୍ ଖେଳି ବାଜିମାତ୍ କରିଥିଲେ। ସୂଚନା ଅନୁଯାୟୀ, ଅର୍ନ୍ତଜାତୀୟ ସମୁଦ୍ର ବୁଡାଳି ତଥା ଲିମ୍‌କାବୁକ୍ ରେକର୍ଡଧାରୀ ସବୀର ବକ୍ସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଟକରେ ଜଳକ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଶିବିର ଚାଲିଛି। ଦୁଃସାହସିକ ଜଳକ୍ରୀଡ଼ା ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୯ ଜଣ ଯୁବପ୍ରତିଭା ଭାଗ ନେଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ପରେ କ୍ରୀଡ଼ାମନ୍ତ୍ରୀ ସୂରଜ ସବୀରଙ୍କ ଦ୍ୱାରା ଆୟୋଜିତ ଶିବିରରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ୩ ଘଣ୍ଟା ଧରି ସୂରଜ ସ୍କୁବା ଡାଇଭ କରିବା ସହ ପାଣି ଭିତରେ ଚେସ୍ ଖେଳିଥିଲେ। ପ୍ରଥମ ରାଉଣ୍ଡରେ ସେ ସବୀରଙ୍କୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ରାଉଣ୍ଡରେ ପୂର୍ବତନ ନୌସେନା ଅଧିକାରୀ ପୀତବାସ ସାସମଲଙ୍କୁ ହରାଇଥିଲେ। ପିଟି ଅଫିସର ଆକବର ଖାନ୍ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ଏପ୍ରିଲ ୧୮ରୁ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ-୨୦୨୫

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଡେଭଲପମେଣ୍ଟ କମିଟି ଓ ମୟୂରଭଞ୍ଜ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏସନର ମିଳିତ ଆନୁକୂଲ୍ୟରେ, ଯୋନେକ୍ସ ସନରାଇଜ ଅଲ୍ ଓଡ଼ିଶା ରାଜ୍ୟ ବାଳକ ବାଳିକା ସବ୍-ଜୁନିୟର (ୟୁ୧୫) ଏବଂ ଜୁନିଅର (ୟୁ୧୯) ର୍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ଏପ୍ରିଲ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ବାରିପଦାସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜରୁ ୩୦ ପ୍ରତିଯୋଗୀ ଥିବାବେଳେ ସାରା ଓଡ଼ିଶାରୁ ୧୫୦ରୁ ଉର୍ଦ୍ଧ୍ୱ ସବ୍-ଜୁନିୟର ଓ ଜୁନିଅର ଉଭୟ ବାଳକ ଓ ବାଳିକା ସିଙ୍ଗଲ/ଡବଲ/ମିକ୍ସ ଡବଲ୍ସ ବିଭିନ୍ନ ଶ୍ରେଣୀର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ପଞ୍ଜୀକରଣ କରିଛନ୍ତି। ଏହି ପ୍ରତିଯୋଗିତାକୁ ପରିଚାଳନା କରିବାକୁ ୩୦ ଜଣ ରାଜ୍ୟ ସୀକୃତପ୍ରାପ୍ତ ରେଫରୀ ମଧ୍ୟ ଯୋଗଦାନ କରିବେ ଓ ବିଜେତାମାନଙ୍କୁ ସମୁଦାୟ ୧,୨୪,୦୦୦ (ଏକ ଲକ୍ଷ ଚବିଶ ହଜାର) ନଗଦ ମୁଦ୍ରାରାଶି ପ୍ରାଇଜ ଆକାରରେ ଦିଆଯିବାର ଯୋଜନା ରହିଛି ବୋଲି ମୟୂରଭଞ୍ଜ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନର ସାଧାରଣ ସମ୍ପାଦକ ବିଭୁତି ଭୂଷଣ ଦାସ ଏକ ପ୍ରେସ ବିଜ୍ଞାପ୍ତିରେ ଜଣାଇଛନ୍ତି। ବାରିପଦାସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଏହି ଟୁର୍ଣ୍ଣାମେଣ୍ଟ ୧୮ତାରିଖ ସକାଳ ୯ଟାରେ ଉନ୍ମୋଚନ ହେବାକୁ ଥିବା ବେଳେ ୨୦ ତାରିଖ ସନ୍ଧ୍ୟା ୪ଟାରେ ଉଦ୍‌ଯାପିତ ହେବାର ଯୋଜନା ରହିଛି। ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟରେ ସକାଳ ୯ ଟା ରୁ ରାତି ୮ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ପ୍ରସ୍ତୁତି ଶେଷ ହୋଇ ଯାଇଛି ବୋଲି ମୟୂରଭଞ୍ଜ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ଜଣାଇଛନ୍ତି।

# ତୃତୀୟ ଦିନରେ ଅନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

**କେନ୍ଦୁଝର, ନ୍ୟୁଜ୍**



ଶୁକ୍ରବାର ଧରଣୀଧର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ତୃତୀୟ ଦିନ ଥିଲା। ମାଇନିଂ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ପୁରୁଷ କ୍ରିକେଟ୍ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଶଙ୍କରପୁର ଖେଳପଡ଼ିଆରେ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ମହିଳା କବାଡ଼ି ମ୍ୟାଚ୍‌ରେ ରମାଦେବୀ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିବା ବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସେହିପରି ପୁରୁଷ କବାଡ଼ି ମ୍ୟାଚ୍‌ରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଧରଣୀଧର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି।

ଧରଣୀଧର ମେଡିକାଲ କଲେଜରେ ଅନୁଷ୍ଠିତ ବସ୍କେଟ ବଲ ପୁରୁଷ ବିଭାଗ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚ୍ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ମହିଳା ବସ୍କେଟ୍ ବଲ୍ ପ୍ରତିଯୋଗିତାରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଧରଣୀଧର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କ୍ୟାରମ୍ ପ୍ରତିଯୋଗିତାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଧରଣୀଧର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଭଲିବଲ ପ୍ରତିଯୋଗିତାରେ ଗଙ୍ଗାଧର ମେହର ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଖୋଖୋ ପୁରୁଷ ବିଭାଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ପ୍ରଥମ ଥର ପାଇଁ ଆକର୍ଷଣୀୟ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ମଧ୍ୟରେ ଅନୁଷ୍ଠିତ ଏକ ମ୍ୟାଚ୍ ପେନାଲ୍ଟି ସୁଟ୍ ଆଉଟ୍ ୪/୨ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟକୁ ପରାସ୍ତ କରିଛି।

# ଶବ ପୋତିବାକୁ କେନ୍ଦ୍ର କରି ଉତ୍ତେଜନା : ପୋଲିସ ସଜାଗ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**



ଶବ ପୋତିବାକୁ କେନ୍ଦ୍ରକରି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ କୁମୁଲି ପଞ୍ଚାୟତର ମାଲବେଡ଼ା ଗାଁରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋତା ଯାଇଥିବା ଶବ ବାହାର କରିବାକୁ ଗ୍ରାମବାସୀ ଅଡ଼ି ବସିଥିଲେ। ଯାହାଫଳରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କୌଣସି ପ୍ରକାର ଅଶାନ୍ତ ନ ଉପୁଜିବା ନେଇ ସଜାଗ ହୋଇଥିଲା ପୋଲିସ। କିଛି ମାସ ପୂର୍ବେ ଉପରୋକ୍ତ ଗାଁର ରାମଚନ୍ଦ୍ର ଗଣ୍ଡଙ୍କ ପୁଅ ଈଶ୍ୱର ଗଣ୍ଡ (୧୮) କାମ କରିବାକୁ ମହାରାଷ୍ଟ୍ର ଚାଲି ଯାଇ ଥିଲେ। ଗୋଟିଏ ବୋରୱେଲ ଖନନ ଗାଡ଼ିରେ କାମ କରୁଥିଲେ। ମଙ୍ଗଳବାର ଈଶ୍ୱରଙ୍କ ମୃତ୍ୟୁ ହୋଇ ଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ଶେଷକୃତ୍ୟ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତେବେ ପୂର୍ବରୁ ଈଶ୍ୱର ଧର୍ମ ପରିବର୍ତ୍ତନ କରିଥିବା କାରଣରୁ କେଉଁ ସ୍ଥାନରେ ତାଙ୍କର ଶେଷକୃତ୍ୟ ହେବ ସେଥିପାଇଁ ଗାଁରେ ବୈଠକ ହୋଇଥିଲା। କୌଣସି ନିଷ୍ପତ୍ତି ନିଆଯିବା ପୂର୍ବରୁ ପରିବାର ଲୋକେ ଗାଁର ଗୋଟିଏ ସ୍ଥାନରେ ମୃତଦେହ ପୋତି ଦେଇଥିଲେ, ଯାହାକୁ ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା। ଏପରିକି ଈଶ୍ୱରଙ୍କ ପରିବାର ଉପରେ ଆକ୍ରମଣ ହୋଇଥିବା ଜଣାପଡ଼ିଥିଲା। ଉତ୍ତେଜନା ମଧ୍ୟରେ ତୁରନ୍ତ ପୋତା ଯାଇଥିବା ସ୍ଥାନରୁ ମୃତଦେହ ବାହାର କରିବାକୁ ଗ୍ରାମବାସୀ ଜିଦ୍ କରିଥିଲେ। ପରିସ୍ଥିତି ଅଧିକ ବିଗିଡ଼ି କୌଣସି ପ୍ରକାର ହିଂସାର ରୂପ ନେବା ପୂର୍ବରୁ ପୋଲିସକୁ ଖବର ଦିଆଯାଇଥିଲା। ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ରାଇଘର ଥାନାଅଧିକାରୀ ରଘୁନାଥ ମାଝୀଙ୍କ ସହ ଗୋଟିଏ ପ୍ଲାଟୁନ୍ ପୁଲିସ ଫୋର୍ସ ଗାଁରେ ପହଞ୍ଚିଥିଲେ। ପରିସ୍ଥିତିକୁ ଶାନ୍ତ କରିବାକୁ ପୁଲିସ ଉଦ୍ୟମ କରିଥିଲା। ପରିବାର ଲୋକଙ୍କ ଦ୍ୱାରା ମୃତଦେହ ମାଟି ତଳୁ ବାହାର କରିବା ପ୍ରକ୍ରିୟା ଆରମ୍ଭ କରିଥିଲେ ଗ୍ରାମବାସୀ। କିନ୍ତୁ ଏହା ମଧ୍ୟରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ଏହି ପରିସ୍ଥିତି ଅପରାହ୍ନ ୪ଟା ଯାଏଁ ଲାଗି ରହିଥିଲା। ବୈଠକରେ ପୁନର୍ବାର ପରିବାର ଲୋକେ ହିନ୍ଦୁ ଧର୍ମରେ ମିଶିବା ପରେ ସମସ୍ୟାର ସମାଧାନ ହୋଇଥିବା ଥାନା ଅଧିକାରୀ ରଘୁନାଥ ମାଝୀ କହିଛନ୍ତି। ତଥାପି କାଳେ କିଛି ଅଶାନ୍ତି ହେବା ନେଇ ପୋଲିସ ବର୍ତ୍ତମାନ ସୁଦ୍ଧା ସେଠାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ କେନ୍ଦୁଝର ଜିଲ୍ଲାର ୧୪୦ ଜଣଙ୍କ ଅଯୋଧ୍ୟା ଓ ବାରଣାସୀ ଯାତ୍ରା

**କେନ୍ଦୁଝର, ନ୍ୟୁଜ୍**



ଗୁରୁବାର କେନ୍ଦୁଝର ଜିଲ୍ଲାର ୧୪୦ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଜରିଆରେ ଅଯୋଧ୍ୟା ଓ ବାରାଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ତୀର୍ଥଯାତ୍ରୀଙ୍କୁ ନେଇ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ସ୍ୱତନ୍ତ୍ର ବସ୍‌କୁ ଜିଲ୍ଲାପାଳ ବିଶାଲ ସିଂହ ସବୁଜ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂହ ତୀର୍ଥଯାତ୍ରୀମାନଙ୍କ ସହ ଭାବ ବିନିମୟ କରି ସଫଳ ଯାତ୍ରା କାମନା କରି ଶୁଭେଚ୍ଛା ଜଣାଇଥିଲେ। ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖିବା ସହ ସମସ୍ତ ସୁବିଧା ଉପଲବ୍ଧ କରାଇ ସେମାନଙ୍କୁ ଏକ ସୁନ୍ଦର ଏବଂ ଆଧ୍ୟାତ୍ମିକ ଅନୁଭୂତି ପ୍ରଦାନ କରିବା ନିମନ୍ତେ ଅନୁରକ୍ଷଣ ଅଧିକାରୀ (ଏସକର୍ଟ ଅଫିସର) ମାନଙ୍କୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର ପ୍ରଧାନ ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଏହି ସ୍ୱତନ୍ତ୍ର ବସଟି ବାଲେଶ୍ୱରରେ ପହଞ୍ଚିବା ପରେ ଅନ୍ୟ କିଛି ଜିଲ୍ଲାରୁ ଆସିଥିବା ତୀର୍ଥ ଯାତ୍ରୀଙ୍କୁ ଏକାଠି ନେଇ ଶୁକ୍ରବାର ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେଁ ନିଜର ଯାତ୍ରା ଆରମ୍ଭ କରିଛି।

# ସଂଯୋଗୀକରଣ ରାସ୍ତା ନିର୍ମାଣ ନେଇ କିଷାନ ସଂଘର ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ କିଷାନ ସଂଘ ଓଡ଼ିଶା କେନ୍ଦ୍ରାପଡ଼ା ଶାଖା ତରଫରୁ ଚଣ୍ଡିଖୋଲ-ପାରାଦ୍ୱୀପ ରାସ୍ତାର କାନପୁର ଗୋଜବାୟାଣୀ ଛକଠାରେ ପିୟୁପି ନିର୍ମାଣ ଓ କାନପୁର ଠାରୁ ଶିଳିପୁର ଛକ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ସଂଘର ସଭାପତି ଶୁସାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ସଂପାଦକ ଶରତ ଚନ୍ଦ୍ର ଦାସ, ତ୍ରୈଲୋକ୍ୟନାଥ ବେହେରା, ନୃସିଂହ ଚରଣ ବେହେରା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକଙ୍କୁ ଭେଟି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦୁମୁକା ଦଶିପୁର ପଞ୍ଚାୟତର ଲୋକମାନେ ଚାଷୀ ଉପରେ ନିର୍ଭର କରୁଛନ୍ତି। ବର୍ତ୍ତମାନ ଜାତୀୟ ରାଜପଥ ପ୍ରଶକ୍ତିକରଣ ହେଉଥିବାରୁ ରାସ୍ତାର ଉଭୟ ପାର୍ଶ୍ୱ ୮ ଲେନ ବିଶିଷ୍ଟ ହେବ। ଏଣୁ ଗୋଜବାୟାଣୀ ଛକ ଠାରେ ଏକ ପିୟୁପି ପବ୍ଲିକ ଅଣ୍ଡର ପାସ୍ (ଗଳାବାଟ) ନିର୍ମାଣ କରିବା ସହିତ ଏବଂ ଶିଳିପୁର ଛକ ପର୍ଯ୍ୟନ୍ତ ଏକ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବା ପାଇଁ ସଂଘ ତରଫରୁ ଦାବି କରାଯାଇଛି। ଏହି ୨ଟି ପଞ୍ଚାୟତରେ ପିୟୁପି ନିର୍ମାଣ କରାଗଲେ ୮୦ ପ୍ରତିଶତ ଚାଷୀ ଖରିଫ, ରବି ଫସଲ ଚାଷ ଏବଂ ଫସଲ ଅମଳ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ। ଏହି ଦାବିପତ୍ର ପ୍ରଦାନ ସମୟରେ ଆଲୋକ ସ୍ୱାଇଁ, ଗୋପୀନାଥ ବେଉରା, ବିଜୟ କୁମାର ଦାସ, ବାସୁଦେବ ବେଉରା, ଚୈତନ୍ୟ ଚରଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



# କୋରାପୁଟ ଜିଲ୍ଲା ପାଇବ ପ୍ରଧାନମନ୍ତ୍ରୀ ଏକ୍ସଲେନ୍ସ ପୁରସ୍କାର

**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**



ନନ୍ଦପୁର କୋରାପୁଟ ଜିଲ୍ଲା ପାଇବ ପ୍ରଧାନମନ୍ତ୍ରୀ ଏକ୍ସଲେନ୍ସ ପୁରସ୍କାର। ଆସନ୍ତା ୨୧ ତାରିଖ ଦିନ ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ପ୍ରଧାନମନ୍ତ୍ରୀଙ୍କ ଠାରୁ କୋରାପୁଟ ଜିଲ୍ଲାପାଳ ପୁରସ୍କାର ଗ୍ରହଣ କରିବେ। ଡିଏଆରପିଜି ଦ୍ୱାରା ଆୟୋଜିତ ଉତ୍ସବରେ ପାଇବେ ପୁରସ୍କାର ପ୍ରାଶାସନିକ ସଂସ୍କାର, ସୁଶାସନ ଓ ଯୋଜନାର ସଠିକ୍ କାର୍ଯ୍ୟକାରିତା ପାଇଁ ସମସ୍ତ ମାନଦଣ୍ଡକୁ ପୂରଣ କରିଥିବାରୁ କୋରାପୁଟ ଜିଲ୍ଲା ସର୍ବଭାରତୀୟ ସ୍ତରରେ ସମ୍ମାନିତ ପାଇଁ ଚୟନ ହୋଇଛି। ଗତ ୧୮ ମାସ ମଧ୍ୟରେ ଜିଲ୍ଲାରେ ୧୧ଟି ଯୋଜନାର ସଫଳ କାର୍ଯ୍ୟକାରିତା କରିଥିବାରୁ ସାଧାରଣ ଲୋକଙ୍କ ମତାମତକୁ ନେଇ ପୁରସ୍କୃତ ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଭାରତ ବର୍ଷର ୭୧୦ଟି ଜିଲ୍ଲା ଏହି ପୁରସ୍କାର ପାଇଁ ଆବେଦନ କରିଥିବା ବେଳେ ଚୟନ କମିଟିର ୬ଟି ପର୍ଯ୍ୟାୟରେ ଅନୁଧ୍ୟାନ କରିବା ପରେ ୫ଟି ଜିଲ୍ଲା ପୁରସ୍କୃତ ହେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାର କୋରାପୁଟ ଜିଲ୍ଲା ମନୋନୀତ ହୋଇଛି। ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ କୋରାପୁଟ ଜିଲ୍ଲା ଏଭଳି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିଛି। ଏଥିପାଇଁ କୋରାପୁଟ ଜିଲ୍ଲାପାଳ ଜିଲ୍ଲାର ଅଧିକାରୀ ଓ କର୍ମଚାରୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ଉଲ୍ଲେଖନୀୟ ଉନ୍ନୟନ କାର୍ଯ୍ୟ ଓ ଯୋଜନାର ସଫଳ ରୂପାୟନ ପାଇଁ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନଙ୍କୁ ମିଳିବ ପ୍ରଧାନମନ୍ତ୍ରୀ ଏକ୍ସଲେନ୍ସ-୨୦୨୫ ପୁରସ୍କାର। ୨୦୨୪ ମସିହାର ସାଧାରଣ ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି କୋରାପୁଟ ଜିଲ୍ଲାପାଳ। 'ଜିଲ୍ଲାଗୁଡ଼ିକର ସମଷ୍ଟିଗତ ବିକାଶ' ବର୍ଗରେ ଏହାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱୀକୃତି ମିଳିଛି। ସର୍ବଭାରତୀୟ ପୁରସ୍କାର ପାଉଥିବାରୁ ଜିଲ୍ଲାର ଲୋକପ୍ରତିନିଧି, ବୁଦ୍ଧିଜୀବୀ, ଜିଲ୍ଲାପାଳ ଭି. କୀର୍ତ୍ତି ୱାସନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଯୋଗ୍ୟ, ଆସନ୍ତା ୨୧ତାରିଖ ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ସିଭିଲ ସର୍ଭିସେସ୍ ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜିଲ୍ଲାପାଳଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ଭାରତର ପ୍ରଧାନମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିବେ।

# ନଗଡ଼ା ଜନଜାତି ଛାତ୍ରଛାତ୍ରୀଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲା ପ୍ରଶାସନ, ଯାଜପୁରଙ୍କ ତରଫରୁ ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ାର ଅନୁନ୍ନତ ଜନଜାତି (ବିରହୋର ଓ ଜୁଆଙ୍ଗ ସମ୍ପ୍ରଦାୟର) ଅଧିବାସୀ ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲାର କିଛି ବରିଷ୍ଠ ଅଧିକାରୀଙ୍କ ସହାୟତାରେ ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱର ପରିଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ, ଅଧକ୍ଷ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ସ୍ୱତନ୍ତ୍ର ଅଧିକାରୀ ବିରହୋର ଓ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଇତ୍ୟାଦିଙ୍କ ଉପସ୍ଥିତିରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏକ ବସ୍ ଯୋଗେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ନଗଡ଼ାର ଅନୁନ୍ନତ ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱର ଆଭିମୁଖ୍ୟ ଯାତ୍ରା କରିଥିଲେ। ଏହି ବିଶ୍ୱ ଦକ୍ଷତା କେନ୍ଦ୍ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିଦର୍ଶନର ମୁଖ୍ୟ ଉଦେଶ୍ୟ ହେଲା ନଗଡା ସ୍ଥିତ ଅନୁନ୍ନତ ଜନଜାତି ବର୍ଗର ଛାତ୍ର ଛାତ୍ରୀମାନଙ୍କ ଜୀବନ ଶୈଳୀରେ ଉନ୍ନତି ପାଇଁ ଦକ୍ଷତା ବିକାଶ ସମ୍ବନ୍ଧୀୟ ସଚେତନ କରିବା ସହିତ ବୈଷୟିକ ଶିକ୍ଷା ପ୍ରତି ସେମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା। ତତ୍‌ସହିତ ସମ୍ପ୍ରତି ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ଏବଂ ଦୀର୍ଘ ଅବଧିର ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରି ରୋଜଗାର କ୍ଷମ କରାଇବା। ଏହି ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାୟକ, ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତୀ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ ରାକେଶ କୁମାର ନାୟକ ପରିଚାଳନା କରିଥିଲେ।

# ରେଳ ଭିତ୍ତିଭୂମି ବିକାଶ ଯୋଜନାରୁ ଖଲ୍ଲିକୋଟ ରେଳଷ୍ଟେସନ ବଞ୍ଚିତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ରେଳ ଭିତ୍ତିଭୂମି ବିକାଶ ଦିଗରେ କେନ୍ଦ୍ର ସରକାର ଓଡ଼ିଶାକୁ ଫୋକସ୍ କରିଛନ୍ତି। ଓଡ଼ିଶା ବିଭିନ୍ନ ଜିଲ୍ଲାର ରେଳ ଷ୍ଟେସନକୁ ଅମୃତ ଭାରତ ଯୋଜନାରେ ସାମିଲ କରି ନବୀକରଣ କାମ ଚାଲିଛି। ନିକଟରେ ରାଜ୍ୟର ୬ଟି ରେଳ ଷ୍ଟେସନର ନବୀକରଣ ପାଇଁ ୧୩୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର ଓ ଛତ୍ରପୁର ରେଳେ ଷ୍ଟେସନକୁ ପୂର୍ବରୁ ଏହି ଯୋଜନାରେ ସାମିଲ କରାଯାଇ କାମ ଜାରି ରହିଛି। ରାଜନୈତିକ ଦୃଷ୍ଟିକୋଣରୁ ଦେଖିଲେ ଏହି ଉଭୟ ଷ୍ଟେସନ୍ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅଧୀନରେ ରହିଛି। ଆସିକା ସଂସଦୀୟ କ୍ଷେତ୍ର ଅଧୀନରେ ରହିଥିବା ଏକମାତ୍ର ଖଲ୍ଲିକୋଟ ରେଳ ଷ୍ଟେସନ୍ ଏହି ଯୋଜନାରେ ସାମିଲ ହୋଇପାରିନାହିଁ। ଖଲ୍ଲିକୋଟ ସହରକୁ ଛାଡ଼ି ଦେଲେ ଏହି ସଂଦଦୀୟ କ୍ଷେତ୍ରର ଅନ୍ୟ ସ୍ଥାନକୁ ରେଳପଥ ସଂଯୋଗ ହୋଇପାରିନାହିଁ। ଏଣୁ ଆସିକା ସଂସଦୀୟ କ୍ଷେତ୍ର ରେଳ ଭିତ୍ତିଭୂମି ବିକାଶ ଦିଗରେ ବହୁ ପଛରେ ପଡ଼ି ଯାଇଛି ବୋଲି ଅନେକ ଦିନ ହେଲା ଅଭିଯୋଗ ହେଉଛି। ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର ଓ ଆସିକା ସଂସଦୀୟ କ୍ଷେତ୍ର ରହିଛି। ବିଭିନ୍ନ କ୍ଷେତ୍ରରେ ଆସିକା ସଂସଦୀୟ କ୍ଷେତ୍ର ଅବହେଳାର ଶିକାର ହୋଇ ଆସୁଛି। ବିଶେଷ କରି ରେଳସେବାରୁ ଏହା ବଞ୍ଚିତ ଏହି ସଂଦଦୀୟ କ୍ଷେତ୍ରର ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଧାୟକ ନବୀନ ପଟ୍ଟନାୟକଙ୍କ ବିଜେଡ଼ି ସରକାର ପ୍ରାୟ ୨୪ ବର୍ଷ ଧରି ଶାସନ କ୍ଷମତାରେ ରହିଥିଲା। ଅଥଚ ଏହି ଅଞ୍ଚଳକୁ ରେଳ ସଂଯୋଗ ହୋଇପାରିଲା ନାହିଁ। ଏବେ ବିଜେପି ନେତୃତ୍ୱାଧୀନ ଡବଲ୍ ଇଞ୍ଜିନ୍ ସରକାର କ୍ଷମତା ଦଖଲ କରିଛି। ଆସିକାରେ ମଧ୍ୟ ବିଜେପି ସାଂସଦ ରହିଛନ୍ତି। ଏଣୁ ଆସିକା ସଂସଦୀୟ କ୍ଷେତ୍ରରେ ରେଳ ଭିତ୍ତିଭୂମି ବିକାଶ ଆଗେଇବ ବୋଲି ଆଶା କରାଯାଉଛି। କିନ୍ତୁ ଏ ପର୍ଯ୍ୟନ୍ତ ସେଭଳି ଆଖି ଦୃଶିଆ ପଦକ୍ଷେପ ନିଆଯାଇ ପାରିନାହିଁ। ଏହି ସଂସଦୀୟ କ୍ଷେତ୍ରର ଏକ ମାତ୍ର ଖଲ୍ଲିକୋଟ ଷ୍ଟେସନରେ ଖଲ୍ଲିକୋଟ, କବିସୂର୍ଯ୍ୟନଗର, ପୋଲସରା, ବେଗୁନିଆପଡ଼ା, କୋଦଳା, ପୁରୁଷୋତ୍ତମପୁର ପ୍ରଭୃତି ଅଞ୍ଚଳବାସୀ ନିର୍ଭର କରନ୍ତି। କିନ୍ତୁ ଖଲ୍ଲିକୋଟ ଷ୍ଟେସନ୍‌ରେ ହାତଗଣତି ଏକ୍ସପ୍ରେସ୍ ଟ୍ରେନ୍ ରହୁଛି। ଏଠାରେ ଆବଶ୍ୟକ ଅନୁସାରେ ଯାତ୍ରୀ ସୁବିଧା ମଧ୍ୟ ନାହିଁ। ସେହିପରି ଆସିକା ସଂସଦୀୟ କ୍ଷେତ୍ର ଦେଇ ଯିବାକୁ ଥିବା ବହୁ ପ୍ରତୀକ୍ଷିତ ଗୋପାଳପୁର-ସମ୍ବଲପୁର ରେଳପଥ କାମ ବିଳମ୍ବ ହୋଇଚାଲିଛି। ଏହି ପ୍ରକଳ୍ପ କେବେ ପୂରଣ ହେବ ତାହା ସ୍ପଷ୍ଟ ହୋଇପାରୁନାହିଁ। ପ୍ରକଳ୍ପ ପାଇଁ ଫାଇନାଲ୍ ଲୋକେସନ୍ ସର୍ଭେ ମଧ୍ୟ ସରିଛି। କିନ୍ତୁ ଫୁଲବାଣୀ ସହରକୁ ଏଥିରୁ ବାଦ୍ ଦେବାରୁ ସ୍ଥାନୀୟ ଲୋକଙ୍କ ପ୍ରତିବାଦ ସ୍ୱର ଉଠିଥିଲା। ରେଳମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ପୁଣିଥରେ ଫୁଲବାଣୀ ସହରକୁ ଏଥିରେ ସାମିଲ କରାଯାଇ ଡିପିଆର୍ ଚୂଡ଼ାନ୍ତ ହେବା ପରେ କାମ ଆରମ୍ଭ ହେବ ବୋଲି କୁହାଯାଇଛି।



# ଅପହୃତା ନାବାଳିକା ଭୁବନେଶ୍ୱରରୁ ଉଦ୍ଧାର

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଞ୍ଚଳରୁ ଅପହୃତ କରାଯାଇଥିବା ଜଣେ ନାବାଳିକାଙ୍କୁ ପାଟପୁର ପୋଲିସ ଭୁବନେଶ୍ୱରସ୍ଥିତ ଏକ ଘରୁ ଉଦ୍ଧାର କରିଛି । ନାବାଳିକାଙ୍କୁ ଅପହରଣ ଘଟଣାରେ ସମ୍ପୃକ୍ତ କାହ୍ନା ବାରିକଙ୍କୁ ପୋଲିସ ଗିରଫ କରି ବ୍ରହ୍ମପୁରସ୍ଥିତ ପୋକ୍ସକୋର୍ଟକୁ ଚାଲାଣ କରଛି । ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଗତ ବୁଧବାର ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ମା' ପାଟପୁର ଥାନାରେ ଏତଲା ଦେବାପରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ମକଦ୍ଦମା ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଟିମ୍ ସଦସ୍ୟ ପାଟପୁର ଥାନା ଏଏସଆଇ ସୁଧୀର କୁମାର ନାୟକ,ଶିବଶଙ୍କର ତ୍ରିପାଠୀ ସଦଳବଳେ ଭୁବନେଶ୍ୱରସ୍ଥିତ ଏକ ଘରୁ ଅଭିଯୁକ୍ତ ଏବଂ ନାବାଳିକାଙ୍କୁ ଉଦ୍ଧାର କରି ପାଟପୁର ଥାନାକୁ ନେଇଥିଲେ। ପରେ ବ୍ରହ୍ମପୁର ବଡ଼ ଡାକ୍ତର ଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ନାବାଳିକାଙ୍କୁ ତାଙ୍କ ମାଆଙ୍କୁ ଜିମା ଦିଆଯାଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

# ଅଗ୍ନିକାଣ୍ଡରେ ଜଳିଗଲା ୧୧ ବଖରା ଘର

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍‌ର ଡାକିବଜା ଗ୍ରାମରେ ଗତରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୧୧ ବଖରା ଘର ପୋଡି ଭସ୍ମୀଭୂତ ହେବା ସହ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ଖାଦ୍ୟଶସ୍ୟ ଲୁଗା ପୋଡିଯାଇଛି । ଧରାକୋଟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଧରାକୋଟ ତହସିଲଦାର, ଅତିରିକ୍ତ ତହସିଲଦାର ଓ ବିଡିଓ ବିପନ୍ନଙ୍କ ପାଖରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ସରକାରୀ ସହାୟତା ପ୍ରଦାନ ବ୍ୟବସ୍ଥା କରୁଥିବା ଜଣାପଡିଛି । ତେବେ ଅଗ୍ନିବିପନ୍ନ ପରିବାର ଲୋକେ ଏବେ ଖୋଲା ଆକାଶ ତଳେ ଜୀବନ ବିତାଉଥିବା ଜଣାପଡ଼ିଛି ।

# ୨ ଘଣ୍ଟାରେ ରିଷିକେଶରୁ କର୍ଣ୍ଣପ୍ରୟାଗ ମଧ୍ୟରେ ଯାତ୍ରା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

'ପ୍ରଥମ ଥର ପାଇଁ ପାହାଡ଼ି ଅଞ୍ଚଳରେ ଏହି ପ୍ରକଳ୍ପରେ ଟିବିଏମ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ୯.୧୧ ମିଟର ବ୍ୟାସ ବିଶିଷ୍ଟ ସିଙ୍ଗଲ୍-ସିଲ୍ଡ ପଥର ଦ୍ୱାରା କାର୍ଯ୍ୟକାରୀ କରାଯାଇ ଉଭୟ ଗତି ଏବଂ ସଠିକତା ପାଇଁ ଭାରତର ନିର୍ମାଣ କ୍ଷେତ୍ରରେ ଏକ ନୂତନ ଉଦାହରଣ ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ଯୋଗ ସହର ରଷିକେଶରୁ ତପୋ ସହର କର୍ଣ୍ଣପ୍ରୟାଗ ଯାତ୍ରା ଏବେ ମାତ୍ର ଦୁଇ ଘଣ୍ଟାରେ ସମାପ୍ତ ହେବାକୁ ଯାଉଛି। ଦେବଭୂମିରେ 'ଶିବ' ଏବଂ 'ଶକ୍ତି'ଙ୍କ ଆଶୀର୍ବାଦରେ ଭାରତୀୟ ରେଳବାଇ ଦେଶର ସବୁଠାରୁ ଦୀର୍ଘ ରେଳ ସୁଡ଼ଙ୍ଗ ନିର୍ମାଣରେ ଏକ ସଫଳ ସଫଳତା ହାସଲ କରିଛି। ୧୨୫ କିଲୋମିଟରରୁ ଅଧିକ ଲମ୍ବ ରଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଉତ୍ତରାଖଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ, ତୀର୍ଥସ୍ଥଳ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱକୁ ପୁନଃପରିଭାଷିତ କରିବାକୁ ଯାଉଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଯମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଦର୍ଶନ ପାଇଁ ତୀର୍ଥଯାତ୍ରାରେ ଯାଆନ୍ତି। କିନ୍ତୁ ଭୌଗୋଳିକ ଗଠନ ଏବଂ ସୀମିତ ସଂଯୋଗୀକରଣ ସର୍ବଦା ଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ଚ୍ୟାଲେଞ୍ଜ ଗୁଡ଼ିକୁ ଦୂର କରିବା ଏବଂ ଉତ୍ତରାଖଣ୍ଡର ଦୁର୍ଗମ ଅଞ୍ଚଳଗୁଡ଼ିକୁ ରେଳ ନେଟୱାର୍କ ସହିତ ସଂଯୋଗ କରିବା ପାଇଁ ଭାରତୀୟ ରେଳବାଇ ରଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଆରମ୍ଭ କରିଥିଲା। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସହିତ, କୋଟି କୋଟି ଭକ୍ତଙ୍କ ଚାରିଧାମ ଦର୍ଶନ କରିବାର ଇଚ୍ଛା ପୂରଣ ହେବ।

ରଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ହିମାଳୟର ଏକ କଷ୍ଟକର ଏବଂ ଭୌଗୋଳିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ (ଭୂମିକମ୍ପ ଜୋନ୍ ୦୪)ରେ ନିର୍ମାଣ କରାଯାଉଛି। ଏହି ରେଳ ଲାଇନରେ ଦେଶର ସବୁଠାରୁ ଦୀର୍ଘତମ ୧୪.୫୭୭ କିଲୋମିଟର (୪୭୮୨୫ ଫୁଟ) ରେଳ ସୁଡ଼ଙ୍ଗ ଅନ୍ତର୍ଭୁକ୍ତ ଯାହା ଦେବପ୍ରୟାଗ ଏବଂ ଜନସୁ ମଧ୍ୟରେ ନିର୍ମାଣ କରାଯାଉଛି। ୧୬ ଏପ୍ରିଲ୍ ୨୦୨୫ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ୧୪.୫୮ କିଲୋମିଟର ଲମ୍ବା ସୁଡ଼ଙ୍ଗ ଟି-୮ର ଖନନ କାର୍ଯ୍ୟ ଉଦ୍‌ଘାଟନ କରିଥିଲେ ଯାହା ଦେଶର ସବୁଠାରୁ ଲମ୍ବା ରେଳ ସୁଡ଼ଙ୍ଗ। ଏହା ସହିତ, ଯୋଜନାବଦ୍ଧ ୩୮ଟି ସୁଡ଼ଙ୍ଗ ଖନନ କାର୍ଯ୍ୟ ମଧ୍ୟରୁ ୨୮ଟି ସମାପ୍ତ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ୨୦୨୬ ଶେଷ ସୁଦ୍ଧା ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ୨୦୨୭ ମଧ୍ୟଭାଗ



ସୁଦ୍ଧା ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଆଶା କରାଯାଉଛି।

ଏହି ପ୍ରକଳ୍ପରେ ଟନେଲ୍ ବୋରିଂ ମେସିନ୍ (ଟିବିଏମ୍) ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି ଯାହା ସୁଡ଼ଙ୍ଗ ନିର୍ମାଣରେ ଅଭୂତପୂର୍ବ ପ୍ରଗତି ହାସଲ କରିଛି। ଅଗଷ୍ଟ ୨୦୨୪ରେ, 'ଶିବ' ଏବଂ 'ଶକ୍ତି' ଟନେଲ୍ ବୋରିଂ ମେସିନ୍ ଗୋଟିଏ ମାସରେ ୧୦୮୦.୧୧ ରନିଂ ମିଟର ଟନେଲ୍ ଖୋଳି ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲା। ଏହି ପ୍ରକଳ୍ପରେ ରେଳ ସେତୁ ନମ୍ବର ୮ ହେଉଛି ଇଞ୍ଜିନିୟରିଂର ଆଉ ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ।

ଯୋଗ ସହିତ ତପର ସଂଯୋଗ : ରଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ହେଉଛି ଏକ ୧୨୫.୨ କିଲୋମିଟର ଲମ୍ବା ବ୍ରଡ୍ ଗେଜ୍ ରେଳ ଲାଇନ ଯାହା ଯୋଗ ନଗରୀ ରଷିକେଶକୁ କର୍ଣ୍ଣପ୍ରୟାଗ ସହିତ ସଂଯୋଗ କରିବ। ଏହି ପ୍ରକଳ୍ପ ଭାରତୀୟ ରେଳବାଇର ଚାରିଧାମ ରେଳ ପ୍ରକଳ୍ପର ଏକ ଅଂଶ, ଯାହାର ଲକ୍ଷ୍ୟ ଉତ୍ତରାଖଣ୍ଡର ଚାରୋଟି ପବିତ୍ର ତୀର୍ଥସ୍ଥଳକୁ ରେଳ ନେଟୱାର୍କ ଦ୍ୱାରା ସଂଯୋଗ କରିବା। ଏହି ରେଳ ଲାଇନର ମୋଟ ମୂଲ୍ୟ ୧୬ ହଜାର କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏହି ପ୍ରକଳ୍ପର ସବୁଠାରୁ ବିଶେଷ କଥା ହେଉଛି ଏହାର ୮୩ ପ୍ରତିଶତ ସୁଡ଼ଙ୍ଗ ଦେଇ ଯିବ ଯେଉଁଥିରେ ୧୭ଟି ମୁଖ୍ୟ ସୁଡ଼ଙ୍ଗ ଏବଂ ୧୨ଟି ଏସ୍କେପ୍ ସୁଡ଼ଙ୍ଗ ଅନ୍ତର୍ଭୁକ୍ତ। ଏହାର ମୋଟ ଲମ୍ବ ୨୧୩ କିଲୋମିଟର ଯାହା ମଧ୍ୟରୁ ୧୯୩ କିଲୋମିଟରର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି।

ଏହି ରେଳ ମାର୍ଗ ୫ଟି ଜିଲ୍ଲାକୁ ସଂଯୋଗ କରିବ : ରଷିକେଶରୁ କର୍ଣ୍ଣପ୍ରୟାଗକୁ ସଡ଼କ ପଥରେ ୬-୭ ଘଣ୍ଟା ସମୟ ଲାଗେ ଯାହା ପାଗ ଏବଂ ଭୂସ୍ଖଳନ ଯୋଗୁଁ ଆହୁରି ବଢ଼ିପାରେ। ଚାରଧାମ ରେଳ ପ୍ରକଳ୍ପ ଅଧୀନରେ ନିର୍ମିତ ରଷିକେଶ-କର୍ଣ୍ଣପ୍ରୟାଗ ରେଳ ଲାଇନ ଏହି ଦୂରତାକୁ ପ୍ରାୟ ଦୁଇ ଘଣ୍ଟାରେ ଅତିକ୍ରମ କରିବ। ଏହା ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ଯାତ୍ରାକୁ ଦ୍ରୁତ, ସୁରକ୍ଷିତ ଏବଂ ସୁବିଧାଜନକ କରିବ। ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା, ତୁଷାରପାତ ଏବଂ ଭୂସ୍ଖଳନ ଯୋଗୁଁ ପ୍ରାୟତଃ ରାସ୍ତା ଅବରୋଧ ହୋଇଯାଏ। ଏହା ମୌସୁମୀ ଏବଂ ଶୀତ ଋତୁରେ ପ୍ରାୟତଃ ଘଟେ। ପ୍ରକଳ୍ପର ୮୩ ପ୍ରତିଶତ ସୁଡ଼ଙ୍ଗ ମଧ ଦେଇ ଗତି କରୁଛି ଯାହା ଏହାକୁ ପାଣିପାଗ ପ୍ରତିରୋଧୀ ରଖିବ ଏବଂ ସୁଗମ ସଂଯୋଗୀକରଣ ସୁନିଶ୍ଚିତ କରିବ, ଯାହା ଦ୍ୱାରା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକମାନେ ବର୍ଷସାରା ଚାରିଧାମ ପରିଦର୍ଶନ କରିପାରିବେ। ଏହି ପ୍ରକଳ୍ପ ଉତ୍ତରପ୍ରଦେଶର ପାଞ୍ଚଟି ପ୍ରମୁଖ ଜିଲ୍ଲା - ଡେରାଡୁନ, ତେହେରୀ ଗରୱାଲ୍, ତିହଡ଼ି ଗରୱାଲ୍, ରୁଦ୍ରପ୍ରୟାଗ ଏବଂ ଚାମୋଲିକୁ ରେଳ ନେଟୱାର୍କ ସହିତ ସଂଯୋଗ କରିବ। ଯୋଗ ସହର ରଷିକେଶ, ମୁନି କି ରେଟି, ଦେବପ୍ରୟାଗ, ଶ୍ରୀନଗର, ରୁଦ୍ରପ୍ରାୟାଗ, ଗୌଚର ଏବଂ କର୍ଣ୍ଣପ୍ରୟାଗ ଭଳି ସହର ଏବଂ ଛୋଟ ବଡ଼ ବଜାର ରେଳ ଦ୍ୱାରା ସଂଯୋଗ ହେବ। ଏହା ଦ୍ୱାରା ଦୁର୍ଗମ ପାହାଡ଼ି ଅଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିଯୁକ୍ତି ଏବଂ ବଜାର ଚାହିଦା ସହଜରେ ପାଇପାରିବେ। ଚାରଧାମ ରେଳ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥକୁ ରେଳ ନେଟୱାର୍କ ସହିତ ସଂଯୋଗ କରିବା।

ଆର୍ଥିକ ଏବଂ ସାମାଜିକ ଲାଭ : ରଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଉତ୍ତରାଖଣ୍ଡରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାକୁ ଯାଉଛି। ଚାରିଧାମ ଯାତ୍ରା ବ୍ୟତୀତ, ଉତ୍ତରାଖଣ୍ଡର ରଷିକେଶ, ହରିଦ୍ୱାର ଏବଂ ଆଉଲି ଭଳି ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀରେ ପହଞ୍ଚିବା ସହଜ ହୋଇଯିବ। ଏହା ସ୍ଥାନୀୟ ବାଣିଜ୍ୟ, ହୋଟେଲ ଶିଳ୍ପ ଏବଂ ପରିବହନ ସେବାକୁ ପ୍ରୋତ୍ସାହିତ କରିବ ଏବଂ ଉତ୍ତରାଖଣ୍ଡର ଦୁର୍ଗମ ଅଞ୍ଚଳରେ ନୂତନ ବ୍ୟବସାୟ କେନ୍ଦ୍ରର ବିକାଶକୁ ପ୍ରୋତ୍ସାହିତ କରିବ। ଦେବପ୍ରୟାଗ, ଶ୍ରୀନଗର, ରୁଦ୍ରପ୍ରୟାଗ ଏବଂ ଗୌଚର ଭଳି ସହରରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ଯାହା ଫଳରେ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# 'ଲୋକୋ ପାଇଲଟମାନଙ୍କୁ ଉତ୍କୃଷ୍ଟ ସୁବିଧା ଯୋଗାଇ ଦିଆଯାଉଛି'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଲୋକୋ ପାଇଲଟ୍ ଭାରତୀୟ ରେଳ ପରିବାରର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଅଟନ୍ତି। ସେମାନଙ୍କର କାର୍ଯ୍ୟ ପରିସ୍ଥିତିକୁ ଉନ୍ନତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ, ଲୋକୋ ପାଇଲଟମାନଙ୍କର ସମସ୍ତ ରନିଙ୍ଗ ରୁମ୍‌କୁ ଏୟାର କଣ୍ଡିସନିଂ କରାଯିବା ସହ ଭଲ ଭାବରେ ସଜ୍ଜିତ କରାଯାଇଛି। ୨୦୧୪ ପୂର୍ବରୁ, ଦେଶରେ ଗୋଟିଏ ବି ରନିଙ୍ଗ ରୁମ ଏୟାରକଣ୍ଡିସନ୍ ନଥିଲା।

ଗତ ୧୦ ବର୍ଷ ମଧ୍ୟରେ ଅଧାରୁ ଅଧିକ ଲୋକୋ କ୍ୟାବିନଗୁଡ଼ିକୁ ଏରଗୋନୋମିକ୍ ସିଟ୍, ଏୟାର କଣ୍ଡିସନିଂ ଏବଂ ଅନ୍ୟାନ୍ୟ ଉନ୍ନତି ସହିତ ଉନ୍ନତ କରାଯାଇଛି। ୨୦୧୪ ପୂର୍ବରୁ, ଗୋଟିଏ ମଧ୍ୟ ଲୋକୋ କ୍ୟାବିନ ଏୟାରକଣ୍ଡିସନିଂ ନଥିଲା। ସମସ୍ତ ନୂତନ ଲୋକୋମୋଟିଭରେ ଶୌଚାଳୟ ସ୍ଥାପନ କରାଯାଉଛି। ଏହା ୨୦୧୪ ପୂର୍ବରୁ ନିର୍ମାଣ ଯୋଜନାର ଅଂଶ ମଧ୍ୟ ନଥିଲା। ପୁରୁଣା ଲୋକୋମୋଟିଭ୍‌ଗୁଡ଼ିକୁ



ଶୌଚାଳୟ ସହିତ ପୁନଃନିର୍ମାଣ କରାଯାଉଛି। ଏଥିପାଇଁ ଡିଜାଇନ୍ ପରିବର୍ତ୍ତନ ମଧ୍ୟ କରାଯାଉଛି।

ଅଧିକ ଟ୍ରାଫିକ୍ ଥିବା ରୁଟ୍‌ଗୁଡ଼ିକରେ ନୂତନ ରନିଙ୍ଗ ରୁମ୍ ନିର୍ମାଣ କରାଯାଉଛି। ଏହି ପ୍ରୟାସଗୁଡ଼ିକ ଲୋକୋ ପାଇଲଟମାନଙ୍କ କାର୍ଯ୍ୟ ସମୟକୁ ଯଥେଷ୍ଟ ହ୍ରାସ କରିଛି। କୁହୁଡ଼ିରେ ସୁରକ୍ଷା ପାଇଁ କୁହୁଡ଼ି-ସୁରକ୍ଷା ଉପକରଣ, ସିଲ୍ଡ, ଡ୍ରାଇଭର ଆଲର୍ଟ ସିଷ୍ଟମ ଏବଂ ଉନ୍ନତ ବ୍ରେକିଂ ସିଷ୍ଟମ ଭଳି ପ୍ରଯୁକ୍ତିବିଦ୍ୟା ରେଳ ସୁରକ୍ଷାକୁ ଉନ୍ନତ କରିଛି ଏବଂ ଲୋକୋ ପାଇଲଟମାନଙ୍କୁ ମଧ୍ୟ ବହୁତ ସୁବିଧା ପ୍ରଦାନ କରିଛି। ଲୋକୋ କେବିନ ଗୁଡିକରେ ଉନ୍ନତ ସୁବିଧା, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ପର୍ଯ୍ୟାପ୍ତ ବିଶ୍ରାମ ସମୟ ଲୋକୋ ପାଇଲଟମାନଙ୍କ କାର୍ଯ୍ୟ ପରିବେଶକୁ ନିରନ୍ତର ଉନ୍ନତ କରିଛି।

ମାଲବାହୀ ଟ୍ରେନ୍, ଉପନଗରୀୟ ଟ୍ରେନ୍ ଏବଂ ଯାତ୍ରୀବାହୀ ଏବଂ ମେଲ୍ ଏକ୍ସପ୍ରେସ୍ ଟ୍ରେନ୍ ଚଲାଉଥିବା ଲୋକୋ ପାଇଲଟ୍‌ମାନଙ୍କ ପାଇଁ ଶୌଚାଳୟ ବିରତି ଏବଂ ଖାଦ୍ୟର ବ୍ୟବସ୍ଥା ଅଛି। ମାଲବାହୀ ଟ୍ରେନ୍‌ଗୁଡିକ ଅନେକ ଷ୍ଟେସନ ଏବଂ ୟାର୍ଡରେ ଅଟକିଥାଏ। ଏହି ଷ୍ଟେସନଗୁଡ଼ିକରେ କର୍ମଚାରୀମାନେ ଶୌଚାଳୟ ବ୍ୟବହାର କରିବା ପାଇଁ ପର୍ଯ୍ୟାପ୍ତ ସମୟ ଅଛି। ଏହି ସମୟକୁ ଜଳଖିଆ ପାଇଁ ମଧ ବ୍ୟବହାର କରାଯାଇପାରିବ। ଉପନଗରୀୟ ଏବଂ ମେଟ୍ରୋ ଟ୍ରେନଗୁଡ଼ିକ କମ୍ ଦୂରତା ପାଇଁ ଚଳାଚଳ କରନ୍ତି ଏବଂ ସେମାନଙ୍କର କର୍ମଚାରୀ ମାନେ ଟର୍ମିନାଲ ଷ୍ଟେସନ ଗୁଡ଼ିକରେ ଶୌଚାଳୟ ବ୍ୟବହାର କରନ୍ତି।

ଷ୍ଟେସନରେ ଟ୍ରେନ୍ ଅଟକି ରହିଥିବା ସମୟରେ ଯାତ୍ରୀବାହୀ ଟ୍ରେନ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ଟ୍ରେନ୍‌ର ଶୌଚାଳୟ ବ୍ୟବହାର କରନ୍ତି ଏବଂ ଏହି ସମୟକୁ ପାନୀୟ ପାଇଁ ମଧ୍ୟ ବ୍ୟବହାର କରନ୍ତି। ଷ୍ଟେସନ କର୍ମଚାରୀମାନେ ସର୍ବଦା ଲୋକୋ ପାଇଲଟମାନଙ୍କୁ ସମର୍ଥନ କରନ୍ତି। ଲୋକୋ ପାଇଲଟମାନଙ୍କୁ ୱାକି-ଟକିର ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି ଯାହା ମାଧ୍ୟମରେ ସେମାନେ ଷ୍ଟେସନ କର୍ମଚାରୀଙ୍କ ସହ ଯୋଗାଯୋଗରେ ରହିପାରିବେ ।

# ପୋଲିସ ଗୁଳିରେ ୨ ଦୁର୍ଦ୍ଦାନ୍ତ ଅପରାଧୀ ଗୁରୁତର : ଗୁଳିସହ ୨ ବନ୍ଧୁକ ଜବତ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

କଟକ କମିଶନରେଟ ପୋଲିସ ଏନ୍‌କାଉଣ୍ଟରରେ ୨ଜଣ ଦୁର୍ଦ୍ଦାନ୍ତ ଅପରାଧୀ ଆହତ ହୋଇଛନ୍ତି । ଚୌଦ୍ୱାର ଥାନା ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ଗ୍ରାମ ନିକଟ ୫୫ ନମ୍ବର ଜାତୀୟ ରାଜପଥ କଡ଼ରେ ଅପରାଧୀଙ୍କୁ ଏନକାଉଣ୍ଟର କରିଛି ସ୍ପେଶାଲ ସ୍କ୍ୱାର୍ଡ। ପୋଲିସ ଗୁଳିରେ ଉଭୟ ଅପରାଧୀଙ୍କ ଗୋଡ଼ରେ ଗୁଳିବାଜି ଆହତ ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡଡାକ୍ତରଖାନା ପଠାଯାଇଛି । ଏନ୍‌କାଉଣ୍ଟର ବେଳେ ୩ଜଣ ପୋଲିସ ମଧ୍ୟ ଆହତ ହୋଇଥିବା ପୋଲିସ୍ ସୂଚନା ଦେଇଛି । ଆହତ ୨ ଅଭିଯୁକ୍ତ ହେଲେ କଟକ ବୟାଳିଶମୌଜା କୁଳକଳପଡ଼ା ଗ୍ରାମାଞ୍ଚଳର ସୁଭ୍ରାଂଶୁ ପରିଡା ( ଜୁବୁଲା) ଓ ନନ୍ଦନକାନନ ଥାନା ବାଲିପଡ଼ା ଗ୍ରାମର ସଂଯୋଗ



ରାଉତ(କଟାସ) । ସୁଭ୍ରାଂଶୁ ନାମରେ କଟକ, ଭୁବନେଶ୍ୱର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପୋଲିସର ବିଭିନ୍ନ ଥାନାରେ ୪୯ଟି ଅପରାଧିକ ମାମଲା ଥିବା ବେଳେ ଅଭିଯୁକ୍ତ ସଂଯୋଗ ନାମରେ ୧୫ଟି ଅପରାଧିକ ମାମଲା ରହିଛି । ଉଭୟଙ୍କ ନାମରେ ବୋମା ମାଡ, ଡକାୟତି, ଚୋରି, ଛିନ୍‌ତାଇ, ହତ୍ୟା ଉଦ୍ୟମ, ଧମକ ଚମକ ଦେବା ଭଳି ସଂଗୀନ ମାମଲା ରହିଛି। ଚୌଦ୍ୱାର ଥାନା ଆଇଆଇସି ବିଶ୍ୱ ରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ ଉଭୟ ଅଭିଯୁକ୍ତ ଦୀର୍ଘଦିନ ହେବ ପୋଲିସ ସ୍କାନରରେ ରହିଥିଲେ। ଉଭୟ ଅଭିଯୁକ୍ତ ଚୌଦ୍ୱାର ଅଞ୍ଚଳରେ ବୁଲୁଥିବା ବିଶେଷ ସୂତ୍ରରୁ ଖବର ମିଳିବା ପରେ ପୋଲିସ ଉଭୟଙ୍କ ପିଛା କରୁଥିବା ବେଳେ ବାଇକ୍‌ରେ ଯାଉଥିବା ଉଭୟ ଅପରାଧୀ ଜାତୀୟ ରାଜପଥ ଛାଡି ଇନ୍ଦ୍ରାଣୀପାଟଣା ଗ୍ରାମ ଆଡ଼କୁ ଚାଲି ଯାଇଥିଲେ। ପୋଲିସ ସେମାନଙ୍କ ପିଛା କରିବାରୁ ସେମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ପରେ ପୋଲିସ ସେମାନଙ୍କ ଉପରକୁ ଗୁଳି ଚଳାଇ ଥିଲେ। ଗୋଡ଼ରେ ଗୁଳି ବାଜିବା ଫଳରେ ଉଭୟ ବାଇକ୍‌ରୁ ଖସିପଡି ଥିଲେ । ପୋଲିସ୍ ତୁରନ୍ତ ସେମାନଙ୍କୁ କାବୁ କରିନେଇଥିଲା। ସେମାନଙ୍କ ନିକଟରୁ ୨ଟି ୭.୫ମି.ମି ସେମି ଆଟୋମେଟିକ ଦେଶୀ ବନ୍ଧୁକ, ୨ଟି ଗୁଳି ଓ ଅଭିଯୁକ୍ତ ଚଳାଉଥିବା ମୋଟର ସାଇକେଲକୁ ଜବତ କରିଛି ପୋଲିସ । ସୂଚନାଯୋଗ୍ୟଯେ ଗତ ୭ ତାରିଖରେ ଯାଜପୁର ଜିଲ୍ଲା ବୈରୀ ଥାନା ବିଦ୍ୟାଧରପୁର ଗ୍ରାମର ଉଦୟ ନାୟକ ଚୌଦ୍ୱାର ଥାନାରେ ପହଞ୍ଚି ସେ ଏବଂ ତାଙ୍କ ପତ୍ନୀ ନୁଆପାଟଣା ସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଯାଉଥିବା ବେଳେ ତାଙ୍କ ପତ୍ନୀଙ୍କ ବେକରୁ ଏକ ମଙ୍ଗଳସୂତ୍ର ଛିନତାଇ ହୋଇଥିବା ଥାନାରେ ଅଭିଯୋଗ କରିଥିଲେ । ପୋଲିସ୍ ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅଧିକ ତଦନ୍ତ ଜାରି ରଖିଛି।

# ବିଭିନ୍ନ ଦାବି ନେଇ ଖଣିରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ବିକ୍ଷୋଭ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଓଡ଼ିଶା ଖଣି ନିଗମର ଜିଲିଂ ଲଙ୍ଗା ଲଟା ଖଣି କାର୍ଯ୍ୟାଳୟ ସମ୍ମୁଖରେ ଖଣିରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ବିଭିନ୍ନ ଦାବି ନେଇ ଶ୍ରମିକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭରେ ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା କେନ୍ଦୁଝର ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ୟୁନିୟନର ଉପ ସାଧାରଣ ସମ୍ପାଦକ କପିଳ ମହାନ୍ତି, ଉପ ସଭାପତି କାହ୍ନୁ ସାମଲ, ଶ୍ରୀହରି ଘଣା, ରାଜାରାମ ମୁଣ୍ଡା, ବଦ୍ଧୁ ଜାମା, ହୃଦାନନ୍ଦ ପାତ୍ର, ବିରଞ୍ଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ଖଗେଶ୍ୱର ମହନ୍ତ, ବାଗରା ଚାତାର ପ୍ରମୁଖ ନେତୃତ୍ୱ ନେଇ ନିଜ ନିଜର ବକ୍ତବ୍ୟ ରଖିବା ସହ ଆନ୍ଦୋଳନରେ ସାମିଲ ହୋଇଥିଲେ। ଦାବି ଗୁଡ଼ିକ ମଧ୍ୟରେ ଖଣି ନିଗମରେ କାର୍ଯ୍ୟରତ ସମସ୍ତ ଠିକାଦାର ଶ୍ରମିକମାନଙ୍କୁ ସେଲ୍ ଖଣି ଶ୍ରମିକ ଭଳି ପ୍ରତ୍ୟେକଙ୍କୁ ମାସିକ ୩୭୦୦ ଟଙ୍କା ହିସାବରେ ଆଲାୱାନ୍ସ ଦିଆଯିବା, ଦୀର୍ଘ ପଚାଶ ବର୍ଷରୁ ଅଧିକ ସମୟ ଧରି ପ୍ରଚଳିତ ବର୍ଷକୁ ୧୮ ଦିନର ସିକ୍ ଲିଭ୍, ୧୦ ଦିନର କାଜୁଆଲ ଲିଭ୍, ୧୫ ଦିନର ପ୍ରପସନେଟ୍ ଗ୍ରାଚ୍ୟୁୟିଟି ପୁନଃ ପ୍ରଚଳନ କରା ଯିବା, ସମସ୍ତ ଠିକାଦାର ମାନଙ୍କ ନିଯୁକ୍ତି ସର୍ବନିମ୍ନ ୨୦ ବର୍ଷ ପାଇଁ କରାଯିବା, ବିଭାଗୀୟ ଶ୍ରମିକମାନଙ୍କ ଭଳି ସମସ୍ତ ଠିକାଦାର ଶ୍ରମିକମାନଙ୍କୁ ୨୦ ଭାଗ ବୋନସ୍ ଓ ଗିଫ୍ଟ ପ୍ରଦାନ କରାଯିବା, ମାଇନ୍ସ ଆକ୍ଟ ଅନୁଯାୟୀ ୧୨ତମ ଉପଦେଷ୍ଟା ମଣ୍ଡଳି ନିର୍ଦ୍ଦେଶ ଅନୁସାରେ ସମସ୍ତ ଠିକାଦାର ଶ୍ରମିକମାନଙ୍କୁ ବାସଗୃହ ଯୋଗାଇ ଦିଆଯିବା ନହେଲେ ଘରଭଡା ପ୍ରଦାନ କରାଯିବା। ବର୍ଷ ବର୍ଷ ଧରି କାର୍ଯ୍ୟରତ ଶ୍ରମିକମାନଙ୍କୁ ବାର୍ଷିକ ଇନକ୍ରିମେଣ୍ଟ ଦେବା ସହ ସିନିୟରିଟି ଅନୁସାରେ ପ୍ରମୋସନ କରାଯିବା। ସମସ୍ତ ଠିକାଦାର ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଖଣି ନିଗମ ଦ୍ୱାରା ଯୋଗାଇ ଦିଆ ଯିବା। ସମସ୍ତ ଠିକାଦାର ଶ୍ରମିକ ମାନଙ୍କର ଗ୍ରୁପ୍ ଇନସ୍ୟୁରାନ୍ସ କରାଯିବା ସହ ମୃତ୍ୟୁକାଳୀନ ସହାୟତା ଯୋଗାଇ ଦିଆ ଯିବା । ସମସ୍ତ ଠିକାଦାର ଶ୍ରମିକମାନଙ୍କୁ ଇଏସ୍‌ଆଇର ସଭ୍ୟଭୁକ୍ତ କରାଯିବା। ଚାକିରି ସମୟ ଭିତରେ କୌଣସି ଠିକାଦାର ଶ୍ରମିକର ମୃତ୍ୟୁ ହେଲେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦିଆଯିବା ଆଦି ଦାବିଗୁଡିକୁ ଏକ ମାସ ମଧ୍ୟରେ ସମାଧାନ କରାନଗଲେ ଶ୍ରମିକମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ଚେତାବନୀ ଦିଆଯାଇଥିବା ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଚାଲିଗଲା ଜଣଙ୍କ ଜୀବନ, ୩ ଗୁରୁତର

**ଜି.ଉଦୟଗିରି, ନ୍ୟୁଜ୍‌ବ୍ୟୁରୋ**

ଜି. ଉଦୟଗିରିରେ ୨ ପୃଥକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇ ଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ପରିଷଦ ଅନ୍ତର୍ଗତ ବେଥଲ ସମ୍ମୁଖରେ ବାଇକ୍ ଦୁର୍ଘଟଣାରେ ଜଣେ ମୃତ ହୋଇଥିବା ବେଳେ ଜଣେ ଗୁରୁତର ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ଅନ୍ୟ ଏକ ଦୁର୍ଘଟଣା କନବାଗିରି ଗ୍ରାମ ନିକଟରେ ଥିବା ହମ୍ପସରେ ହୋଇଥିବା ବେଳେ ଆହତମାନଙ୍କୁ ସ୍ଥାନୀୟ ମେଡିକାଲରେ ଚିକିତ୍ସା କରାଯାଉଛି ।

ସୂଚନା ଅନୁସାରେ, ଜି.ଉଦୟଗିରି ବ୍ଲକ ରାଇକଲା ପଞ୍ଚାୟତ ଖାରିଆପଡା ଗ୍ରାମ ନିବାସୀ ଅନିଲ କୁମାର ପ୍ରଧାନ ସ୍ଥାନୀୟ ଏମ୍‌ଏମ୍‌ସି ମେଡିକାଲରେ କାମ କରନ୍ତି। ସମୟ ପ୍ରାୟ ୭.୩୦ ସମୟରେ ଅନ୍ୟ ଜଣେ ସହଯୋଗୀଙ୍କ ସହିତ ସେ ନିଜ ବସାକୁ ଚାଲି ଚାଲି ଆସି ଫେରୁଥିବା ବେଳେ କତୀଙ୍ଗିଆ ପଞ୍ଚାୟତ ବେଟିକଲା ଗ୍ରାମ ନିବାସୀ ଲୁଲୁ ପ୍ରଧାନ ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲେ। ଯାହା ଫଳରେ ଅନିଲଙ୍କ ମୃତ୍ୟୁ ହୋଇଥିବା ମେଡ଼ିକାଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବାଇକ୍ ଚାଳକ ଗୁରୁତର ହୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ସେହିଭଳି ଅନ୍ୟ ଏକ ଦୁର୍ଘଟଣାରେ ଦେବାଶିଷ ପାଣି ୧୮ କୁଲାଡ, ରୁଦ୍ରପ୍ରସାଦ ପାଢ଼ୀ (୧୮) ଭଞ୍ଜନଗର ଅଞ୍ଚଳର ଦୁଇ ଯୁବକ ଗୁରୁତର ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନେ ଘୁ ଉଦୟଗିରି ଅଞ୍ଚଳକୁ ଆସି ଫେରୁଥିବା ସମୟରେ କନବାଗିରି ପ୍ରଥମ ହମ୍ପସରେ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଛନ୍ତି। ଯାହା ସୂଚନା ରହିଛି ବିଗତ ଦିନମାନଙ୍କରେ ଏହି ପରି ଅନେକ ଦୁର୍ଘଟଣା ସେହି ହମ୍ପସରେ ଘଟିଛି ଓ ଲୋକ ମରିବା ସହ ଗୁରୁତର ଆହତ ହୋଇଛନ୍ତି। ତେବେ ମୁଖ୍ୟ ରାସ୍ତାରେ ଏହିପରି ବଡ଼ ବଡ଼ ହମ୍ପସ ରଖିବା ଦ୍ୱାରା ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଏହାର ପ୍ରତିକାର କରିବା ନିମନ୍ତେ ଜନ ସାଧାରଣ ଦାବି କରିଛନ୍ତି।

# ବଡ଼ା ଖାନା କାର୍ଯ୍ୟକ୍ରମ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଅବସରପ୍ରାପ୍ତ ପୁଲିସ ପଦାଧିକାରୀ କଲ୍ୟାଣ ସମିତି ତରଫରୁ ବଡ଼ା ଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭ୍ୟ ଅଶୋକ କୁମାର ଦେଓ, ସୁଖେନ୍ଦୁ କୁମାର ଦାସ, ଦେବୀଦତ୍ତ ବିଶ୍ୱଜୀବନ ମିଶ୍ର, ଧୀରେନ କୁମାର ବାରିକ, ଦୋଳଗୋବିନ୍ଦ ପରିଡ଼ା ଓ ସ୍ୱର୍ଣ୍ଣଲତା ପ୍ରଧାନ ଭଜନ ପରିବେଷଣ କରିଥିଲେ। ପୁଲିସ ଆୟୁକ୍ତ ଦେବଦତ୍ତ ସିଂହ, ଉପାୟୁକ୍ତ ଜଗମୋହନ ମୀନା, ଟ୍ରାଫିକ ଉପାୟୁକ୍ତ ତପନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଟ୍ୱିନ୍ ସିଟିରେ...

ଉପକୂଳ ଓଡ଼ିଶାରେ କାଳବୈଶାଖୀ ପ୍ରଭାବ ଅଧିକ ରହିବାକୁ ଥିବା ବେଳେ ଦକ୍ଷିଣ ଓଡ଼ିଶାରେ ସାମାନ୍ୟ କମ ରହିବ। ୨୦ ତାରିଖଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିବ। ପଶ୍ଚିମ ଓଡ଼ିଶାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଉଚ୍ଚତର ପ୍ରଶିକ୍ଷଣ...

ମାଲେସିଆ ଗସ୍ତ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରି ପାରମ୍ପରିକ କୃଷି ସହିତ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି ସମ୍ବନ୍ଧରେ ଶିଖିବା ପାଇଁ ଉତ୍ସାହିତ କରିଥିଲେ। ଶ୍ରୀ ସିଂହଦେଓ କହିଥିଲେ ଯେ, ଆଜିର ସମୟରେ ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ସମ୍ମାନଜନକ ସ୍ଥିତିରେ ରହିଛି । ପ୍ରଶିକ୍ଷାର୍ଥୀମାନେ ଗସ୍ତରୁ ଯାହା ଶିଖିବେ ତାହାକୁ ପ୍ରତିଦିନ ରିପୋର୍ଟ ଆକାରରେ ଲିପିବଦ୍ଧ କରି ବିଭାଗକୁ ପ୍ରଦାନ କରନ୍ତୁ । ଉନ୍ନତ କୌଶଳକୁ ଶିଖି ନିଜ ଅଞ୍ଚଳରେ ତାହାକୁ କାର୍ଯ୍ୟକାରୀ କରନ୍ତୁ । ଏହା ଆମ ଚାଷୀ ଭଉଣୀଙ୍କ ଆୟକୁ ଦୁଇଗୁଣା କରିବାରେ ସହାୟକ ହେବ। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ଓଡ଼ିଶାରେ କୃଷିର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ । ଆଜିର ସମୟରେ ଓଡ଼ିଶା ଦେଶର ୪ର୍ଥ ସର୍ବବୃହତ ରାଜ୍ୟ ଭାବେ ଏଫସିଆଇକୁ ଚାଉଳ ଯୋଗାଉଛି । ଗତବର୍ଷ ୧୪.୩ ମିଲିୟନ ଟନ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା । ସେହିପରି, ୧୪.୪୮ ମିଲିୟନ୍ ଟନର କେବଳ ଫଳ ଓ ପନିପରିବା (ଉଦ୍ୟାନ ଫସଲ) ଉତ୍ପାଦିତ ହୋଇଛି । ଏତଦବ୍ୟତୀତ, ଓଡ଼ିଶା ଆଜି ପୋଟଳ, ଭେଣ୍ଡି, ସଜନା ଛୁଇଁ, ଅମୃତଭଣ୍ଡା, ଆମ୍ବ ଆଦିର ରପ୍ତାନୀ ଦୁବାଇ ଓ ଅନ୍ୟାନ୍ୟ ଦେଶକୁ କରିବାରେ ସକ୍ଷମ ହୋଇଛି । କେବଳ ଅଧିକାରୀ ନୁହଁନ୍ତି, ଏଥର ଚାଷୀମାନେ ବି ବିଦେଶ ଯାତ୍ରା କରିପାରିବେ। ଏହି ପ୍ରଶିକ୍ଷଣ ସେମାନଙ୍କ ବିଦେଶ ଯାତ୍ରାର ସ୍ୱପ୍ନକୁ ସାକାର କରିବା ସହିତ ଜ୍ଞାନ ଆହରଣର ଅବସର ଆଣି ପାରିଛି । ଡ. ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ଚାଷୀମାନେ ହେଉଛନ୍ତି ଆମର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡ଼ର୍ ବୋଲି କହିଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ବାର୍ଡ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ନିରୂପମ ମେହୋତ୍ରା, ନାବାର୍ଡ ସିଜିଏମ୍ ଡ଼ ସୁଧାଂଶୁ ମିଶ୍ର, ଓପିକାର ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି କୃଷକ ଏବଂ ଅଧିକାରୀଙ୍କୁ ଉତ୍ସାହିତ କରିଥିଲେ ।

## ଖଣିଜ ଲୁଟ୍‌ରେ...

ଚୋରି ହେଉଥିବାର ଅଭିଯୋଗ ହୋଇ ଆସୁଥିଲା। ଶୁକ୍ରବାର ଦୁଇ ମନ୍ତ୍ରୀ ଓ ଅଧିକାରୀମାନେ ସଂପୃକ୍ତ ଅଞ୍ଚଳ ଗସ୍ତ କରି ସ୍ଥିତି ପରଖିଛନ୍ତି। ଖଣି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, ବେଆଇନ୍ ଖଣି କାରବାରରେ ସଂପୃକ୍ତ ଯେକେହି ବି ସଂପୃକ୍ତ ଥାଆନ୍ତୁନା କାହିଁକି ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାହାକୁ ଛଡା ଯିବାର ପ୍ରଶ୍ନ ନାହିଁ। ଅନୁରୂପ ଭାବେ ଜଙ୍ଗଲ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ଦୀର୍ଘ ବର୍ଷ ଧରି ସୁନ୍ଦରଗଡ ଜଙ୍ଗଲରେ ବେଆଇନ୍ ଭାବରେ ଖଣି ଚୋରି ଚାଲିଆସୁଥିଲା। ଏହା ବିରୁଦ୍ଧରେ ନିଶ୍ଚିତ ଭାବେ ସରକାର ପଦକ୍ଷେପ ଗ୍ରହଣ କରିବେ।

## ମହାକାଶ କେନ୍ଦ୍ରକୁ ...

ଗୁରୁତ୍ୱ ଉପରେ ମଧ ସୂଚନା ଦେଇଥିଲେ । ସେ କହିଥିଲେ ଯେ ଅନ୍ତର୍ଜାତୀୟ ଅଂଶୀଦାରଙ୍କ ସହ ସହଯୋଗ ଏବଂ ଗଗନଯାନ ଭଳି ପ୍ରକଳ୍ପର ରଣନୈତିକ ଗତି ମହାକାଶ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ହେବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ପ୍ରୟାସ କେବଳ ବୈଜ୍ଞାନିକ ନୁହେଁ ବରଂ ଏକ ବିକଶିତ ଓ ଆତ୍ମନିର୍ଭରଶୀଳ ଭାରତର ଲକ୍ଷ୍ୟ ସହ ଯୋଡ଼ି ହୋଇଛି ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

## ବିଶ୍ୱ ଐତିହ୍ୟ ...

ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଦେଶର ସମସ୍ତ ଏଏସଆଇ ସଂରକ୍ଷିତ ସ୍ମାରକୀରେ ମାଗଣାରେ ପ୍ରବେଶ ପାଇଁ ଅନୁମତି ଦିଆଯାଇଥିଲା।

**ପୂର୍ବ ତଟ ରେଳପଥ**

**Auction Catalogue No. SDCM-KUR-PKNG**
ପାର୍କିଂ ଷ୍ଟାଣ୍ଡ ନିମନ୍ତେ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ:** ଭୁବନେଶ୍ୱର ନୂଆ ଦୁଇଚକିଆ ଯାନ (ପରିବେଷ୍ଟିତ ଅଞ୍ଚଳ)

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା 29.04.2025 ରିଖ 1100 ଘଟିକାରେ

**ନିଲାମ ସମାପ୍ତି ତାରିଖ ଏବଂ ସମୟ :** ତା 29.04.2025 1130 ଘଟିକାରେ

**ଦ୍ରଷ୍ଟବ୍ୟ :** ଏହି ଇ-ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକୀୟ ସୂଚନା ପ୍ରାପ୍ତ କରିବା ନିମନ୍ତେ, ଆଗାମୀ ଇ-ନିଲାମ ଲିଙ୍କିଂ ଟାବ୍‌କୁ ଯାଞ୍ଚ କରିବା ପାଇଁ, ଆଶାୟୀ ବିଡର ମାନଙ୍କୁ **http://www.ireps.gov.in** ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ,
ଖୋର୍ଦ୍ଧା ରୋଡ୍

PR-47/Q/25-26

**GOVERNMENT OF ODISHA, DEPARTMENTOF WATER RESOURCES** A-54
**Office of the Engineer-in-Chief, Water Resources, Secha Sadan, Bhubaneswar**
**Email Address : cemech.eicwr.od@gmail.com**
**e-Procurement Notice- Bid Identification No.-CEM/MDC-03/2025-26**

| | |
|---|---|
| 1. Name of the Work | : Mechanical Gate Works |
| 2. No. of Works | : 01 (One) |
| 3. Category of executors | : SSI Units registered under DIG/ NSIC/ MSME for Irrigation Shutters / Hydro mechanical gates. |
| 4. Bid Identification No. | : CEM / MDC - 03/ 2025-26 |
| 5. Estimated Cost | : Rs- 26,68,432.00 |
| 6. Period of Completion | : 02 (Two) calendar months. |
| 7. Date & time of availability of bid documents in the Portal | : From dt. 21.04.2025 (10.00 AM) to dt.02.05.2025(5.30 PM) |
| 8. Last date/ time for receipt of bid In the Portal | : dt. 02.05.2025 (up to 5.30 PM) |
| 9. Date and Place of opening of Technical Bid | : dt.03.05.2025 (12.00 Noon onwards in the O/O the undersigned) |
| 10. Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only

**Sd/- Chief Engineer, Mechanical**
**O/o-Engineer-In-Chief,**
**Secha Sadan, Bhubaneswar**

**OIPR-32520/11/0039/2526**

**INSTITUTE OF MATHEMATICS AND APPLICATIONS(IMA)**
(Government of Odisha)
Andharua, Bhubaneswar-751029
Advertisement No: IMA/42/ 517 /2025, Dated 17 /04/2025
CAD-164

**TENDER CALL NOTICE**

Sealed tenders are invited from authorized Travel Agencies dealing with AC taxis for IMA, Bhubaneswar for hiring of two taxis containing terms and conditions, and General information (Annexure I, II & III). The tender documents can be downloaded from the website https://iomaorissa.ac.in w.e.f. 18/04/2025. In case of any difficulties for getting the above details, the tenderer may contact to contact.ima@iomaorissa.ac.in. Interested eligible agencies may submit their sealed quotation as per the tender document so as to reach the same in complete form to the Registrar, IMA on or before 5.30 PM of 08/05/2025 through Registered Post/ Speed Post/Courier only. The sealed quotation will be opened on 09/05/2025 at 3.00 PM. Any corrigendum if any to this notice may be referred to the above website. There will not be any further paper publication.

Sd/- REGISTRAR

**OIPR-28010/11/0016/2526**

ଭୁବନେଶ୍ୱର
୧୯ ଅପ୍ରେଲ, ଶନିବାର, ୨୦୨୫
RNI Regd. No. : 52640/94
Postal Regd. No. : BN/60/25-27

# ଖୋଲୁଛି କଟକ ବନ୍ଧୁକ କାରଖାନା ଗୁମର : ଓଡ଼ିଶାରେ ବିକ୍ରି ହୋଇଛି ଶତାଧିକ

**କଟକ, ୧୮।୦୪:ନ୍ୟୁଜ୍‌ବ୍ୟୁରୋ**

୨ ଦିନିଆ ରିମାଣ୍ଡରେ ବନ୍ଧୁକ କାରିଗର। କୋଲକାତାରୁ କଟକ ଭାୟା ମୁଙ୍ଗେର। କ୍ରିମିନାଲଙ୍କ ହାତରେ ଦେଶୀ ବନ୍ଧୁକ। କଟକ ବୟାଳିଶ ମୌଜା ବନ୍ଧୁକ ବେପାରର ଧୀରେ ଧୀରେ ଖୋଲୁଛି ଗୁମର। ୨ ଦିନିଆ ରିମାଣ୍ଡରେ ଆସି ସତ ଉଗାରୁଛନ୍ତି ଅଭିଯୁକ୍ତ। ଗୁହାଳ ନାଁରେ ଚାଲିଥିଲା ବନ୍ଧୁକ କାରଖାନା। ଚଢ଼ଉ କରି ବହୁ ବନ୍ଧୁକ ଓ କଞ୍ଚାମାଲ ଜବତ ପରେ ଏବେ ଅନେକ ରୋଚକ ତଥ୍ୟ ଏସଟିଏଫ ହାତରେ ଲାଗିଛି। ଜଙ୍ଗଲ ଭିତରେ କେବଳ ବ୍ୟାରେଲ, ସ୍ଲାଇଡ଼, ହ୍ୟାଣ୍ଡଗ୍ରୀପ ତିଆରି ହୋଇ ସେସବୁକୁ ମୁଙ୍ଗେର ପଠାଯାଉଥିଲା। ୫ ହଜାର ଟଙ୍କାର ଏଠାରୁ ଅର୍ଦ୍ଧନିର୍ମିତ ପିସ୍ତଲ ମୁଙ୍ଗେର ଯାଉଥିଲା। ସେଠାରେ



ଫିନିସିଂ ପରେ ଏହାକୁ ୫୦ ହଜାର ଟଙ୍କାରେ ବିକ୍ରି କରାଯାଉଥିଲା। ଏସବୁର ତଦନ୍ତ ପାଇଁ ମୁଙ୍ଗେର ଏକ ସ୍ପେଶାଲ ଟିମ୍ ଗସ୍ତ କରି ବିହାରର ଗ୍ୟାଙ୍ଗଷ୍ଟାର ଗ୍ରୁପ୍ ଶତାଧିକ ପିସ୍ତଲର ଅର୍ଡର ଦେଇଥିବା କଥା ଜାଣିବାକୁ ପାଇଛି। କୋଲକାତାରୁ କଞ୍ଚାମାଲ ଆସୁଥିଲା। ଆଉ ଗୋଟିଏ ଟିମ୍ ସେହି ସ୍ଥାନକୁ ଖୁବ୍‌ଶୀଘ୍ର ଗସ୍ତ କରିବ। ଏସ୍‌ଟିଏଫ୍ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପରେ ଓଡ଼ିଶାରେ କେତେ ବନ୍ଧୁକ ବିକ୍ରି ହୋଇଛି ସେ ନେଇ ଆରମ୍ଭ ହୋଇଛି ତନାଘନା। କିଏ, କେତେ ଟଙ୍କାରେ ଏହି ବନ୍ଧୁକ କିଣିଛନ୍ତି, ସେ ନେଇ ସମ୍ପୂର୍ଣ୍ଣ ସୂଚନା ଏହି ୨ ଦିନରେ ମିଳିପାରେ ବୋଲି ଏସଟିଏଫ ସୂତ୍ରରୁ ଜଣାପଡ଼ିଛି। ବନ୍ଧୁକ ଡିଲ୍‌ରେ ଲଗାମ ଲଗାଇବା ପାଇଁ ୨୦୧୪ରେ ଆରମ୍ଭ ହୋଇଥିଲା ଅପରେସନ ବ୍ଲାକ୍ ସ୍ମୋକ୍। କୁଇକ୍ ଆକ୍ସନ ଟିମ୍ ଏହାର ତଦନ୍ତ ଭାର ନେବା ସହ ସେହିବର୍ଷ ୯୩ଟି ମାଉଜର ଓ ୨୪୯ଟି ଅଫୁଟା ଗୁଳି ଜବତ କରିଥିଲା। ୨୦୧୫ରେ ୧୧୩ଟି ମାମଲା ରୁଜୁ କରାଯିବା ସହ ୬୩ଟି ମାଉଜର ସହ ୧୬୨ଟି ଅଫୁଟା ଗୁଳି ଜବତ ହୋଇଥିଲା। ୨୦୧୬ରେ ୧୨୨ଟି ମାମଲା ରୁଜୁ ହେବା ସହ ୮୯ଟି ମାଉଜର ଓ ୨୧୨ଟି ଅଫୁଟା ଗୁଳି ଜବତ ହୋଇଥିଲା। ୩ ବର୍ଷରେ ୩୭୮ ଜଣଙ୍କୁ ଗିରଫ କରି ଅପରାଧୀଙ୍କ ମନରେ ଛନକା ପୂରାଇ ଥିଲା କ୍ୟୁଏଟି। ଏବେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ ସ୍ପେଶାଲ ସ୍କ୍ୱାଡ୍ ମଧ୍ୟ ସଂଗଠିତ ଅପରାଧକୁ ମାତ୍ ଦେବାକୁ ଯାଇ ବିଗତ କିଛି ଦିନ ଭିତରେ ନିଶା ମାଫିଆ, ବନ୍ଧୁକ ବେପାରୀ ଓ ଜମି ଦଲାଲଙ୍କ ନିଦ ହଜାଇ ଦେବା ସହ ଅତ୍ୟାଧୁନିକ ବନ୍ଧୁକ କାରବାରରେ ରୋକ ଲଗାଇଥିଲା। ପରେ ପରେ ଏସ୍‌ଟିଏଫ୍‌ର ଏହି ବଡ଼ ରେଡ୍ ଅପରାଧୀଙ୍କ ଛାତିରେ ଛନକା ପୂରାଇଛି। ତେବେ ସବୁଠାରୁ ବଡ଼ କଥା ହେଉଛି ପ୍ରାୟ ଦେଢ଼ ବର୍ଷ ହେଲା ବନ୍ଧୁକ କାରଖାନା ଚାଲିଥିବା ବେଳେ ପୋଲିସ ଜାଣିପାରୁ ନଥିଲା କିପରି ? କେତେ ଲୋକ ଏହି ଚୋରା ବନ୍ଧୁକ କିଣିଛନ୍ତି ? ୩ ଦିନିଆ ରିମାଣ୍ଡରେ ଏସବୁ ଉପରୁ ହଟିପାରେ ପର୍ଦ୍ଦା।



ଗୁଡ୍ ଫ୍ରାଇ ଡେ’ ପାଳନ ଅବସରରେ ଭୁବନେଶ୍ୱର କ୍ୟାଥଲିକ ଚର୍ଚ୍ଚରେ ଆୟୋଜିତ ପ୍ରାଥନା ସଭା। (ଫଟୋ : ସମ୍ବାଦ କଳିକା)

# ପାରାଦୀପ ବନ୍ଦରରେ ଗିରଫ ଜାହାଜକୁ ଛାଡ଼ିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୮।୦୪:ନ୍ୟୁଜ୍‌ବ୍ୟୁରୋ**

ଏକ ସାମୁଦ୍ରିକ ବିବାଦ ମାମଲାରେ ପାରାଦୀପ ବନ୍ଦରରେ ଗିରଫ ହୋଇଥିବା ଜାହାଜ ଟେଲେରି-ଏମକୁ ଗିରଫମୁକ୍ତ ବା ଛାଡ଼ିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବଙ୍କର ଇନ୍ଧନ ବାବଦ ଅର୍ଥରାଶି ଆବେଦନକାରୀ ଜିଓସର୍ଭ ଏନର୍ଜି ଟ୍ରାନ୍ସପୋର୍ଟ ନାମକ ସଂସ୍ଥାକୁ ପଇଠ କରାଯାଇସାରିଥିବା ନେଇ ସମ୍ପୃକ୍ତ ସଂସ୍ଥା ସ୍ୱଷ୍ଟ କରିବା ପରେ ଜାହାଜକୁ ଛାଡିବା ପାଇଁ ଅନ୍ତରୀଣ ଆବେଦନ କରିଥିଲା। ଏହାର ଶୁଣାଣି କରି ଜଷ୍ଟିସ ଏମ.ଏସ. ରମଣ ଉକ୍ତ ଜାହାଜକୁ ଗିରଫରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏବେ ଏହି ଜାହାଜ ପାରାଦୀପ ବନ୍ଦର ଛାଡ଼ିପାରିବ ବୋଲି ଅଦାଲତ ସ୍ୱଷ୍ଟ





କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଟ୍ରାନ୍ସପୋର୍ଟ ସଂସ୍ଥା ଉକ୍ତ ଜାହାଜକୁ ଯୋଗାଣ କରାଯାଇ ଥିବା ବଙ୍କର ଇନ୍ଧନ ବାବଦ ୨୬୮ ୬୮.୨୮ ଆମେରିକୀୟ ଡଲାର ଦାବି କରି ହାଇକୋର୍ଟରେ ମାମଲା ଦାୟର କରିଥିଲା। ଏହି ଜାହାଜ ପାରାଦୀପ ବନ୍ଦର ଜଳସୀମା ଛାଡ଼ି ଚାଲିଯିବାର ସମ୍ଭାବନା ଥିବାରୁ ଏହାକୁ ଗିରଫ କରିବା ପାଇଁ ବନ୍ଦର କର୍ତ୍ତୃପକ୍ଷ ଓ କଷ୍ଟମ ବିଭାଗକୁ ଗତ ୧୨ତାରିଖରେ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ।

# ଏହି ମାଟିରୁ ଉତ୍ପତି ହୋଇଛି ‘ଉର୍ଦ୍ଦୁ’, ଇସ୍ଲାମ ଧର୍ମ ସହ ଯୋଡାଯିବା ଭୁଲ୍

**ନୂଆଦିଲ୍ଲୀ, ୧୮।୦୪**

ସୁପ୍ରିମକୋର୍ଟ ମହାରାଷ୍ଟ୍ରର ଅକୋଲା ଜିଲ୍ଲା ପାତୁର ନଗର ପରିଷଦ ସାଇନବୋର୍ଡରେ ଉର୍ଦ୍ଦୁ ଭାଷାର ବ୍ୟବହାରକୁ କାୟମ ରଖିଛନ୍ତି। କହିଛନ୍ତି ଭାଷା ସଂସ୍କୃତିର ଅଙ୍ଗ ଓ ଏହାକୁ ଲୋକଙ୍କୁ ବାଣ୍ଟିବାର କାରଣ କରାନଯାଉ। ଏହା ସହିତ କୋର୍ଟ ଉର୍ଦ୍ଦୁକୁ ‘ଗଙ୍ଗା-ଯମୁନା ତହଜିବ’ର ଆଦର୍ଶ ଉଦାହରଣ ବୋଲି କହି ଏହାକୁ ଭାରତରେ ଜନ୍ମିତ ଭାଷା ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟଙ୍କ ଜଷ୍ଟିସ୍ କେ.ବିନୋଦ ଚନ୍ଦ୍ର ଓ ଜଷ୍ଟିସ ସୁଧାଂଶୁ ଧୂଳିଆଙ୍କ ପୀଠ ବର୍ଷା ତାୟୀ ଓ ସଞ୍ଜୟ ବାଗଡେଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ପାତୁର ନଗର ପରିଷଦର ପୂର୍ବତନ କର୍ପୋରେଟର ବର୍ଷା ତାୟୀ ଓ ସଞ୍ଜୟ ବାଗଡେ ସାଇନ ବୋର୍ଡରେ ଉର୍ଦ୍ଦୁ ଭାଷାର ବ୍ୟବହାରକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେମାନେ ଦାବି କରିଥିଲେ ଯେ ମହାରାଷ୍ଟ୍ର ସ୍ଥାନୀୟ ପ୍ରାଧିକରଣ (ଅଧିକାରୀକ ଭାଷା) ଅଧିନିୟମ ୨୦୨୨ ଅନୁସାରେ



ସାଇନବୋର୍ଡରେ କେବଳ ମରାଠୀ ଭାଷାର ବ୍ୟବହାର ହେବା ଉଚିତ। ଏଥିରେ ସୁପ୍ରିମକୋର୍ଟଙ୍କ ପୀଠ କହିଛନ୍ତି ଯେ ‘ଭାଷା କୌଣସି ଧର୍ମର ହୋଇ ନଥାଏ, ଏହା କୌଣସି ସମୁଦାୟ, କ୍ଷେତ୍ର ବା ଲୋକଙ୍କର ହୋଇଥାଏ’। ଜଷ୍ଟିସ ଧୂଳିଆ ତାଙ୍କ ଐତିହାସିକ ରାୟରେ କହିଛନ୍ତି ଯେ ‘ଉର୍ଦ୍ଦୁ ଭାରତରେ ଜନ୍ମ ହୋଇଥିବା ଏକ ଭାଷା ଓ ଏହାକୁ କୌଣସି ଧର୍ମ ସହ ଯୋଡିବା ଭୁଲ। ଏହା ଗଙ୍ଗା-ଯମୁନା ତହଜିବର ପ୍ରତୀକ ଅଟେ ଯାହା ଉତ୍ତର ଓ ମଧ୍ୟ ଭାରତର ସମନ୍ୱିତ ସାଂସ୍କୃତିକ ଐତିହ୍ୟକୁ ଦର୍ଶାଏ’। ସେ ଏହା ବି ସ୍ୱଷ୍ଟ କରିଛନ୍ତି ଯେ ‘ଉର୍ଦ୍ଦୁ’ ଓ ‘ମରାଠୀ’ ଉଭୟ ଭାଷାକୁ ସମ୍ବିଧାନର ସମାନ ମାନ୍ୟତା ମିଳିଛି। ଏଣୁ କୋର୍ଟ କହିଛନ୍ତି ଯେ ଯଦି ସ୍ଥାନୀୟ ଲୋକେ ଉର୍ଦ୍ଦୁ ସହ ପରିଚିତ ତେବେ ସାଇନ ବୋର୍ଡରେ ଏହାର ବ୍ୟବହାରକୁ ଆପତ୍ତି କରାଯିବା ଉଚିତ ନୁହେଁ। କୋର୍ଟ ଏହା ବି ଟିପ୍ପଣୀ କରିଛନ୍ତି ଯେ ଉର୍ଦ୍ଦୁ ଭାଷାକୁ ପ୍ରାୟତଃ ମୁସଲମାନ ସମୁଦାୟ ସହ ଯୋଡି ଦେଖାଯାଉଛି, ଯାହା ବାସ୍ତବିକତା ଠାରୁ ଅନେକ ଦୂରରେ। ଜଷ୍ଟିସ୍ ଧୂଳିଆ କହିଛନ୍ତି ଯେ ଔପନିବେଶିକ ଶକ୍ତି ହିନ୍ଦୀକୁ ହିନ୍ଦୁଙ୍କ ସହିତ ଓ ଉର୍ଦ୍ଦୁକୁ ମୁସଲମାନଙ୍କ ସହ ଯୋଡିବାର ଭୁଲ ଧାରଣା ସୃଷ୍ଟି କରିଛନ୍ତି। ଭାରତରେ ଉର୍ଦ୍ଦୁ ସବୁଠୁ ଅଧିକ ଲୋକଙ୍କ ଦ୍ୱାରା କୁହାଯାଉଥିବା ଷଷ୍ଠ ଅନୁସୂଚିତ ଭାଷା ଓ ଏହାକୁ ଦେଶର ପ୍ରାୟ ସବୁ ରାଜ୍ୟରେ ଲୋକେ ବ୍ୟବହାର କରନ୍ତି। କୋର୍ଟ ଏହି କଥା ଉପରେ ଜୋର ଦେଇଛନ୍ତି ଯେ ଭାଷାର ମୂଳ ଉଦ୍ଦେଶ୍ୟ ସଞ୍ଚାର, ଏହା ପରିଚୟର ରାଜନୀତି ହେବା ଉଚିତ ନୁହେଁ। ରାୟରେ କୁହାଯାଇଛି ଯେ ‘ଆମେ ଆମର ବିବିଧତା, ବିଶେଷ କରି ଭାଷାଗତ ବିବିଧତାକୁ ସମ୍ମାନ କରିବା ଉଚିତ ଓ ଏଥିରୁ ଆନନ୍ଦ ନେବା ଦରକାର। ୨୦୦୧ ଜନଗଣନା ଅନୁସାରେ ଭାରତରେ ୧୨୨ଟି ମୁଖ୍ୟ ଭାଷା ରହିଛି ଓ ୨୩୪ଟି ମାତୃଭାଷା। ଏଥିରେ ଉର୍ଦ୍ଦୁ ସବୁଠୁ ଅଧିକ କୁହାଯାଉଥିବା ଷଷ୍ଠ ଭାଷା ଓ ପାଖାପାଖି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ କିଛି ନା କିଛି ଲୋକେ ଏହି ଭାଷାରେ କଥା ହୁଅନ୍ତି’। ବର୍ଷା ତାୟୀ ୨୦୨୦ ମସିହାରେ ପାତୁର ନଗର ପରିଷଦ ସାଇନ ବୋର୍ଡରୁ ଉର୍ଦ୍ଦୁ ଭାଷାକୁ ହଟାଇବାକୁ ଦାବି କରିଥିଲେ, ଯାହାକୁ ପରିଷଦ ଖାରଜ କରିଦେଇଥିଲା। ଏଥିରେ ପରିଷଦ ତର୍କ ଦେଇଥିଲା ଯେ ୧୯୫୬ ମସିହାରୁ ସାଇନବୋର୍ଡରେ ଉର୍ଦ୍ଦୁ ଭାଷା ଉପଯୋଗ ହୋଇ ଆସୁଛି ଓ ସ୍ଥାନୀୟ ଜନତା ଏହାକୁ ଭଲ ଭାବେ ପଢି ଓ ବୁଝି ପାରୁଛନ୍ତି। ଏହାପରେ ବାଗଡେ ୨୦୨୧ ମସିହାରେ ନଗର ପରିଷଦ ସାଇନବୋର୍ଡରୁ ଉର୍ଦ୍ଦୁଭାଷା ହଟାଇବା ପାଇଁ ବମ୍ବେ ହାଇକୋର୍ଟରେ ନିବେଦନ କରିଥିଲେ। ଏହାକୁ ହାଇକୋର୍ଟ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଛାତରୁ ଖସି ଛାତ୍ରର ଛାତିରେ ପଶିଗଲା ଲୁହାରଡ୍

**ଭୁବନେଶ୍ୱର, ୧୮।୦୪ ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ଆଇଆରସି ଭିଲେଜ ଅଞ୍ଚଳରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଏହି ଅଞ୍ଚଳରେ ଅସାବଧାନତା ଯୋଗୁଁ ଛାତରୁ ଖସିପଡ଼ିଥିବା ଜଣେ ଛାତ୍ରର ଶରୀରରେ ଲୁହା ରଡ୍ ପଶିଯାଇଛି। ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଗୁରୁତର ଛାତ୍ରର ନାମ ସୋହନ ଦିଗାଲ (୧୩)।

ସୂଚନା ଅନୁସାରେ ସୋହନ ଦିଗାଲ ଆଇଆରସି ଭିଲେଜ ଅଞ୍ଚଳରେ ଥିବା ଘରର ଛାତ ଉପରକୁ



ଯାଇଥିଲା। ସେ ନିଜ ସ୍କୁଲ ୟୁନିଫର୍ମ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତା ଯୋଗୁଁ ତଳେ ପଡ଼ି ଯାଇଥିଲା। କିନ୍ତୁ ଛାତରୁ ପଡ଼ିବା ବେଳେ ସୋହନର ଛାତିରେ ଏକ ଲୁହା ରଡ୍ ପଶି ଯାଇଥିଲା।

ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ପହଞ୍ଚିଥିଲେ। ସକାଳେ କାଳବୈଶାଖୀ ଯୋଗୁଁ ଭାଙ୍ଗି ପଡ଼ିଥିବା ଗଛ ହଟାଇବା ପାଇଁ ଏହି ଅଞ୍ଚଳରେ ଉପସ୍ଥିତ ଥିବା ଅଗ୍ନିଶମ କର୍ମଚାରୀମାନେ ଏକ କଟିଂ ମେସିନ ବ୍ୟବହାର କରି ସୋହନକୁ ଲୁହା ଗ୍ରିଲରୁ ମୁକୁଳାଇଥିଲେ। ଏହାପରେ ସୋହନଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

## ଲୋକଙ୍କ ଅଭିଯୋଗ ଶୁଣିଲେ ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୧୮।୦୪:ନ୍ୟୁଜ୍‌ବ୍ୟୁରୋ**

ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶୁକ୍ରବାର ଦିନ ଏସମ୍ପର୍କରେ ଏକ୍ସରେ ସୂଚନା ଦେଇ ମନ୍ତ୍ରୀ ଲେଖିଛନ୍ତି ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣଙ୍କ ବ୍ୟକ୍ତିଗତ ଏବଂ ସାମୂହିକ ସମସ୍ୟା ଓ ଅଭିଯୋଗ ଗୁଡ଼ିକ ଶୁଣିଲି। ଲୋକଙ୍କ ସରକାର ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ନକ୍ସଲଙ୍କ ବିସ୍ଫୋରଣ ଯୋଜନା ବିଫଳ : ବର୍ତ୍ତିଲେ ଯବାନ

**ରାଉରକେଲା, ୧୮।୦୪ ନ୍ୟୁଜ୍‌ବ୍ୟୁରୋ**

ନକ୍ସଲଙ୍କ ଦ୍ୱାରା କରାଯାଇଥିବା ବିସ୍ଫୋରଣ ଯୋଜନା ବିଫଳ ହୋଇଛି। ନକ୍ସଲଙ୍କ ଆଇଇଡି ବିସ୍ଫୋରଣ ହୋଇଛି। କିନ୍ତୁ ଖୁସିର କଥା ଯେ, ଏହା ସୁରକ୍ଷା ବାହିନୀର ଯବାନଙ୍କ ପାଇଁ କୌଣସି କ୍ଷତି ପହଞ୍ଚି ନାହିଁ। ପଡ଼ୋଶୀ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାର ଜରାଇକେଲା ଥାନା ଅନ୍ତର୍ଗତ କେନ୍ଦ୍ରୀୟ ସଂରକ୍ଷିତ ସୁରକ୍ଷା ବଳ (ସିଆରପିଏଫ୍)ର ବରକେଲା ଶିବିରରୁ ଚାରି କିଲୋମିଟର ଦୂରରେ ନକ୍ସଲମାନେ ଆଇଇଡି ବିସ୍ଫୋରଣ କରିଥିଲେ। କିନ୍ତୁ ଏହି ବିସ୍ଫୋରଣରେ କୌଣସି ସୈନିକ ଆହତ ହୋଇନାହାନ୍ତି।

ସୂଚନା ଅନୁଯାୟୀ, ଶିବିରରେ ନିୟୋଜିତ ୧୭୪ ବାଟାଲିୟନର ସୈନିକ ଦିଗମ୍ବର ଦେବଙ୍କୁ ସକାଳ ପ୍ରାୟ ୮ଟା ସମୟରେ ମହୁମାଛି କାମୁଡ଼ି ଦେଇଥିଲା। ତାଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ବିସ୍ରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଉଥିଲା। ଉକ୍ତ ସୈନିକଙ୍କ ସମେତ ଚାରି ଜଣ ସୈନିକ ଦୁଇଟି ବାଇକ୍‌ରେ ବିସ୍ରା ଆସୁଥିଲେ। ଏହି ସମୟରେ ବରକେଲା ଶିବିରରୁ ଚାରି କିଲୋମିଟର ଦୂରରେ ଏକ ଛୋଟ କଲଭର୍ଟ ନିକଟରେ ଏହି ଆଇଇଡି ବିସ୍ଫୋରଣ ଘଟିଥିଲା।

ବାଇକ୍‌ରେ ବସିଥିବା ଦୁଇଜଣ ସୈନିକ କଲଭର୍ଟ ପାର ହେବା ମାତ୍ରେ ଏହି ବିସ୍ଫୋରଣ ଘଟିଥିଲା, ଯାହା ଫଳରେ ବାଇକ୍‌ରେ ପଛରେ ଆସୁଥିବା ଅନ୍ୟ ଦୁଇ ସୈନିକ ଦୂରତା ରକ୍ଷା କରି ଅଟକିଗଲେ। ଏହା ପରେ ସୈନିକମାନେ ପୋଜିସନ ନେଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ନକ୍ସଲମାନଙ୍କ କୌଣସି ଗତିବିଧି ନ ଦେଖିବା ପରେ, ସେମାନେ ଶିବିରକୁ ସୂଚନା ଦେଇ ବିସ୍ରା ଚାଲିଗଲେ। ଏଠାରେ ବିସ୍ରା ସ୍ୱାସ୍ଥ୍ୟ କେନ୍ଦ୍ରରେ ମହୁମାଛି କାମୁଡ଼ିଥିବା ଯବାନଙ୍କ ଚିକିତ୍ସା ଚାଲିଛି।

ଘଟଣା ସମ୍ପର୍କରେ ଖବର ପାଇ ସୁରକ୍ଷାକର୍ମୀ ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରିଥିବା ସୂଚନା ମିଳିଛି। ବିସ୍ଫୋରଣ ପରେ ଝାଡ଼ଖଣ୍ଡ ପୁଲିସ ଓ ସିଆରପିଏଫ୍‌ଙ୍କ ସର୍ଚ୍ଚ ଅପରେସନ୍ ଜାରି ରହିଛି।

# ରବି ଧାନ ଫସଲରେ ଚକଡ଼ା ରୋଗ : ଚିନ୍ତାରେ ଚାଷୀ

**ବରଗଡ଼, ୧୮।୦୪:ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ବରଗଡ଼ ଜିଲ୍ଲାରେ ଅଧିକ ଧାନଚାଷ ହୋଇଥାଏ। କିନ୍ତୁ ଏଠାରେ ଚାଷକୁ ନେଇ ଚାଷୀମାନେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନଚାଷ କରି ଅନେକ ସମୟରେ ଚାଷୀଙ୍କୁ କ୍ଷତି ମଧ୍ୟ ସହିବାକୁ ପଡୁଛି। କେତେବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ତ ଆଉ କେବେ ରୋଗପୋକ ଉପଦ୍ରବ ଯୋଗୁ ଚାଷୀଙ୍କ ଫସଲ ଉଜୁଡ଼ି ଯାଉଛି। ଏବେ ଜିଲ୍ଲାରେ ଅନୁରୂପ ସ୍ଥିତି ପରିଲକ୍ଷିତ ହୋଇଛି। ଧାନ ଅମଳକ୍ଷମ ହେବାକୁ ଯେତିକି ପାଖେଇ ଆସୁଛି, ଫସଲରେ ସେଭଳି ଭାବେ ନାନା ରୋଗପୋକଙ୍କ ପ୍ରାଦୁର୍ଭାବ ଦେଖାଯାଉଛି। ଜିଲ୍ଲାର ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା, ଧାଙ୍ଗେର, କୁରୁଆଁ, ଖଣ୍ଡହଥା ଅଞ୍ଚଳର କିଛିଦିନ ତଳେ ଧାନକେଣ୍ଡା ଅଗାଡ଼ି ହୋଇଯାଉଥିବା ନେଇ ଚାଷୀମାନେ ଜିଲ୍ଲାପାଳ ଏବଂ



ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ଫେରାଦ ହୋଇଥିଲେ। ତେବେ ଏହାର ପ୍ରାଦୁର୍ଭାବ ଥମି ନ ଥିବାବେଳେ ବର୍ତ୍ତମାନ ଫସଲରେ ଚକଡ଼ା (ମାଟିଆ ଗୁଣ୍ଡି) ପୋକ ଉପଦ୍ରବ ଚାଷୀମାନଙ୍କୁ ଚିନ୍ତାରେ ପକାଇ ଦେଇଛି।

ଜିଲ୍ଲାର ହୀରାକୁଦ ଜଳସେଚିତ ଅଞ୍ଚଳ ତଥା ଅତାବିରା, ଭେଡେନ, ବରଗଡ଼, ବରପାଲି ବ୍ଲକ୍‌ରେ ମୁଖ୍ୟତଃ ରବି ଧାନ ଫସଲ ହୋଇଥାଏ। ସେହିପରି ଅଣଜଳସେଚିତ ପଦ୍ମପୁର ଉପଖଣ୍ଡ ସମେତ ଅନ୍ୟ ଅଣଜଳସେଚିତ ବ୍ଲକର ଚାଷୀମାନେ ଉଠା ଜଳସେଚନ ପ୍ରକଳ୍ପ ତଥା ଗଭୀର ନଳକୂପ ମାଧ୍ୟମରେ ରବି ଧାନ ଫସଲ କରିଥାନ୍ତି। ଏହି କ୍ରମରେ ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଜମିରେ ଚଳିତ ରବି ଋତୁରେ ଧାନ ଚାଷ ହୋଇଛି। ଚାଷ ଆରମ୍ଭରୁ ଅନୁକୂଳ ପାଗ ଯୋଗୁ ଫସଲ ଭଲ ହୋଇଛି। ଅନେକ ଜମିରେ ଧାନକେଣ୍ଡା ବାହାରି ଧାନ କ୍ଷୀର ଖାଉଥିବା ଅବସ୍ଥାକୁ ଆସି ଯାଇଛି। ସେହିପରି କେତେକ ଜମିରେ ଧାନକେଣ୍ଡା ବାହାରିବା ଆରମ୍ଭ ହୋଇଛି। କିନ୍ତୁ ଗୋଟିଏ ପଟେ ଧାନ ଅମଳ ସମୟ ପାଖେଇ ଆସୁଥିବାବେଳେ ଅନ୍ୟପଟେ ନାନା ରୋଗପୋକ ମାଡ଼ି ଆସି ଫସଲକୁ ଧୂଳିସାତ୍ କରିବା ଆରମ୍ଭ କରି ଦେଉଛନ୍ତି।

ସାଧାରଣତଃ ମେ ମାସ ପ୍ରଥମରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ଜିଲ୍ଲାରେ ରବି ଧାନ ଅମଳ କାର୍ଯ୍ୟ ଜୋର୍ ଧରିଥାଏ। ଏଥର ମଧ୍ୟ ମେ ମାସ ପ୍ରଥମ ସପ୍ତାହରୁ ଜିଲ୍ଲାରେ ଧାନ ଅମଳ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ଅନୁମାନ କରାଯାଉଛି। ଆଉ ଦୁଇ ସପ୍ତାହ ପରେ ସ୍ୱଳ୍ପ ମିଆଦୀ ଧାନ ଅମଳକ୍ଷମ ଅବସ୍ଥାକୁ ଆସିଯିବ ଏବଂ ଅନ୍ୟ ଦୀର୍ଘମିଆଦୀ ଧାନର ଅମଳ କାର୍ଯ୍ୟ ମେ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଆରମ୍ଭ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି। କିନ୍ତୁ ଧାନ ଫସଲରେ ରୋଗପୋକ ଉପଦ୍ରବ ଚାଷୀଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି। ବରଗଡ଼ ବ୍ଲକ କଳାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଟି କହିଛନ୍ତି, ଏଥର ଧାନ ଫସଲ ଭଲ ହୋଇଛି। କିନ୍ତୁ ଏବେ ତାଙ୍କ ଫସଲରେ ଚକଡ଼ା ରୋଗପୋକ ଆରମ୍ଭ ହୋଇଯାଇଛି। ସେ ପ୍ରଭାବିତ ଫସଲରେ କୀଟନାଶକ ସିଞ୍ଚନ କରିବେ ବୋଲି କହିଛନ୍ତି। ନେକାଣ୍ଟି ଆହୁରି କହିଛନ୍ତି, ଆଗରୁ ସରକାର ଚକଡ଼ା ରୋଗ ଦମନ ପାଇଁ ରିହାତିରେ କୀଟନାଶକ ଯୋଗାଇ ଦେଉଥିଲେ। ମାତ୍ର ଏବେ ଆଉ ତାହା ମିଳୁ ନାହିଁ। ବର୍ତ୍ତମାନ ଚକଡ଼ା ରୋଗ ବ୍ୟାପିବା ଆରମ୍ଭ ହୋଇଥିବାରୁ ବେଳ ଥାଉ ଥାଉ ସରକାର ଏହାର ପ୍ରତିକାର ବ୍ୟବସ୍ଥା ସହିତ ରିହାତିରେ ଉଦ୍ଦିଷ୍ଟ କୀଟନାଶକ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ସେହିପରି ଗାଇସୀମା ଗ୍ରାମର ଅନ୍ୟଜଣେ ଚାଷୀ ନିରଞ୍ଜନ ପ୍ରଧାନ କହିଛନ୍ତି, ତାଙ୍କ ଫସଲର କିଛି ଅଂଶରେ ଶୁଖିଲା ଧାନକେଣ୍ଡା ବାହାରିଥିଲା। କୀଟନାଶକ ପ୍ରୟୋଗ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ମାତ୍ର ଏବେ ତାଙ୍କ ଫସଲରେ ଚକଡ଼ା ରୋଗ ବ୍ୟାପିବା ମଧ୍ୟ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କୁ ପଚାରିବାରୁ ଏପର୍ଯ୍ୟନ୍ତ ଧାନ ଫସଲରେ ଚକଡ଼ା ରୋଗ ବ୍ୟାପିବା ନେଇ ତାଙ୍କ ପାଖକୁ କୌଣସି ଅଭିଯୋଗ ଆସି ନାହିଁ ବୋଲି କହିଥିଲେ।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ ବାପା ଓ ବଡ଼ଭାଇ ଗୁରୁତର

**ପୁରୀ, ୧୮।୦୪:ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ କେତକୀପାଟଣା ପଞ୍ଚାୟତ ଅଧୀନ ପଦ୍ମପୁର ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ବଜ୍ରପାତ ଘଟିଛି। ବିଲରେ ମୁଗ ଓପାଡ଼ି ସେଗୁଡ଼ିକୁ ଗଦା କରିବା ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ପୁଅର ମୃତ୍ୟୁ ଘଟିଛି। ମୃତକଙ୍କ ବଡ଼ଭାଇ ଆହତ ହେବା ସହ ବାପା ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଲେ ଦୀପ୍ତି ରଂଜନ ବାରିକ।

ସୂଚନା ମୁତାବକ କେତକୀପାଟଣା ପଞ୍ଚାୟତ ଅଧୀନ ପଦ୍ମପୁର ଗ୍ରାମର କାଶୀନାଥ ବାରିକ ୨ପୁଅଙ୍କୁ ନେଇ ବିଲରେ କାମ କରୁଥିଲେ। ସେମାନେ ବିଲରେ ମୁଗ ଓପାଡ଼ି ଗଦା କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତିନିଜଣ ଚେତାଶୂନ୍ୟ ହୋଇପଡ଼ିଥିଲେ। ଗ୍ରାମର ଲୋକମାନେ ଏସଂପର୍କରେ ଜାଣିବାରୁ ତିନିଜଣଙ୍କୁ ଉଦ୍ଧାର କରି ୧୦୮ ଯୋଗେ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଦୀପ୍ତି ରଞ୍ଜନ ବାରିକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାପା କାଶୀନାଥ ବାରିକ ଓ ବଡ଼ପୁଅ ଗୁରୁତର ଅବସ୍ଥାରେ ସାକ୍ଷୀଗୋପାଳ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୁଲିସ ଖବର ପାଇଁ ମେଡିକାଲରେ ପହଞ୍ଚି ଶବ ଜବତ କରିଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ତଦନ୍ତ ଜାରି ରଖିଛି। ଏଭଳି ଘଟଣା ଘଟିବା ଦ୍ୱାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟରେ ଜଙ୍ଗଲ ଜମିର ତ୍ୱରିତ ମଞ୍ଜୁରୀ

**ଭୁବନେଶ୍ୱର, ୧୮।୦୪ ନ୍ୟୁଜ୍‌ବ୍ୟୁରୋ**

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ସାପ୍ତାହିକ ସମୀକ୍ଷା ବୈଠକ ଜଙ୍ଗଲ ବିଭାଗର ମୁଖ୍ୟ ଦପ୍ତର ଠାରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ନୋଡାଲଙ୍କର ଅଧ୍ୟକ୍ଷତାରେ ସମ୍ପୃକ୍ତ ବିଭାଗମାନଙ୍କ ସହ ଆୟୋଜନ କରି ପ୍ରକଳ୍ପମାନଙ୍କରେ ଥିବା ଜଙ୍ଗଲ ଜମିର ମଞ୍ଜୁରୀ ସଂକ୍ରାନ୍ତରେ ରହିଥିବା ବିଭିନ୍ନ ସମସ୍ୟାର ତ୍ୱରିତ ଏବଂ ସୂଚାରୁ ସମାଧାନର ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଏହି କ୍ରମରେ ଶୁକ୍ରବାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମୀକ୍ଷା ବୈଠକ ଜଙ୍ଗଲ ବିଭାଗର ମୁଖ୍ୟ ଦପ୍ତର ଠାରେ ଆୟୋଜିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ କେନ୍ଦ୍ର ସରକାରଙ୍କର ଅଧୀନସ୍ଥ ରେଳ ମନ୍ତ୍ରଣାଳୟର ଛଅଗୋଟି, ଗ୍ୟାସ୍ ଅଥରିଟି ଅଫ ଇଣ୍ଡିଆର ଏକଗୋଟି, ଇଣ୍ଡିଆନ ଅଏଲ କର୍ପୋରେସନର ଏକଗୋଟି, ରାଜ୍ୟ ସରକାରଙ୍କର ଅଧୀନସ୍ଥ ଏକଲବ୍ୟ ମଡ୍ରେଲ ରେସିଡେନ୍ସିଆଲ ସ୍କୁଲର ଆଠଗୋଟି, ଜଳ ସମ୍ପଦ ବିଭାଗର ତିନିଗୋଟି, ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନର ସାତଗୋଟି, ଏହିଭଳି ସର୍ବମୋଟ ୨୬ ଗୋଟି ପ୍ରକଳ୍ପର ଅଗ୍ରଗତି ଏବଂ ଜଙ୍ଗଲ ଜମିର ଚୂଡାନ୍ତ ମଞ୍ଜୁରୀ ଦିଗରେ ରହିଥିବା ସମସ୍ୟା ବାବଦରେ ବିଶଦ ଆଲୋଚନା କରାଯାଇ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସମୟସୀମା ନିର୍ଦ୍ଧାରଣ କରାଯାଇଛି।

## ବୈତରଣୀ ନଦୀରେ ବୁଡ଼ିଯାଇ ୨ ଛାତ୍ରଙ୍କ ମୃତ୍ୟୁ

**ଚମ୍ପୁଆ, ୧୮।୦୪ ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ସରେଇ ବୈତରଣୀ ନଦୀର କେଶରୀ କୁଣ୍ଡରେ ଏକ ଅଘଟଣ ଘଟିଛି। ଏଠାରେ କେତେକ ଛାତ୍ର ଗାଧୋଉ ଥିବା ବେଳେ ବୁଡ଼ିଯାଇ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ଦ୍ୱୟ ହେଲେ ନିତେଶ ପୋଦ୍ଦାର ଓ ପ୍ରୀତମ ମହାନ୍ତ। ମୃତକ ମଧ୍ୟରୁ ଜଣେ ଚମ୍ପୁଆସ୍ଥିତ ଏକ ଘରୋଇ ଇଂରାଜୀ ମିଡିୟମ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅଞ୍ଚଳର ସରେଇ ବୈତରଣୀ ନଦୀର କେଶରୀକୁଣ୍ଡକୁ ଶୁକ୍ରବାର ଅପରାହ୍ଣରେ ଆଠ ଜଣ ଛାତ୍ର ସାଙ୍ଗହୋଇ ଗାଧେଇବାକୁ ଯାଇଥିଲେ। ସେମାନେ ଗାଧୋଇବା ସମୟରେ ଅଘଟଣର ଶିକାର ହୋଇଥିଲେ। ଛାତ୍ରମାନଙ୍କ ମଧ୍ୟରୁ ନିତେଶ ଓ ପ୍ରୀତମଙ୍କ ସହିତ ତିନି ଜଣ ହଠାତ୍ ଭାସି ଯାଇଥିଲେ। ତେବେ ଅନ୍ୟମାନେ ଜଣକୁ ଉଦ୍ଧାର କରିଥିବା ବେଳେ ଦୁଇ ଜଣ ଭାସି ଯାଇଥିଲେ। ୫ ଜଣଙ୍କର ଉଦ୍ୟମ ଯୋଗୁଁ ନିତେଶ ଓ ପ୍ରୀତମଙ୍କୁ ଉଦ୍ଧାର କରାଯାଇ ପାରିଥିଲା। ପରେ ଦୁଇ ଜଣଙ୍କୁ ଚମ୍ପୁଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ନିତେଶଙ୍କ ପରିବାର ଲୋକ ଡାକ୍ତରଖାନାରେ ପହଞ୍ଚିଥଲେ। ଡାକ୍ତରଖାନା ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହେଇଥିଲା। ପୁଲିସ ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚିଛି। ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

## ଆସିଗଲା ନୂଆ ଟେକ୍ନିକ୍ : ଏବେ ଭୂମିକମ୍ପ ହେବା ମାତ୍ରେ ପବନରେ ଉଡ଼ିବ ଘର, ରହିବନି ବିପଦ

**ନୂଆଦିଲ୍ଲୀ, ୧୮।୦୪**

ପ୍ରତିଦିନ ସାରା ବିଶ୍ୱରେ ଏପରି ପ୍ରଯୁକ୍ତିବିଦ୍ୟା ବିକଶିତ ହେଉଛି ଯାହା ଆଶ୍ଚର୍ଯ୍ୟଜନକ। ଜାପାନରେ ସମାନ ପ୍ରକାରର ଏକ ପ୍ରଯୁକ୍ତିବିଦ୍ୟା ବିକଶିତ ହୋଇଛି। ଜାପାନୀ କମ୍ପାନୀ ଏୟାର ଡାନସିନ ଏକ ସ୍ୱତନ୍ତ୍ର ପ୍ରଯୁକ୍ତିବିଦ୍ୟା ବିକଶିତ କରିଛି, ଯାହା ସାହାଯ୍ୟରେ ଲୋକମାନେ ଭୂମିକମ୍ପ ସମୟରେ ମଧ୍ୟ ସୁରକ୍ଷିତ ରହିପାରିବେ। ଏହି ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ, ଭୂମିକମ୍ପ ସମୟରେ ଘର ପବନରେ ଅର୍ଥାତ୍ ଭୂମିଠାରୁ କିଛି ସେଣ୍ଟିମିଟର ଉପରକୁ ଉଠିଯିବ। ଏପରି ପରିସ୍ଥିତିରେ ଭୂମିକମ୍ପର କୌଣସି ପ୍ରଭାବ ପଡ଼ିବ ନାହିଁ।

ସାଧାରଣ ଦିନରେ, ଏହି



ପ୍ରଯୁକ୍ତିବିଦ୍ୟା ଘରଟିକୁ ଭୂମି ଉପରେ ରଖିବ କିନ୍ତୁ ଭୂମିକମ୍ପ ହେବା ମାତ୍ରେ ଅର୍ଥାତ୍ ପୃଥିବୀ କମ୍ପିତ ହେବା ମାତ୍ରେ ଏହା ସକ୍ରିୟ ହୋଇ ଘରକୁ ଭୂମି ଉପରକୁ ଉଠାଇବ। ଏହି ପ୍ରଯୁକ୍ତିବିଦ୍ୟାରେ, ଯେତେବେଳେ ଭୂମିକମ୍ପ ଯୋଗୁ ପୃଥିବୀ କମ୍ପିତ ହୁଏ, ସିଷ୍ଟମଟି ଏୟାରବ୍ୟାଗ ଭିତରେ ଥିବା ବାୟୁକୁ ବହୁତ ଦ୍ରୁତ ଗତିରେ ସଙ୍କୁଚିତ କରିବା ଆରମ୍ଭ କରେ, ଏୟାର ବ୍ୟାଗ୍‌ଗୁଡ଼ିକ ଫୁଲିଯାଏ ଏବଂ ଘର ଭୂମିଠାରୁ କିଛି ସେଣ୍ଟିମିଟର ଉପରକୁ ଉଠିଯାଏ, ଯାହା ଫଳରେ ଘର ଭୁଶୁଡ଼ିବାର ବିପଦକୁ ଏଡାଯାଇପାରେ। ଏହି ପ୍ରଯୁକ୍ତିବିଦ୍ୟା ବିଷୟରେ ଏୟାର ଡାନଶିନ ସିଷ୍ଟମ୍ସ ଇନକର୍ପୋରେଟେଡ ଦ୍ୱାରା ଦିଆଯାଇଥିବା ସୂଚନା ଅନୁସାରେ, ଏହା ଘରକୁ ପ୍ରାୟ ୩ ସେଣ୍ଟିମିଟର ଉଚ୍ଚତାକୁ ନେଇଥାଏ। ଏହା ଭୂମିକମ୍ପର ମାତ୍ର ୫ ସେକେଣ୍ଡ ମଧ୍ୟରେ ଘଟେ। ଯେତେବେଳେ ଭୂମିକମ୍ପ କମ୍ପନ ବନ୍ଦ ହୋଇଯାଏ, ଏହା ତୁରନ୍ତ ଘରକୁ ପୁଣି ଥରେ ଭୂମିକୁ ଫେରାଇ ଆଣେ।

ଏହି ପ୍ରଯୁକ୍ତିବିଦ୍ୟାର ପରୀକ୍ଷଣ ୨୦୨୧ରେ କରାଯାଇଥିଲା, ଯାହା ସଫଳ ହୋଇଥିଲା। ସେତେବେଳେ ଏହି ସିଷ୍ଟମ କିଛି ଘର ଭିତରେ ସ୍ଥାପିତ ହୋଇଥିଲା। ୭.୧ ତୀବ୍ରତାର ଭୂମିକମ୍ପ ହୋଇଥିବାବେଳେ ଏହି କୌଶଳ ସଫଳତାର ସହ କାମ କରୁଥିବା ଦେଖାଯାଇଥିଲା। ଯେଉଁ ଘରେ ଏହି କୌଶଳ ବ୍ୟବହାର କରାଯାଇଥିଲା ସେଠାରେ କୌଣସି କ୍ଷତି ହୋଇ ନ ଥିଲା। ମିଆଁମାରରେ ହୋଇଥିବା ସମ୍ପ୍ରତି ଭୂମିକମ୍ପ ସମଗ୍ର ବିଶ୍ୱକୁ ଥରାଇ ଦେଇଛି। ଏଠାରେ ହଜାର ହଜାର ଲୋକ ପ୍ରାଣ ହରାଇଲେ। ଏହା ମଧ୍ୟ ଦାବି କରାଯାଇଛି, ଜାପାନକୁ ମଧ୍ୟ ଭୂମିକମ୍ପର ସମ୍ମୁଖୀନ ହେବାକୁ ପଡ଼ିପାରେ। ଜାପାନ ସରକାର ଏକ ରିପୋର୍ଟ ଜାରି କରି ଚେତାବନୀ ଦେଇଛନ୍ତି, ଦେଶ ଭୂମିକମ୍ପର ସମ୍ମୁଖୀନ ହୋଇପାରେ। ଏହି କାରଣରୁ ସୁନାମି ଆସି ବଡ଼ ଧ୍ୱଂସ ଘଟାଇପାରେ।